ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୭/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 17/2022 Page 14 ₹ 7.00 | ★★★★

୪୮ଶ ଭାଗ ୧୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

ଛବି କର୍କଟରେ ଆକ୍ରାନ୍ତ ୧୦

ହିନ୍ଦୀ ସିରିଏଲ୍ ଜଗତର ଜଣାଶୁଣା ଅଭିନେତ୍ରୀ ଛବି ମିତ୍ତଲ ବ୍ରେଷ୍ଟ କ୍ୟାନ୍ସରରେ ଆକ୍ରାନ୍ତ ହୋଇଥିବା ନେଇ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛନ୍ତି।

ଲୋକେଶ ରାହୁଲଙ୍କ ଅପରାଜିତ ଶତକ ୧୪

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟସ ଅଧିନାୟକ ଲୋକେଶ ରାହୁଲ ଦ୍ରୁତ ଅପରାଜିତ ଶତକ ହାସଲ କରିଛନ୍ତି।

ପରିବହନ ବିବାଦ ଯୋଗୁ ଚିଲିକାରେ ଶନିବାର ଡଙ୍ଗାରେ ଫସି ରହିଥିବା ଯାତ୍ରୀମାନେ।

ଚିଲିକାରେ ଫସିଲେ ଶତାଧିକ ଯାତ୍ରୀ

କୃଷ୍ଣପ୍ରସାଦ,୧୬।୪(ଡିଏନ୍.ଏ.)

ଡଙ୍ଗାରେ ଯାତ୍ରୀ ପରିବହନକୁ ନେଇ ସୃଷ୍ଟ ବିବାଦ ଯୋଗୁ ଶନିବାର ଚିଲିକାରେ ଶତାଧିକ ଯାତ୍ରୀ ୨ଘଣ୍ଟା ଫସି ରହିଥିଲେ। କୃଷ୍ଣପ୍ରସାଦ ପୋଲିସର ହସ୍ତକ୍ଷେପ ପରେ ଅପରାହ୍ନ ୫ଟାରେ ଡଙ୍ଗା କୂଳରେ ଲାଗିବା ସହ ଯାତ୍ରୀମାନେ ଓହ୍ଲାଇଥିଲେ। ସୂଚନା ମୁତାବକ, ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ଦ୍ୱିତୀୟ ବାଲିଯାତ୍ରା ତଥା ପଣାଯାତ୍ରା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ସାତପଡ଼ା ଘାଟରୁ ଜହ୍ନିକୁଦା ଘାଟ ଓ ଜହ୍ନିକୁଦା ଘାଟରୁ ସାତପଡ଼ା ଘାଟକୁ ଚିଲିକାରେ ୫ କିଲୋମିଟର ପ୍ରତିଦିନ ହଜାର ହଜାର ଯାତ୍ରୀ ପାରି ହୋଇଥାନ୍ତି।

ଡଙ୍ଗାରେ ପରିବହନ ନେଇ ବିବାଦ

ଡଙ୍ଗା ଚାଳକଙ୍କ ମଧ୍ୟରେ ଏକ ସର୍ତ୍ତ ରହିଥିଲା ଯେ, ଜହ୍ନିକୁଦାରୁ ସାତପଡ଼ାକୁ ଯାଇଥିବା ଡଙ୍ଗା ଯାତ୍ରୀଙ୍କୁ ଓହ୍ଲାଇବା ପରେ ଖାଲିରେ ଫେରିବ। ସେହିଭଳି ସାତପଡ଼ାରୁ ଜହ୍ନିକୁଦା ଯାଇଥିବା ଡଙ୍ଗା ଯାତ୍ରୀଙ୍କୁ ଓହ୍ଲାଇ ଖାଲିରେ ଆସିବ। ତେବେ ଶନିବାର ଅପରାହ୍ନରେ ସାତପଡ଼ାରୁ ଯାତ୍ରୀ ନେଇ ଆସିଥିବା ଡଙ୍ଗା ଚାଳକ ନିୟମ ଭଙ୍ଗ କରି ଜହ୍ନିକୁଦାରୁ ଯାତ୍ରୀ ଉଠାଇବାକୁ ନେଇ ବିବାଦ ଉପୁଜିଥିଲା। ଉଭୟ ପକ୍ଷ ଯାତ୍ରୀମାନଙ୍କୁ କୂଳରେ ନ ଓହ୍ଲାଇବା ଯୋଗୁ ଚିଲିକାରେ ଯାତ୍ରୀମାନେ ଡଙ୍ଗାରେ ଫସି ରହିଥିଲେ। ଅନ୍ୟପଟେ ଏହି ବିବାଦ ଯୋଗୁ ଉଭୟ କୂଳରେ ହଜାର ହଜାର ଯାତ୍ରୀ ଚିଲିକା ପାର ହୋଇ ନ ପାରି ହଇରାଣ ହୋଇଥିଲେ। ଖବରପାଇ କୃଷ୍ଣପ୍ରସାଦ ପୋଲିସ ଜହ୍ନିକୁଦା ଓ ସାତପଡ଼ା ଘାଟରେ ପହଞ୍ଚି ଡଙ୍ଗା ଚାଳକଙ୍କୁ ବୁଝାଶୁଝା କରିବା ସହ ପୂର୍ବ ସର୍ତ୍ତକୁ ଉଭୟ ପକ୍ଷ ପାଳନ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ପରିବହନ ସ୍ୱାଭାବିକ ହୋଇଥିଲା। ବିବାଦ ସମାଧାନ ହେବାର କିଛି ସମୟ ପରେ କାଳବୈଶାଖୀ ହେବାରୁ ଯାତ୍ରୀମାନେ ଏକ ବିପଦରୁ ରକ୍ଷା ପାଇଯାଇଛନ୍ତି।

ଜୁନ୍ ୬ରୁ ୧୬ ଖରାଛୁଟି

ମେ' ୨ରୁ ଜୁନ୍ ୫ ଯାଏ ସକାଳ ୬ରୁ ୯ଟା ପର୍ଯ୍ୟନ୍ତ ପାଠପଢ଼ା

ଭୁବନେଶ୍ୱର, ୧୬।୪(ବ୍ୟୁରୋ)

ଚଳିତବର୍ଷ ଖରାଛୁଟି ବା ଗ୍ରୀଷ୍ମଛୁଟି ଅବଧିକୁ ରାଜ୍ୟ ସରକାର କମାଇ ଦେଇଛନ୍ତି। ପ୍ରତିବର୍ଷ ଖରାଛୁଟି ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ଧରି ହୋଇଥାଏ। ହେଲେ କରୋନା ପାଇଁ ଶିକ୍ଷାଦାନରେ ବାଧାପ୍ରାପ୍ତ ଏବଂ ପାଠ୍ୟକ୍ରମ ଶେଷ ହୋଇ ନ ଥିବା କାରଣରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ଖରାଛୁଟି କମାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏତେ ଦିନ ଖରାଛୁଟି ନ କରି ଏହି ସମୟରେ ପାଠ୍ୟକ୍ରମ ଶେଷ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିନ୍ତା କରିଛି। ତେଣୁ ମାତ୍ର ୧୧ ଦିନ ଅର୍ଥାତ୍ ଜୁନ୍ ୬ରୁ ୧୬ ପର୍ଯ୍ୟନ୍ତ ଖରାଛୁଟି କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଏହା ଲାଗୁ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା

ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

ଏବେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ସକାଳୁଆ ସ୍କୁଲ ଚାଲୁ ରହିବ। ତେବେ ପାଠପଢ଼ା ସମୟସାରିଣୀରେ କିଛିଟା ପରିବର୍ତ୍ତନ କରାଯାଇଛି। ମେ' ପହିଲାରୁ ଜୁନ୍ ୫ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ପାଠପଢ଼ା ହେବ। ମେ' ୧ତାରିଖ ରବିବାର ☞ପୃଷ୍ଠା-୪

ଏଥର ୧୦୦% ସିଲାବସ୍‌ରେ ପଢ଼ା

ଭୁବନେଶ୍ୱର, ୧୬।୪(ବ୍ୟୁରୋ)

ଏଣିକି ୧୦୦% ସିଲାବସ୍‌ରେ ପାଠପଢ଼ା ହେବ। ମେ' ପହିଲାରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବ। ନୂଆ ଶିକ୍ଷାବର୍ଷରୁ ନବମ ଓ ଦଶମ ଶ୍ରେଣୀ ପାଇଁ ପ୍ରାକ୍ଟିକାଲ ପରୀକ୍ଷା ହେବ ବୋଲି ଶନିବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। କୋଭିଡ୍ ମହାମାରୀ ଯୋଗୁ ଗତ ବର୍ଷ ୩୦% ପାଠ୍ୟକ୍ରମ କଟା ଯାଇଥିଲା। ହେଲେ ଚଳିତ ବର୍ଷ ମହାମାରୀ ପ୍ରଭାବ ନ ଥିବାରୁ ପୂର୍ବଭଳି ସ୍ୱାଭାବିକ ଭାବେ ଶତ ପ୍ରତିଶତ କୋର୍ସରେ ପାଠପଢ଼ା ହେବ ବୋଲି ସିବିଏସ୍‌ଇ ନିଷ୍ପତ୍ତି ନେଇଥିବାରୁ ଆମେ ମଧ୍ୟ ଏନେଇ ଚିନ୍ତା କରୁଛୁ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

ବୁଡ଼ିଗଲା ଡିଜେଲ ଜାହାଜ

୭୫୦ ଟନ୍ ତେଲ ସମୁଦ୍ରରେ ମିଶିବା ଆଶଙ୍କା

ଟ୍ୟୁନିସ୍, ୧୬।୪

ଡିଜେଲ ନେଇ ଇଜିପ୍ଟରୁ ମାଲ୍ଟା ଯାଉଥିବା ଏକ ଜାହାଜ ଶନିବାର ଟ୍ୟୁନିସିଆର ଦକ୍ଷିଣପୂର୍ବ ଉପକୂଳ ଗେବ୍‌ସ ଉପସାଗରରେ ବୁଡ଼ିଯାଇଛି। ଏଥିରେ ଥିବା ୭୫୦ ଟନ୍ ଡିଜେଲ ସମୁଦ୍ରରେ ମିଶିବା ଆଶଙ୍କା ଦେଖାଦେଇଛି। ଏଥିଯୋଗୁ ସାମୁଦ୍ରିକ ପରିବେଶ ପ୍ରଭାବିତ ହେବା ନେଇ ପରିବେଶବିତ ଚିନ୍ତା ପ୍ରକଟ କରିଛନ୍ତି। ଟ୍ୟୁନିସିଆ ଜଳସୀମାରେ ବୁଡ଼ିଥିବା ଏହି ଜାହାଜରୁ ତେଲ ଲିକ୍ ହୋଇ ନ ଥିବା ସ୍ଥାନୀୟ ପ୍ରଶାସନ କହିଛି। ପରିବେଶ ସମ୍ପର୍କିତ ବିପର୍ଯ୍ୟୟକୁ ରୋକିବା ପାଇଁ ବିପର୍ଯ୍ୟୟ ପ୍ରତିରୋଧ କମିଟି ପକ୍ଷରୁ ପଦକ୍ଷେପ ନିଆଯାଉଥିବା କୁହାଯାଇଛି।

ଶୁକ୍ରବାର ରାତିରେ ଖରାପ ପାଗ ଯୋଗୁ ଡିଜେଲ ପରିବହନ କରି ଯାଉଥିବା ଜାହାଜଟି ଆଗକୁ ବଢ଼ିବାରେ ଅସୁବିଧା ହୋଇଥିଲା।

ଫଳରେ ଟ୍ୟୁନିସିଆ ଜଳ ସୀମାରେ ଜାହାଜଟି ପ୍ରବେଶ ପାଇଁ ଅନୁମତି ମାଗିଥିଲା। ଟ୍ୟୁନିସିଆ ଉପକୂଳଠାରୁ ପ୍ରାୟ ୭ କି.ମି. ଦୂରରୁ ଜାହାଜରେ ପାଣି ପଶିଥିଲା। ପରେ ୧୯୦ ଫୁଟ୍ ଲମ୍ବ ଏବଂ ୩୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ଜାହାଜର ଇଞ୍ଜିନ୍ ରୁମ୍ ମଧ୍ୟ ବୁଡ଼ିଯାଇଥିଲା। ଦୁର୍ଘଟଣାଗ୍ରସ୍ତ ହେବା ପରେ ଜାହାଜରୁ ୭ କ୍ରିଉ ମେମ୍ବରଙ୍କୁ ଉଦ୍ଧାର କରାଯାଇଛି। ପାରମ୍ପରିକ ଭାବେ ମତ୍ସ୍ୟଜୀବୀଙ୍କ ଅଞ୍ଚଳ ଭାବେ ଜଣା ଗଲ୍ଫ ଅଫ୍ ଗେବ୍‌ସରେ ଏବେ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି। ଗେବ୍‌ସ ସିଟିରେ ଥିବା ଫସ୍‌ଫରସ୍ ପ୍ରକ୍ରିୟାକରଣ ଶିଳ୍ପ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଥିବାବେଳେ ତେଲ ଜାହାଜ ବୁଡ଼ି ସାମୁଦ୍ରିକ ପରିବେଶ ନଷ୍ଟ ହେବା ଭଳି ଘଟଣା ମଧ୍ୟ ଚିନ୍ତାର କାରଣ ପାଲଟିଛି। ୨୦୧୮ ଅକ୍ଟୋବରରେ ଟ୍ୟୁନିସିଆର ମାଲବାହୀ ଜାହାଜ କୋର୍ସିକାରୁ ପ୍ରାୟ ୩୦ କି.ମି. ଦୂର ଭର୍ଜିନିଆରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଶତାଧିକ ଟନ୍‌ର ତୈଳ ଭୂମଧ୍ୟ ସାଗରରେ ମିଶିଥିଲା। ଜାହାଜରୁ ସମସ୍ତ ଟ୍ୟାଙ୍କ କାଢ଼ି ସେଥିରୁ ପ୍ରାୟ ୫୨୦ କ୍ୟୁବିକ୍ ମିଟର ତୈଳ ବାହାର କରାଯାଇଥିଲା।

ଉପନିର୍ବାଚନରେ ଭାଜପାକୁ ଝଟକା

- ପଶ୍ଚିମବଙ୍ଗରେ ଟିଏମ୍‌ସି, ବିହାରରେ ଆର୍‌ଜେଡି ବିଜୟୀ
- ଛତିଶଗଡ଼, ମହାରାଷ୍ଟ୍ରରେ କଂଗ୍ରେସକୁ ସଫଳତା

ଶତ୍ରୁଘ୍ନ ସିହ୍ନା

ନୂଆଦିଲ୍ଲୀ/କୋଲକାତା,୧୬।୪

ଗୋଟିଏ ଲୋକ ସଭା ଏବଂ ୪ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପାକୁ ଶକ୍ତ ଝଟ୍‌କା ଲାଗିଛି। କେନ୍ଦ୍ରରେ ଶାସନରେ ଥିବା ଏହି ଦଳ ଗୋଟିଏ ହେଲେ ଆସନ ଜିତିପାରି ନାହିଁ। ବିହାରର ବୋଚହାନ, ମହାରାଷ୍ଟ୍ରର କୋହ୍ଲପୁର ଉତ୍ତର, ଛତିଶଗଡ଼ର ଖଇରାଗଡ଼ ଏବଂ ପଶ୍ଚିମବଙ୍ଗର ବାଲିଗଞ୍ଜ ବିଧାନସଭା ଆସନ ଏବଂ ଆସାନସୋଲ ଲୋକ ସଭା ଆସନ ଲାଗି ମଙ୍ଗଳବାର ଅନୁଷ୍ଠିତ ଉପନିର୍ବାଚନର ଫଳାଫଳ ଶନିବାର ପ୍ରକାଶ ପାଇଛି।☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ସୁପାରିସକୁ ଅପେକ୍ଷା

ଆଜିର ମନ୍ତବ୍ୟ

ଘୃଣା, ଧର୍ମାନ୍ଧତା ଓ ଅସହିଷ୍ଣୁ ମନୋଭାବ ଦେଶକୁ କବଳିତ କରିଛି। ଏହାକୁ ରୋକା ନ ଗଲେ ସମାଜର ଅପୂରଣୀୟ କ୍ଷତି ସାଧିତ ହେବ।

-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା

ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲର ପୂର୍ବତନ ଅଧ୍ୟକ୍ଷ ଆକର ପଟେଲଙ୍କ ବିରୋଧରେ ଜାରି ଲୁକ୍‌ଆଉଟ୍ ସର୍କୁଲାର ପ୍ରତ୍ୟାହାର ଲାଗି ଦିଲ୍ଲୀର ଏକ ଅଦାଲତ ଶନିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସର୍କୁଲାର ଯୋଗୁ ଆକାର ବିଦେଶ ଯାଇପାରୁ ନାହାନ୍ତି। ତେବେ ସିବିଆଇ ଆକାରଙ୍କୁ କ୍ଷମା ମାଗିବା ଆବଶ୍ୟକ ନାହିଁ ବୋଲି ଅଦାଲତ କହିଛନ୍ତି। ଗତ ୭ ତାରିଖରେ ତଳ କୋର୍ଟ ଆକାରଙ୍କୁ ଲିଖିତ କ୍ଷମା ମାଗିବା ଲାଗି ସିବିଆଇକୁ ନିର୍ଦ୍ଦେଶ ଦେଇଥିବାବେଳେ ପରେ ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିଥିଲା।

ଯୁଦ୍ଧାସ୍ତ୍ର ପ୍ଲାଣ୍ଟରେ ମିଶାଇଲ ମାଡ଼



ରୁଷିଆ ସପକ୍ଷବାଦୀ ସୈନ୍ୟମାନେ ମାରିଉପୋଲରେ ୟୁକ୍ରେନ୍ ବିରୋଧରେ ଲଢ଼ିବା ପାଇଁ ଅସ୍ତ୍ରଶସ୍ତ୍ର ନେଉଛନ୍ତି।

କିଭ୍, ୧୬।୪

ୟୁକ୍ରେନ୍ ରାଜଧାନୀରୁ ସୈନ୍ୟ ପ୍ରତ୍ୟାହାର କରି ଦେଶର ପୂର୍ବ ଭାଗ ଉପରେ ଦୃଷ୍ଟି ପକାଇଥିବା ରୁଷିଆ ପୁଣି କିଭ୍‌କୁ ଟାର୍ଗେଟ କରିଛି। କିଭ୍‌ରେ ସ୍ଥିରତା ଫେରିବା ଆଶା କରାଯାଉଥିବାବେଳେ ରୁଷିଆ ଏହାର ଉପାନ୍ତରେ ଥିବା ଏକ ମିଲିଟାରି ପ୍ଲାଣ୍ଟ ଉପରେ ଶନିବାର ମିଶାଇଲ ମାଡ଼ କରିଛି। ଯୁଦ୍ଧ ସାମଗ୍ରୀ ନିର୍ମାଣ ହେଉଥିବା ଡାନ୍‌ନିଚ୍‌ସ୍କି ଜିଲାସ୍ଥିତ ଏହି ଫ୍ୟାକ୍ଟ୍ରିରେ ରୁଷିଆ ବିସ୍ଫୋରଣ ଘଟାଇଥିବା କିଭ୍ ମେୟର ଭିଟାଲି କ୍ଲିଟ୍‌ଶ୍ଚକୋ କହିଛନ୍ତି। ଗତ ମାସରେ ରୁଷୀୟ ସୈନ୍ୟ ଫେରି ପୂର୍ବ ୟୁକ୍ରେନ୍‌ର ଡୋନ୍‌ବାସ୍ ଅଞ୍ଚଳକୁ ଯିବାରେ କିଭ୍ ଆକ୍ରମଣରୁ କିଛି ସମୟ ପାଇଁ ନିସ୍ତାର ପାଇଥିଲା। ହେଲେ ଏବେ ପୁଣି ରୁଷିଆ ସେଠାରେ ଆକ୍ରମଣ କରିଛି। ମିଲିଟାରି ଫ୍ୟାକ୍ଟ୍ରି ଉପରେ ମସ୍କୋ ଦୂରଗାମୀ କ୍ଷେପଣାସ୍ତ୍ର ମାଡ଼ କରି ବିଲ୍ଡିଂକୁ ନଷ୍ଟ କରାଯାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଲଭିଭ୍‌ରେ ମଧ୍ୟ ମସ୍କୋ ନିକଟରେ ୟୁକ୍ରେନ୍‌ର ନେପଚ୍ୟୁନ୍ ମିଶାଇଲ ଆକ୍ରମଣରେ ରୁଷିଆର ଯୁଦ୍ଧଜାହାଜ ମସ୍କୋଭା କୃଷ୍ଣସାଗରରେ ବୁଡ଼ିଯିବା ପରେ ମସ୍କୋକୁ ବଡ଼ ଝଟକା ଲାଗିଛି। ଏହାପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ଜୋରଦାର କରିବାକୁ ଧମକ ଦେଇଛନ୍ତି। ଯୁଦ୍ଧ ଯୋଗୁ ୟୁକ୍ରେନ୍ ନାଗରିକଙ୍କ ଦୁର୍ଦ୍ଦଶା ସାମ୍ନାକୁ ଆସିବାରେ ଲାଗିଛି। ୨ ସପ୍ତାହ ତଳେ ରୁଷିଆ ସୈନ୍ୟ କିଭ୍ ଛାଡ଼ିଯିବା ପରେ କେବଳ ସେହି ଅଞ୍ଚଳରୁ ୯୦୦ ମୃତଦେହ ଠାବ କରାଯାଇଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ସେହିପରି ପୂର୍ବ ୟୁକ୍ରେନ୍‌ରେ ରୁଷିଆର ଘନଘନ ଆକ୍ରମଣ ଜାରି ରହିଛି। ଖର୍କିଭର ଏକ ମାର୍କେଟରେ ଶନିବାର ମିଶାଇଲ ମାଡ଼ ଯୋଗୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୮ ଜଣ ଆହତ ହୋଇଛନ୍ତି। ମାରିଉପୋଲ ବନ୍ଦର ଓ ଷ୍ଟିଲ୍ ପ୍ଲାଣ୍ଟ ନିକଟରେ ଉଭୟ ପକ୍ଷ ମଧ୍ୟରେ ଜୋରଦାର ଲଢ଼େଇ ଚାଲିଛି। ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ଯୋଗାଣ ଜାରି ରଖିଛନ୍ତି। ତେଣୁ ପୂର୍ବ ୟୁକ୍ରେନ୍‌କୁ ସମ୍ପୂର୍ଣ୍ଣ କବ୍‌ଜା ରଣନୀତିକୁ ସଫଳ କରିବାକୁ ରୁଷିଆ ଏହି ୟୁରୋପୀୟ ଦେଶର ମିଲିଟାରି ହବ୍‌କୁ ଟାର୍ଗେଟ କରୁଛି।

ଆକ୍ରମଣରୁ ନିସ୍ତାର ନାହିଁ

- ରୁଷିଆ ଟାର୍ଗେଟକୁ ଫେରିଲା କିଭ୍
- ମିଳିଲାଣି ୯୦୦ ମୃତଦେହ

ପୁଟିନ୍‌ଙ୍କ ସହଯୋଗୀଙ୍କୁ ମାଡ଼ ମାରିଛନ୍ତି ୟୁକ୍ରେନ୍ ଅଧିକାରୀ

ଭିକ୍ଟୋର ମେଡ୍‌ଭେଦ୍‌ଚୁକ୍‌ଙ୍କ ସହ ଓକ୍‌ସାନା ମାର୍‌ଚେନ୍‌କୋ

କିଭ୍, ୧୬।୪

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ଭିକ୍ଟୋର ମେଡ୍‌ଭେଦ୍‌ଚୁକ୍‌ଙ୍କୁ ୟୁକ୍ରେନ୍ ଗୋଇନ୍ଦା ଅଧିକାରୀ ମଙ୍ଗଳବାର ଗିରଫ କରିଥିଲେ। ତାଙ୍କୁ ମାଡ଼ ମରାଯାଇଥିବା ଭିକ୍ଟୋରଙ୍କ ସେଲିବ୍ରିଟି ସ୍ତ୍ରୀ ଓକ୍‌ସାନା ମାର୍‌ଚେନ୍‌କୋ ଅଭିଯୋଗ କରିଛନ୍ତି। ଭିକ୍ଟୋରଙ୍କ ଉପରେ ଅତ୍ୟାଚାର ବନ୍ଦ କରି ତାଙ୍କୁ ମୁକ୍ତ କରାଯିବାକୁ ଓକ୍‌ସାନା ଶୁକ୍ରବାର ଏକ ଭିଡିଓ ବାର୍ତ୍ତାରେ ଦାବି କରିଛନ୍ତି। ରାଜନୈତିକ ଶତ୍ରୁତା ରଖାଯାଇ ଭିକ୍ଟୋରଙ୍କୁ ବେଆଇନ ଭାବେ ଗିରଫ କରାଯାଇଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ପୂର୍ବତନ ଟିଭି ଷ୍ଟାର ତଥା 'ଏକ୍ସ ଫ୍ୟାକ୍ଟର' ଉପସ୍ଥାପିକା ଓକ୍‌ସାନା ସ୍ୱାମୀ ଭିକ୍ଟୋରଙ୍କୁ ମୁକୁଳାଇବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ନିବେଦନ କରିଛନ୍ତି।

ଭିକ୍ଟୋର ମେଡଭେଦ୍‌ଚୁକ ୟୁକ୍ରେନ୍‌ର ଜଣେ ରାଜନେତା ତଥା ଦେଶର ବିତ୍ତଶାଳୀ ବ୍ୟକ୍ତି। ପୁଟିନ୍‌ଙ୍କ ସହ ଘନିଷ୍ଠତା ଯୋଗୁ ସେ ସର୍ବଦା ବିବାଦରେ ରହିଥାନ୍ତି। ରୁଷିଆର ୟୁକ୍ରେନ୍ ଆକ୍ରମଣ ପୂର୍ବରୁ ଭିକ୍ଟୋରଙ୍କୁ ଗୃହବନ୍ଦୀ ରଖାଯାଇଥିଲା। ଯୁଦ୍ଧବେଳେ ସେ ବାହାରକୁ ପଳାଇଆସିଥିଲେ।

ବୋରିସ୍‌ଙ୍କୁ ବ୍ୟାନ୍ କଲା ମସ୍କୋ

ତାଲିକାରେ ୩ ଭାରତୀୟ ବଂଶୋଦ୍ଭବ

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ଉପରେ ରୁଷିଆ କଟକଣା ଲଗାଇଛି। ୟୁକ୍ରେନ୍ ଯୁଦ୍ଧରେ ଶତ୍ରୁତାପୂର୍ଣ୍ଣ ବ୍ୟବହାର ଦେଖାଇଥିବାରୁ ବୋରିସ୍ ରୁଷିଆ ଆସିପାରିବେ ନାହିଁ ବୋଲି ମସ୍କୋ ପକ୍ଷରୁ କୁହାଯାଇଛି। ଏହାସହ ବ୍ରିଟେନ ସରକାରଙ୍କ ମୋଟ ୧୩ ଜଣଙ୍କ ଉପରେ ଏହି ବ୍ୟାନ୍ ଲଗାଯାଇଥିବା ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରେ ବ୍ରିଟେନର ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍, ପ୍ରତିରକ୍ଷା ସଚିବ ବେନ୍ ୱାଲାସେ, ଉପପ୍ରଧାନମନ୍ତ୍ରୀ ଲର୍ଡ ଚାନ୍‌ସେଲର, ନ୍ୟାୟ ବିଭାଗର ପରରାଷ୍ଟ୍ର ସଚିବ ଜଷ୍ଟିସ୍ ଡୋମିନିକ୍ ରାବ୍, ୩ ଭାରତୀୟ ବଂଶୋଦ୍ଭବ ଗୃହ ସଚିବ ପ୍ରୀତି ପଟେଲ, ଚାନ୍‌ସେଲର ରିଶି ସୁନକ ଏବଂ ଆଟର୍ନି ଜେନେରାଲ ସୁଏଲା ବ୍ରେଭରମ୍ୟାନ୍, ପୂର୍ବତନ ପ୍ରଧାନମନ୍ତ୍ରୀ ଥେରେସା ମେ, ସ୍କଟ୍‌ଲାଣ୍ଡର ପ୍ରଥମ ମନ୍ତ୍ରୀ ନିକୋଲା ଷ୍ଟରଜନ୍ ପ୍ରମୁଖ ରହିଛନ୍ତି। ରୁଷିଆ ବିରୋଧରେ ବ୍ରିଟେନ ଲଗାଇଥିବା କଟକଣା ବିରୋଧରେ ଏହି ପଦକ୍ଷେପ ନିଆଯାଇଥିବା ମସ୍କୋ ପକ୍ଷରୁ କୁହାଯାଇଛି।

ସଂକ୍ଷେପରେ

ଆଫଗାନିସ୍ତାନରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍: ୩୦ ମୃତ

କାବୁଲ,୧୬।୪: ଆଫଗାନିସ୍ତାନର ଖୋଷ୍ଟ ପ୍ରଦେଶରେ ଶୁକ୍ରବାର ରାତିରେ ପାକିସ୍ତାନ ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଛି। ଏଥିରେ ମହିଳା ଓ ଶିଶୁଙ୍କ ସମେତ ୩୦ ଜଣଙ୍କ ମୃତ୍ୟୁ ଘଟିଥିବା ଆଫଗାନିସ୍ତାନର ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ପାକିସ୍ତାନର ଅନ୍ୟୂନ ୨୬ ଯୁଦ୍ଧବିମାନ ଖୋଷ୍ଟ ପ୍ରଦେଶର ସ୍ପୁରା ଜିଲାର କେତେକ ଗ୍ରାମକୁ ଟାର୍ଗେଟ କରିଥିଲା। ଏହା ବ୍ୟତୀତ ଗୋର୍ବଜ ଜିଲାର ମାଷ୍ଟରବେଲ୍ ଅଞ୍ଚଳରେ ପାକିସ୍ତାନ ଓ ତାଲିବାନ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଉତ୍ତର ୱାଜିରିସ୍ତାନରେ ହୋଇଥିବା ଏୟାରଷ୍ଟ୍ରାଇକ୍‌ରେ ସରକାର ବିରୋଧୀ ଅନେକ ଆତଙ୍କବାଦୀ ନିହତ ହୋଇଥିବା ପାକିସ୍ତାନ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ତେବେ ପାକ୍ ସରକାର କିମ୍ବା ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ କୌଣସି ମନ୍ତବ୍ୟ ଦିଆଯାଇନାହିଁ।

ରଚନା ହେଲେ ଆମେରିକା ରାଷ୍ଟ୍ରଦୂତ

ୱାଶିଂଟନ୍, ୧୬।୪: ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଭାରତୀୟ ବଂଶୋଦ୍ଭବ ରଚନା ସଚସେବ କୋରହୋନେନ୍‌ଙ୍କୁ ମାଲି ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରିଛନ୍ତି। ଏ ନେଇ ହ୍ୱାଇଟ୍‌ହାଉସ ପକ୍ଷରୁ ଘୋଷଣା କରାଯାଇଛି। ମାସକରେ କୌଣସି ଭାରତୀୟ ବଂଶୋଦ୍ଭବଙ୍କୁ ଏଭଳି ନିଯୁକ୍ତି ମିଳିବାରେ ଏହା ତୃତୀୟ। ଆମେରିକା ବିଦେଶ ସେବାରେ ରଚନା ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସେ ଏବେ ଆମେରିକା ବହିର୍ବ୍ୟାପାର ବ୍ୟୁରୋର ନିଅର ଇଷ୍ଟର୍ଣ୍ଣ ଆଫାୟର୍ସ ଏବଂ ବ୍ୟୁରୋ ଅଫ୍ ସାଉଥ ଆଣ୍ଡ୍ ସେଣ୍ଟ୍ରାଲ ଏସିଆନ୍ ଆଫାୟର୍ସର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି। ପୂର୍ବରୁ ସେ ସାଉଦି ଆରବର ଧରାନସ୍ଥିତ ଆମେରିକା କନ୍‌ସୁଲେଟରେ କନ୍‌ସଲ୍ ଜେନେରାଲ ଏବଂ ପ୍ରିନ୍ସିପାଲ ଅଫିସର ଥିଲେ ବୋଲି ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି। ଏଥିସହ ରଚନା କଲମ୍ବୋସ୍ଥିତ ଆମେରିକା ଦୂତାବାସର ମ୍ୟାନେଜମେଣ୍ଟ ସେକ୍ସନର ନେତୃତ୍ୱ ନେଇଛନ୍ତି। ଏଥିସହ ୱାଶିଂଟନ୍‌ରେ ମଧ୍ୟ ମ୍ୟାନେଜମେଣ୍ଟ ସେକ୍ରେଟାରୀଙ୍କ ଅଧୀନରେ ସ୍ପେଶିଆଲ ଆସିଷ୍ଟାଣ୍ଟ ରହିଥିଲେ।

ମଞ୍ଚରେ ଲୁହା ସ୍ତମ୍ଭ ଖସି ଜଣେ ମୃତ

ଅଳ୍ପକେ ବର୍ତ୍ତିଲେ କେନ୍ଦ୍ରମନ୍ତ୍ରୀ ମେଘୱାଲ

ଆଗ୍ରା,୧୬।୪: ଉତ୍ତରପ୍ରଦେଶର ଆଗ୍ରାଠାରେ ଏକ କାର୍ଯ୍ୟକ୍ରମ ବେଳେ ମଞ୍ଚର ଲୁହା ସ୍ତମ୍ଭ ଖସିପଡ଼ିବାରୁ ଜଣେ ପ୍ରାଣ ହରାଇବା ସହ ୪ ଜଣ ଆହତ ହୋଇଛନ୍ତି। ମଞ୍ଚରେ ଉପସ୍ଥିତ ଥିବା କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ରାତିରେ ସଦର ଥାନା ଅନ୍ତର୍ଗତ ଭାମନଗରୀ ଅଞ୍ଚଳରେ ଆମ୍ବେଡ୍‌କର ଜୟନ୍ତୀ ପାଳନ ବେଳେ ଏଭଳି ଅଘଟଣ ଘଟିଥିବା ପୋଲିସ କହିଛି। ପ୍ରାଣ ହରାଇଥିବା ବ୍ୟକ୍ତି ସ୍ଥାନୀୟ ଅଞ୍ଚଳର ରାଜେଶ କୁମାର (୫୦)। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଲୁହା ସ୍ତମ୍ଭ ମଞ୍ଚରେ ବସିଥିବା ବିଶିଷ୍ଟ ବ୍ୟକ୍ତି, ଭାଜପା ନେତା ଓ ଉତ୍ସବ ଆୟୋଜକଙ୍କ ଉପରେ ପଡ଼ିଥିଲା।

୬ ମାସ ପରେ ଫେରିଲେ ଚାଇନା ମହାକାଶଚାରୀ

ବେଜିଂ, ୧୬।୪

ତିଆଙ୍ଗ୍‌ଓଙ୍ଗ ସ୍ପେସ୍ ଷ୍ଟେଶନରେ ଦୀର୍ଘତମ ରହଣି

ମହାକାଶରେ ଦୀର୍ଘ ୬ ମାସର ରହଣି ପରେ ଭୂପୃଷ୍ଠକୁ ଫେରିଛନ୍ତି ଚାଇନାର ୩ ମହାକାଶଚାରୀ। ଚାଇନାର ନୂଆ ସ୍ପେସ୍ ଷ୍ଟେଶନରେ ପୂର୍ବଥର ଅପେକ୍ଷା ଦୁଇଗୁଣା ସମୟ ଧରି ରହିବାରେ ଏକ ନୂଆ ରେକର୍ଡ ହୋଇଛି। ଶେନ୍‌ଜୋଉ-୧୩ କ୍ୟାପ୍‌ସୁଲରେ ମହାକାଶଚାରୀ ଝାଇ ଝିଗାଙ୍ଗ, ୱାଙ୍ଗ୍ ୟାପିଙ୍ଗ୍ ଏବଂ ୟେ ଗୁଆଙ୍ଗଫୁ ସୁରକ୍ଷିତ ଭାବେ ଉତ୍ତର ଚାଇନାସ୍ଥିତ ଲ୍ୟାଣ୍ଡିଂ ସାଇଟ୍‌ରେ ଅବତରଣ କରିଥିଲେ। ଫଳରେ ମାନବଯୁକ୍ତ ଏହି ସ୍ପେସ୍‌ଫ୍ଲାଇଟ୍ ମିଶନ ସଫଳ ହୋଇଛି ବୋଲି ଗ୍ଲୋବାଲ ଟାଇମ୍ସ କହିଛି। ମହାକାଶଚାରୀମାନେ ତିଆଙ୍ଗ୍‌ଓଙ୍ଗ ସ୍ପେସ୍ ଷ୍ଟେଶନରେ ୬ ମାସ ଧରି ରହିଥିଲେ। ସେମାନେ ଦୁଇଥର ସ୍ପେସ୍‌ୱାକ୍ ମଧ୍ୟ କରିଥିଲେ। ଗତ ନଭେମ୍ବରରେ ମହାକାଶରେ ଚାଲିବାରେ ୱାଙ୍ଗ ପ୍ରଥମ ଚାଇନା ମହିଳା ହୋଇଥିଲେ। ପୂର୍ବରୁ ଶେନ୍‌ଜୋଉ-୧୨ କ୍ୟାପ୍‌ସୁଲ ଯୋଗେ ଯାଇଥିବା ମହାକାଶଚାରୀ ଉକ୍ତ ସ୍ପେସ୍ ଷ୍ଟେଶନରେ ୯୨ ଦିନ ରହଣି କରିଥିଲେ।

ପଞ୍ଜାବରେ ୩୦୦ ୟୁନିଟ ଯାଏ ବିଜୁଳି ମାଗଣା

ଚଣ୍ଡିଗଡ଼,୧୬।୪

ପଞ୍ଜାବର ପ୍ରତି ପରିବାରକୁ ମାସିକ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଜୁଲାଇ ୧ରୁ ମାଗଣାରେ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସରକାର ଶନିବାର ଗୋଟିଏ ମାସ ପୂରଣ କରିଥିବାବେଳେ ଉପରୋକ୍ତ ଘୋଷଣା କରାଯାଇଛି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) କ୍ଷମତାକୁ ଆସିଲେ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇ ଦିଆଯିବ ବୋଲି ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲା। ଅନୁସୂଚିତ ଜାତି, ପଛୁଆ ବର୍ଗ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଏବେ ପ୍ରତି ମାସରେ ୨୦୦ ୟୁନିଟ ବିଦ୍ୟୁତ୍ ମାଗଣା ମିଳୁଥିବାବେଳେ ଜୁଲାଇରୁ ସେମାନେ ୩୦୦ ୟୁନିଟ୍ ଲେଖାଏ ପାଇବେ। ତେବେ ଦୁଇ ମାସରେ ସେମାନଙ୍କ ବିଦ୍ୟୁତ୍ ଉପଯୋଗ ୬୦୦ ୟୁନିଟ୍‌ରୁ ଅଧିକ ହେଲେ ଅତିରିକ୍ତ ୟୁନିଟ୍ ପାଇଁ ସେମାନଙ୍କୁ ଦେୟ ପୈଠ କରିବାକୁ ପଡ଼ିବ ବୋଲି ମାନ୍ କହିଛନ୍ତି। ଅନ୍ୟ ପରିବାରଗୁଡ଼ିକରେ ବିଦ୍ୟୁତ୍ ଉପଯୋଗ ଦୁଇ ମାସରେ ୬୦୦ ୟୁନିଟ୍‌ରୁ ଅଧିକ ହେଲେ ସେମାନଙ୍କୁ ସମ୍ପୂର୍ଣ୍ଣ ଦେୟ ଭରିବାକୁ ପଡ଼ିବ। ଚାଷୀମାନଙ୍କୁ ମାଗଣା ବିଦ୍ୟୁତ୍ ଯୋଗାଣ ଜାରି ରହିବ। ଶିଳ୍ପ ଓ ବ୍ୟବସାୟିକ ଉପଭୋକ୍ତାଙ୍କ ଲାଗି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ତାମିଲନାଡୁରେ ହିନ୍ଦୀ ବିରୋଧୀ ଆନ୍ଦୋଳନ

ଚେନ୍ନାଇ,୧୬।୪

ହିନ୍ଦୀକୁ ଇଂଲିଶର ବିକଳ୍ପ କରାଯାଉ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମନ୍ତବ୍ୟ ଦେବା ପରେ ଏହା ବିରୋଧରେ ତାମିଲନାଡୁରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଶାହାଙ୍କ ମନ୍ତବ୍ୟ ବିରୋଧରେ ଶାସକ ଡିଏମ୍‌କେ, ବିରୋଧୀ ଦଳ ଏଆଇଏଡିଏମ୍‌କେ, ପିଏମ୍‌କେ, ଏମ୍‌ଡିଏମ୍‌କେ ଓ ଅନ୍ୟ ଦଳଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। ଡିଏମ୍‌କେର ଦୈନିକ ଖବରକାଗଜ 'ମୁରାସୋଲି'ରେ ଶାହାଙ୍କ ମତାମତ ବିରୋଧରେ ଲେଖା ପ୍ରକାଶ ପାଇଛି। କୌଣସି ଭାଷାକୁ ଜବରଦସ୍ତ ଲଦିଦେବା ଦ୍ୱାରା ଦେଶରେ ଏକତା ସୃଷ୍ଟି ହେବ ନାହିଁ ବରଂ ଏହା ଭାଙ୍ଗିଯିବ ବୋଲି ଡିଏମ୍‌କେ ଏମ୍‌ପି କାନିମୋଝି କହିଛନ୍ତି। ପୂର୍ବରୁ ହିନ୍ଦୀ ବିରୋଧୀ ଆନ୍ଦୋଳନରେ ବହୁ ଲୋକଙ୍କ ଜୀବନ ଯାଇଥିଲା। କେନ୍ଦ୍ର ସରକାର ଓ ତାଙ୍କର ମନ୍ତ୍ରୀମାନେ ଏହା ଜାଣିବା ଆବଶ୍ୟକ ବୋଲି ସେ କହିଛନ୍ତି। ରାଜ୍ୟବାସୀଙ୍କ ଉପରେ ହିନ୍ଦୀ ଲଦି ଦିଆଗଲେ ଭାଜପା ଏହାକୁ ଗ୍ରହଣ କରିବ ନାହିଁ ବୋଲି ଏହାର ରାଜ୍ୟ ନେତାମାନେ କହିଛନ୍ତି।

ବିଶ୍ୱ ପରିଚୟ ହାସଲ ପାଇଁ ସାରା ଦେଶରେ ଗୋଟିଏ ଭାଷା ପ୍ରଚଳନ ହେବା ଅତି ଜରୁରୀ ବୋଲି ଶାହା ଦୁଇବର୍ଷ ପୂର୍ବରୁ କହିଥିଲେ। କେବଳ ହିନ୍ଦୀ ହିଁ ସେହି ଏକଜୁଟ କରିବା ଶକ୍ତି ହୋଇପାରିବ ବୋଲି ସେ ମତ ଦେଇଥିଲେ। ତେବେ ହିନ୍ଦୀ ଭାଷାକୁ ଲଦିଦେବା ଲାଗି ଏହା କେନ୍ଦ୍ରର ଉଦ୍ୟମ ବୋଲି ତାମିଲନାଡୁ, କର୍ନାଟକ ଆଦି ବିଭିନ୍ନ ରାଜ୍ୟର ରାଜନେତାମାନେ ଅଭିଯୋଗ କରିଆସୁଛନ୍ତି। ଗୋଟିଏ ରାଷ୍ଟ୍ର, ଗୋଟିଏ ଭାଷା ନୀତି ଦେଶ ପାଇଁ ବିପର୍ଯ୍ୟୟ ସାବ୍ୟସ୍ତ ହେବ ବୋଲି ଡିଏମ୍‌କେ ଏବଂ ପିଏମ୍‌କେ ପକ୍ଷରୁ କୁହାଯାଇଛି।

ସାମ୍ପ୍ରଦାୟିକ ଦଙ୍ଗା ନେଇ ବିରୋଧୀଙ୍କ ଉଦ୍‌ବେଗ

ନୂଆଦିଲ୍ଲୀ,୧୬।୪

୧୩ ଦଳର ମିଳିତ ବିବୃତି ଜାରି

ମମତା ବାନାର୍ଜୀ ସୋନିଆ ଗାନ୍ଧୀ ଶରଦ ପାୱାର

ଦେଶର ବିଭିନ୍ନ ସ୍ଥାନରେ ଘଟିଯାଇଥିବା ସାମ୍ପ୍ରଦାୟିକ ଦଙ୍ଗାକୁ ନେଇ ଶନିବାର ୧୩ ବିରୋଧୀ ଦଳର ନେତା ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ଲାଗି ସେମାନେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଖାଦ୍ୟ, ବସ୍ତ୍ର, ବିଶ୍ୱାସ, ଉତ୍ସବ ଓ ଭାଷାକୁ ନେଇ ଯେଭଳି ବିବାଦ ସୃଷ୍ଟି କରାଯାଉଛି ତାହା ଚିନ୍ତାଜନକ ବୋଲି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ପ୍ରମୁଖ ମିଳିତ ବିବୃତିରେ କହିଛନ୍ତି। ସାମ୍ପ୍ରଦାୟିକ ହିଂସାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତା ସେମାନଙ୍କୁ ବ୍ୟଥିତ କରିଛି। ଯେଉଁମାନେ ଧର୍ମନ୍ଧତାର ପ୍ରଚାର କରାଉଛନ୍ତି ସମାଜରେ ଉତ୍ତେଜନା ସୃଷ୍ଟି କରୁଛନ୍ତି, ସେମାନଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ପଦେ ହେଲେ ନ କହିବା ଦୁର୍ଭାଗ୍ୟଜନକ। ଭାରତକୁ ଶହ ଶହ ବର୍ଷ ଧରି ସମୃଦ୍ଧ କରି ରଖିଥିବା ସାମାଜିକ ଏକତା ଓ ସଦ୍‌ଭାବନା ବଜାୟ ରଖିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲ

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୫୦,୩୯,୯୪,୬୯୯	୬୨,୨୧,୧୪୭	୪୫,୪୫,୩୯,୭୧୯
ଭାରତ	୪,୩୦,୪୦,୯୪୭	୫,୨୧,୭୭୬	୪,୨୫,୦୭,୮୩୪
ଓଡ଼ିଶା	୧୨,୮୭,୯୧୨	୯୧୨୩(+୫୩)	୧୨,୭୮,୬୨୨

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ଯୋଡ଼ା ଗୋଷ୍ଠୀ ସଂଘର୍ଷ ଘଟଣାରେ ୧୧ ଗିରଫ

ଯୋଡ଼ା, ୧୬।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରରେ ରାମ ନବମୀରେ ଝଣ୍ଡା ସ୍ଥାପନକୁ ନେଇ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ଉଭୟ ଗୋଷ୍ଠୀର ୧୧ଜଣଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୬୫/୨୨) ରୁଜୁ କରି ଯୋଡ଼ା କଣ୍ଟ୍ରାକ୍ଟର କଲୋନୀର ରାକେଶ ମହାନ୍ତି, କୁଣ୍ଡୁରୁନାଲା ଅଞ୍ଚଳର ମୁକେଶ ବାରିକ, ଅମନ କାରୁଆ, ନରେଶ ମହାକୁଡ, ଚନ୍ଦନ ଗୁପ୍ତା,ସହିଦ ନଗରର ବିଶ୍ୱଜିତ ଶର୍ମାଙ୍କୁ ଗିରଫ କରିଛି। ସେହିପରି ପାଲଟା ଅଭିଯୋଗରେ ପୋଲିସ ଆଉ ଏକ ମାମଲା (ନଂ. ୬୭/୨୨) ରୁଜୁ କରି ଯୋଡ଼ା ସଂଖ୍ୟାଲଘୁ ସମ୍ପ୍ରଦାୟର ଏମ୍‌ଡି ୱକିଲ, ଏମ୍‌ଡି ଦିଲାସାଦ ଆଲାମ, ଏମ୍‌ଡି ବାବୁ, ଏମ୍‌ଡି ମୁଦାସାର ଅନସାରୀ ଓ ହୁଡ଼ିସାହିର ଏମ୍‌ଡି ଏକବାଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରକାଶଯୋଗ୍ୟ, ରାମ ନବମୀ ପରବର୍ତ୍ତୀ ଦିନ ୪ନଂ ୱାର୍ଡରେ ଥିବା ଏକ ଶିବମନ୍ଦିରରେ ରାମ ଝଣ୍ଡା ସ୍ଥାପନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇ ପଥର ମାଡ଼ ହୋଇଥିଲା। ପୋଲିସ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଫାଙ୍କା ଗୁଳିଚାଳନା କରିବା ସହ ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୪୪ ଧାରା ଏବେ ମଧ୍ୟ ସହରରେ ବଳବତ୍ତର ରହିଛି। ତେବେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ବିଘଟନକାରୀଙ୍କ ଉପରେ ପ୍ରଶାସନ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

DADLS-10

Azadi Ka Amrit Mahotsav

ଓଡ଼ିଶା ସରକାର

ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ
୧୭ ଅପ୍ରେଲ, ୨୦୨୨
ସନ୍ଧ୍ୟା ଘ.୫.୩୦ମି. ସାଧାରଣ ସଭା ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମରେ ଯୋଗଦାନ କରିବେ ।

ସଭାପତି :
– ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି :
– ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ
– ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
– ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
– ଶ୍ରୀମତୀ ସୁଲୋଚନା ଦାସ, ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ
– ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ, ଉପଦେଷ୍ଟା ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
– ଡ. ଜେନିନ୍ ମହାନ୍ତି, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ସ୍ୱାଗତ ଭାଷଣ :
– ଶ୍ରୀଯୁକ୍ତ ବିଶ୍ୱପଦ ସେଠୀ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ହେଉଛନ୍ତି ଓଡ଼ିଆ ସ୍ୱତ୍ୱା ଓ ସ୍ୱାଭିମାନର ପ୍ରତୀକ । ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସୀ ବୈମାନିକ, ଶିଳ୍ପପତି, ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ଦୂରଦୃଷ୍ଟି ସମ୍ପନ୍ନ ରାଜନେତା ଭାବେ ସେ ଯେଉଁ ଶୀର୍ଷତ୍ୱକୁ ଅତିକ୍ରମ କରିଯାଇଥିଲେ, ତାହା ଅକଳ୍ପନୀୟ । ବିଗତ ଶତାବ୍ଦୀରେ ଓଡ଼ିଶାର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଉତ୍ତରଣରେ ତାଙ୍କର ଭୂମିକା ସମୃଦ୍ଧ ଏବଂ ସମୁଜ୍ଜ୍ୱଳ । ସମଗ୍ର ବିଶ୍ୱସ୍ତରରେ ଜଣେ ଅଦ୍ୱିତୀୟ ରାଷ୍ଟ୍ରନେତା ଭାବେ ନିଜକୁ ପ୍ରତିପାଦିତ କରିଥିବା ବିଜୁ ପଟ୍ଟନାୟକ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ନବ ଉତ୍କଳର ଏହି ବିନ୍ଧାଣିଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଚିରକାଳ ଓଡ଼ିଆ ଜାତିର ପଥ ଓ ପୃଥିବୀକୁ ଆଲୋକିତ କରୁଥିବ ।

OIPR-15001/13/0013/2223

ପରିବାର ଆଗରେ ସମୁଦ୍ରରେ ଭାସିଗଲେ

ଭାସିଯିବା ସମୟର ଭିଡିଓ ଭାଇରାଲ

ପୁରୀ ଅଫିସ/
ଲଙ୍ଗଳେଶ୍ୱର(ଡି.ଏନ୍.ଏ.), ୧୬।୪

ସପରିବାର ପୁରୀ ଆସିଥିଲେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୁଅର ମାନସିକ ପୂରଣ କରିବାକୁ। ଶନିବାର ପୁଅର ମୁଣ୍ଡନ କାର୍ଯ୍ୟକ୍ରମ ସରିବାପରେ ସମୁଦ୍ରରେ ସ୍ନାନ କରିଥିଲେ। ହେଲେ ଏହି ସ୍ନାନ ଯେ ତାଙ୍କ ପାଇଁ କାଳ ହେବ ତାହା ଜାଣି ନ ଥିଲେ। ପୁଅ ସହ ସମୁଦ୍ରରେ ଗାଧୋଉଥିବା ସମୟରେ ଜଣେ ବ୍ୟକ୍ତି ଭାସିଯାଇଛନ୍ତି। ନିଖୋଜ ବ୍ୟକ୍ତି ହେଉଛନ୍ତି ବାଲେଶ୍ୱର ଜିଲା ବସ୍ତା ବ୍ଲକ ଛତିନା ଗ୍ରାମର ବଂଶୀଧର ବେହେରା(୩୫)। ଖବରପାଇ ଅଗ୍ନିଶମ ବିଭାଗ ଓ ଲାଇଫଗାର୍ଡ ପକ୍ଷରୁ ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେଶନ୍ ଜାରି ରହିଥିଲେ ମଧ୍ୟ ବଂଶୀଧରଙ୍କ ପତ୍ତା ମିଳିପାରି ନାହିଁ। ତେବେ ବଂଶୀଧର ଭାସିଯିବା ସମୟର ଦୃଶ୍ୟ ତାଙ୍କ ପରିବାର ସଦସ୍ୟଙ୍କ ମୋବାଇଲରେ କଏଦ ହୋଇଛି। ଏହି ଭିଡିଓଟି ସୋସିଆଲ୍ ମିଡିଆରେ ଭାଇରାଲ ହେଉଥିବାବେଳେ ଏହା ଅତ୍ୟନ୍ତ ହୃଦୟ ବିଦାରକ। ଏ ନେଇ ପରିବାର ପକ୍ଷରୁ ସମୁଦ୍ରକୂଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ପକ୍ଷରୁ ମଧ୍ୟ ସବୁ

ସେକ୍ଟର ପାଟ୍ରୋଲିଂ ଟିମ୍‌କୁ ସଜାଗ କରାଯାଇଛି ବୋଲି ଆଇଆଇସି ଚିନ୍ମୟ ରାଉତ କହିଛନ୍ତି।

ମିଳିଥିବା ସୂଚନାନୁସାରେ ପୁଅର ମାନସିକ ଛୁଟି ପକାଇବା ପାଇଁ ଶୁକ୍ରବାର ବଂଶୀଧର ସ୍ତ୍ରୀ ଓ ପୁଅ କାର୍ତ୍ତିକଙ୍କୁ ଧରି ପୁରୀ ଆସିଥିଲେ। ପୁରୀରେ ଜଗନ୍ନାଥଙ୍କ ଦର୍ଶନ ପରେ ଶନିବାର ସକାଳ ପ୍ରାୟ ସାଢ଼େ ୯ଟାରେ ପୁଅର ଛୁଟି ପକାଇବା ପରେ ସ୍ଥାନୀୟ ଚୈତନ୍ୟ ଛକ ନିକଟ ସମୁଦ୍ର କୂଳକୁ ଯାଇ ପୁଅ ସହ ବଂଶୀଧର ଗାଧୋଇଥିଲେ। ଗାଧୋଇବାର ଦୃଶ୍ୟକୁ ଖୁସିରେ ସ୍ତ୍ରୀ ମୋବାଇଲ୍‌ରେ ରେକର୍ଡିଂ କରୁଥିଲେ। ହେଲେ ବଂଶୀଧର ଲହଡ଼ି ଭାଙ୍ଗୁଥିବା ବେଳେ ଅସାବଧାନତାବଶତଃ ତାଙ୍କ ମୁଣ୍ଡ ମାଡ଼ ହୋଇଯିବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଫଳରେ ସେ ପହଁରି ନ ପାରି ସମୁଦ୍ରରେ ଭାସି ଯାଇଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ଲାଇଫଗାର୍ଡ ଲୋକନାଥ ବେହେରା କହିଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ ଓ ଲାଇଫଗାର୍ଡ ପକ୍ଷରୁ ଦୀର୍ଘ ସମୟ ଧରି ସର୍ଚ୍ଚ ଅପରେଶନ୍ ଜାରି ରହିଥିଲେ ମଧ୍ୟ ବଂଶୀଧରଙ୍କ ପତ୍ତା ମିଳିପାରି ନାହିଁ। ଅପରପକ୍ଷରେ ଶନିବାର ପୂର୍ଣ୍ଣିମା ଥିବାରୁ ଗତ ୨ଦିନ ହେବ ଅଧିକ ଢେଉ ରହିଛି। ହେଲେ ଏନେଇ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ସଚେତନ କରାଯାଉ ନ ଥିବାରୁ ଏଭଳି ଅଭାବନୀୟ ଘଟଣା ଘଟୁଛି ବୋଲି କିଛି ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପୁଅର ନିଖୋଜ ଖବର ଶୁଣିବା ପରେ ଗ୍ରାମରେ ଥିବା ବୃଦ୍ଧ ମା'ବାପା କାନ୍ଦି କାନ୍ଦି ଚେତା ଶୂନ୍ୟ ହୋଇପଡୁଛନ୍ତି। ପୁଅ କେତେବେଳେ ଫେରିବ ତାକୁ ଅପେକ୍ଷା କରି ରହିଛନ୍ତି। ସେହିଭଳି ସମୁଦ୍ରରେ ଶନିବାର ଆଉ ଦୁଇ ପର୍ଯ୍ୟଟକ ଗାଧୋଉଥିବା ସମୟରେ ବୁଡ଼ିଯାଉଥିବାବେଳେ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ସେମାନେ ହେଲେ ଝାଡ଼ଖଣ୍ଡର ନିଶାନ୍ତ ଗୋୟେଲ ଓ ହିମାଂଶୁ କୁମାର। ଦୁଇ ବନ୍ଧୁ ପୁରୀ ଆସି ବେଳାଭୂମିକୁ ବୁଲିବାକୁ ଯାଇଥିବା ବେଳେ ସମୁଦ୍ର ଭିତରକୁ ଚାଲି ଯାଇଥିଲେ।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଅଭିମ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଳିଙ୍ଗନଗର,୧୬।୪(ଡି.ଏନ.ଏ.)

ଚମକା ଥାନା ଅଧୀନ ନଛିପୁରା ଗ୍ରାମର ମାଣିଆ ପୋଖରୀ ନିକଟ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଶନିବାର ପୂର୍ବାହ୍ନରେ ଜବତ କରିଛି। ମୃତ ଯୁବକ ହେଲେ କବିତ୍ରା ଗ୍ରାମର ବନମାଳି ପରିଡ଼ାଙ୍କ ପୁଅ ମହେନ୍ଦ୍ର ପରିଡ଼ା। ତାଙ୍କର ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପୋଲିସ ମୃତଦେହ ଜବତ କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨।୨୨ ରୁଜୁ ହୋଇଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆପଣା ପୁଅ ସୁନ୍ଦର, ପର ପୁଅ ବାନ୍ଦର।

ଗୋରା ହେଉ କି କଳା, ସନ୍ତାନ ଯେମିତି ହେଲେ ବି ପିତାମାତା ପାଇଁ ସୁନ୍ଦର ଲାଗିଥାଏ। ପିଲାର ସୌନ୍ଦର୍ଯ୍ୟ ତା'ର ଶରୀରରେ ନ ଥାଏ, ଥାଏ ପିତାମାତାଙ୍କ ଆଖିରେ। ପିଲା ଯେତେ ଅସୁନ୍ଦର ହେଲେବି ବାପାମା'ଙ୍କୁ କେବେ ଅସୁନ୍ଦର ଦେଖାଯାଏନାହିଁ। ପର ପିଲା ଅପେକ୍ଷା ନିଜ ପିଲା ବେଶି ସୁନ୍ଦର ଜଣାପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଆପଣା ସମ୍ପତ୍ତି ପରକୁ ଦେଇ ଶିବ ପଲେଇଲେ ଲଙ୍ଗଳା ହୋଇ।

ନିଜର ଅଧିକାର ପରକୁ ଦେବା ଉଚିତ ନୁହେଁ, କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ନିଜର ନିଜତ୍ୱ ହରାଇ ବସିବାର ଆଶଙ୍କା ରହିଥାଏ। ସେହିପରି ନିଜର ବ୍ୟକ୍ତିଗତ ସମ୍ପଦ ଅନ୍ୟକୁ ଦାନ କରି ନିଜେ କଷ୍ଟ ଭୋଗିବା ବା ଅବହେଳିତ ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

ଜୁନ୍ ୬ରୁ ୧୬...

ଛୁଟିଦିନ ଥିବାରୁ ୨ ତାରିଖରୁ ଜୁନ୍ ୫ତାରିଖ ପର୍ଯ୍ୟନ୍ତ ଉପରୋକ୍ତ ସମୟରେ ଶ୍ରେଣୀଗୃହ ପାଠପଢ଼ା ଚାଲୁ ରହିବ। ଏହି ସମୟରେ ମଧ୍ୟାହ୍ନ ଭୋଜନଭୁକ୍ତ ପିଲାଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ। କୋଭିଡ୍-୧୯ ମହାମାରୀ ଯୋଗୁ ବିଗତ ଦୁଇବର୍ଷ ମଧ୍ୟରେ ଶିକ୍ଷା ଗ୍ରହଣରେ ହୋଇଥିବା କ୍ଷତିଭରଣା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଦ୍ୱାରା ପ୍ରସ୍ତୁତ ଶୈକ୍ଷିକ ପୁନରୁଦ୍ଧାର ଯୋଜନା(ଲର୍ନିଂ ରିକଭରି ପ୍ଲାନ୍) ମାଧ୍ୟମରେ ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ସକାଳୁଆ ବିଦ୍ୟାଳୟଗୁଡ଼ିକ କାର୍ଯ୍ୟକ୍ଷମ କରାଯିବ। ସକାଳ ସମୟରେ ଚାଲିଥିବା ବିଦ୍ୟାଳୟ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ନିର୍ଦ୍ଦେଶ ରାଜ୍ୟର ସମସ୍ତ ସ୍କୁଲରେ ଲାଗୁ ହେବ।

ଅପରପକ୍ଷରେ କ୍ଲାସ୍ ପ୍ରମୋଶନ, ନୂତନ ନାମଲେଖା ପାଇଁ ମଧ୍ୟ ବିଭାଗ ପଦକ୍ଷେପ ନେଇଛି। ମିଳିଥିବା ସୂଚନାନୁସାରେ, ଏପ୍ରିଲ ୨୦ତାରିଖ ଭିତରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ କ୍ଲାସ୍ ପ୍ରମୋଶନ କରାଯିବ। ସେହିପରି ପ୍ରଥମରୁ ନବମ ଶ୍ରେଣୀରେ ନାମଲେଖା ଏବଂ ରିଆଡମିଶନ୍(ପୁନଃ ନାମଲେଖା) ଏପ୍ରିଲ ୨୦ରୁ ଆରମ୍ଭ ହୋଇ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ଶିକ୍ଷା ପରିଷଦ ଦ୍ୱାରା ଆରମ୍ଭ କରାଯାଇଥିବା ନୂତନ ମୂଲ୍ୟାଙ୍କନ ନୀତି ଅନୁଯାୟୀ, ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସମ୍ପେଟିଭ୍-୨ ପରୀକ୍ଷା ଦେବାକୁ ପଡ଼ିବ। ସମ୍ପେଟିଭ୍-୨ ପରୀକ୍ଷା ଏବଂ ତାହାର ପରୀକ୍ଷା ଫଳ ପ୍ରକାଶନ ତଥା ଦଶମ ଶ୍ରେଣୀକୁ ଉନ୍ନୀତ ମେ' ୧୦ ତାରିଖ ସୁଦ୍ଧା ଶେଷ କରାଯିବ। ଏନେଇ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଶନିବାର ଓସେପା ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ(ଏସ୍‌ପିଡି), ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଏସ୍‌ପିଡି, ଏମ୍‌ଡିଏମ୍ ଏସ୍‌ଏନ୍‌ଓ, ସିଏଚ୍‌ଏସ୍‌ଇ ଚେୟାରମ୍ୟାନ, ବିଏସ୍‌ଇ ସଭାପତିଙ୍କ ସମେତ ବିଭାଗର ସମସ୍ତ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଉପନିର୍ବାଚନରେ ଭାଜପାକୁ ...

ଏଥିରେ ଭାଜପାକୁ ବଡ଼ କ୍ଷତି ହୋଇଥିବାବେଳେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଉଭୟ ଲୋକ ସଭା ଓ ବିଧାନସଭା ଆସନ ଜିତିନେଇଛି। ମମତା ବାନାର୍ଜୀଙ୍କ ଦଳ ଆସାନସୋଲ ଲୋକ ସଭା ଆସନରୁ ଶତ୍ରୁଘ୍ନ ସିହ୍ନାଙ୍କୁ ଏବଂ ବାଲିଗଞ୍ଜ ବିଧାନସଭା ଆସନରୁ ବାବୁଲ ସୁପ୍ରିୟୋଙ୍କୁ ପ୍ରାର୍ଥୀ କରିଥିଲା। ଉଭୟ ବିଜୟୀ ହୋଇଛନ୍ତି। ବିହାରର ବୋଚହାନ୍ ଆସନରୁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପ୍ରାର୍ଥୀ ଅମର କୁମାର ପାଶ୍ୱାନ ଭାଜପାର ବେବି କୁମାରୀଙ୍କୁ ପରାସ୍ତ କରିଛନ୍ତି। ସେ ୪୮.୫୨ ପ୍ରତିଶତ ଭୋଟ ପାଇଥିବା ଜଣାପଡ଼ିଛି। ସେହିପରି ମହାରାଷ୍ଟ୍ରର କୋହ୍ଲପୁର ଉତ୍ତର ଆସନରୁ କଂଗ୍ରେସ ପ୍ରାର୍ଥୀ ଜୟଶ୍ରୀ ଯାଦବ ୫୪.୨୫ ପ୍ରତିଶତ ଭୋଟ ପାଇଛନ୍ତି। ଛତିଶଗଡ଼ର ଖଇରାଗଡ଼ ବିଧାନସଭା ଉପନିର୍ବାଚନରେ ମଧ୍ୟ କଂଗ୍ରେସ ବିଜୟୀ ହୋଇଛି। ସେଠାରେ ଭାଜପାର କୋମଳ ଜଙ୍ଗହେଲ୍‌ଙ୍କ ବିରୋଧରେ କଂଗ୍ରେସ ଯଶୋଦା ନୀଳାମ୍ବର ବର୍ମାଙ୍କୁ ପ୍ରାର୍ଥୀ କରିଥିଲା। ଆସାନସୋଲ ଲୋକ ସଭା ଆସନରେ ସିହ୍ନା ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଉକ୍ତ ଆସନରେ ଟିଏମ୍‌ସିର ଏହା ପ୍ରଥମ ବିଜୟ। ସେହିପରି ଭାଜପା ଛାଡ଼ି ଟିଏମ୍‌ସିରେ ଯୋଗ ଦେଇଥିବା ବାବୁଲ ସୁପ୍ରିୟୋ ବାଲିଗଞ୍ଜ ଆସନରୁ ବିଜୟୀ ହୋଇଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଦଳ ସୁପ୍ରିମୋ ମମତା ବାନାର୍ଜୀ ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବେଙ୍ଗଲୀ ନବବର୍ଷ ଅବସରରେ ଦଳକୁ ଏହା ଜନସାଧାରଣଙ୍କ ଉପହାର ବୋଲି ମମତା କହିଛନ୍ତି। ଭାଜପା ଆସାନସୋଲରେ ଅଗ୍ନିମିତ୍ର ପଲ୍ ଏବଂ ବାଲିଗଞ୍ଜ ଆସନରୁ କେୟା ଘୋଷଙ୍କୁ ପ୍ରାର୍ଥୀ କରିଥିଲା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
କର୍ମକ୍ଷେତ୍ରରେ ଧୈର୍ଯ୍ୟ ଓ ସାହସିକତା ପ୍ରଦର୍ଶନ କରି ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁ ରୂପେ କରିପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ। ପରିବାରର ବରାଦ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଅଫିସ୍ କାମରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବାର ଚେଷ୍ଟା କରିବେ।

ବୃଷ
ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ମନୋରଞ୍ଜନର ମଉକା ମାନସିକ ସ୍ଥିତିକୁ ଖୁସି ରଖିବ। ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପାଇବେ। ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଘର ତିଆରି, ଯାନ ମରାମତି, ଦୋକାନବାଡ଼ର ଉନ୍ନତୀକରଣ ସକାଶେ ଟେନସନ୍ ଲାଗିରହିବ।

ମିଥୁନ
ବୈଷୟିକ ସୁଖ, ସମୃଦ୍ଧି ପ୍ରଦାନରେ ସହାୟକ ହୋଇପାରିବ। ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ। ପରିବାର କିମ୍ବା ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା ଫଳପ୍ରଦ ହୋଇନପାରେ। ଆଗାମୀ ମାଙ୍ଗଳିକ କାମ ପାଇଁ ବନ୍ଧୁବର୍ଗଙ୍କ ସହ ଆଲୋଚନା କରିପାରନ୍ତି।

କର୍କଟ
ମାନସିକ ଅସ୍ଥିରତା ସାଙ୍ଗକୁ ବନ୍ଧୁବର୍ଗଙ୍କ ସମାଲୋଚନା କାରଣରୁ ଶାନ୍ତି ଭଗ୍ନ ହୋଇପାରେ। ଅର୍ଥ ନେବାଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ରହନ୍ତୁ। କଚେରି ମାମଲା ମଙ୍କର ହେବା କାରଣରୁ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କଠାରୁ ଶୁଭ ସୂଚନା ପାଇବେ। ସନ୍ତାନଙ୍କ ସୁଖବର ପାଇବେ।

ସିଂହ
ଅସ୍ୱସ୍ତିକର ପାରିପାର୍ଶ୍ୱିକ ପରିସ୍ଥିତି ମାନସିକ ଅସୁସ୍ଥତାର କାରଣ ହେବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, ନିର୍ମାଣ କ୍ଷେତ୍ରରୁ ଭଲ ଲାଭ ପାଇବେ। ପର ଉପରେ ନିର୍ଭର କରିବା କାରଣରୁ କେତେକ ବ୍ୟତିକ୍ରମ ଦେଖା ଦେଇପାରେ। ଆଜି ଆକସ୍ମିକ ଭାବରେ କିଛି ଅର୍ଥ ସହ ନୂତନ ସନ୍ଦେଶ ପାଖକୁ ଆସିବ।

କନ୍ୟା
ଆଜି ଯାହା ଚାହୁଁଛନ୍ତି ତାହାତ ପାଇବେ, କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଫାଇଦା ହାସଲ କରିବା ମାନସରେ ଶତ୍ରୁତା କରୁଥିବା ଲୋକମାନେ ମିତ୍ରତା ସାଜିପାରନ୍ତି। ରାଜନୀତି, ସଙ୍ଗଠନ, ଆଲୋଚନା କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ଯାହା ଓ ଯେମିତି ଇଚ୍ଛା କରୁଛନ୍ତି ତାହା ପାଇବେ।

ତୁଳା
ଜୀବନଚର୍ଯ୍ୟାରେ ଅସଙ୍ଗତି ଦୂର କରିବା ସକାଶେ ମନକୁ ଦୃଢ଼ କରିବେ। ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ବାକ୍‌ଯୁଦ୍ଧ ଲାଗି ଯାଇପାରେ। ସାହିତ୍ୟ ଚର୍ଚ୍ଚା, ଲେଖାପଢ଼ା, ସଭାସମିତି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ କ୍ଷେତ୍ରରେ କରିଆସୁଥିବା ଚେଷ୍ଟା ସଫଳ ହେବ।

ବିଛା
ଅନାଗତ ଆଶଙ୍କାର ପରିକଳ୍ପନାରେ ମନ ଭାରାକ୍ରାନ୍ତ ରହିବ। ବାରମ୍ବାର ପୁନର୍ବିଚାର ବିନା କୌଣସି ଦୃଢ଼ ପଦକ୍ଷେପ ନେବା ଠିକ୍ ହେବନି। ବାଣିଜ୍ୟ, ଆମଦାନୀ, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇଲେ ମଧ୍ୟ ସୁଧାରି ନେବାର ପ୍ରଯତ୍ନ କରିବେ।

ଧନୁ
ବାକ୍ ସଂଯମତାର ଅଭାବ ବିଭିନ୍ନ ସମସ୍ୟାକୁ ଜନ୍ମ ଦେଇପାରେ। ଆତ୍ମୀୟମାନଙ୍କ ରୋଷର ଶିକାର ହୋଇ କାମରେ ସହଯୋଗ ପାଇବା କଷ୍ଟକର ହୋଇପାରେ। ଅଭାବନୀୟ ପରିବେଶରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ଦୁଃସ୍ଥ ଆର୍ଥିକ ପରିସ୍ଥିତି ପୂର୍ବପରି ଦୁଶ୍ଚିନ୍ତାକୁ ବୃଦ୍ଧି କରିବ।

ମକର
କର୍ମକ୍ଷେତ୍ରରେ ଅନ୍ୟର ମତକୁ ସମ୍ମାନ ଦେଇ ଖୁସି ରହିବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆଇନ, ଅଦାଲତ, ଗବେଷଣା, ଅନୁସନ୍ଧାନ ଏବଂ ରଚନାତ୍ମକ କାମରୁ ସୁଫଳ ପାଇବେ। କ୍ରୀଡ଼ା, ସଙ୍ଗୀତ ଓ ଆନୁଷ୍ଠାନିକ ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇବେ। ସନ୍ତାନହେତୁକ ଚିନ୍ତାରୁ ମୁକ୍ତି ପାଇବେ।

କୁମ୍ଭ
ଆଜି ଅନ୍ତହୀନ ଦୁର୍ଭାବନା ଆପଣଙ୍କ ଭାବ ଓ ଭାଷାକୁ ଅନୁଚିତ କ୍ରିୟାଶୀଳ କରାଇପାରେ। କେତେକ ଅତୀତ କାର୍ଯ୍ୟାବଳୀ ସକାଶେ ଅନୁତାପ ପାଇଁ ସମୟ ପାଇବେ ନାହିଁ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ, କିନ୍ତୁ ଋଣ ପରିଶୋଧ କରିବାରେ ପଛେଇଯିବେ। ଭୁଲ ବୁଝାମଣା ଜନିତ ପରିବହନରେ ଝଗଡ଼ାର ସମ୍ମୁଖୀନ ହୋଇପାରନ୍ତି।

ମୀନ
କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧି ସାଙ୍ଗକୁ ମନ୍ଥର ଗତି ହେତୁ ସଫଳତାରେ ଆଶଙ୍କା ସୃଷ୍ଟି ହୋଇପାରେ। ଦୈନନ୍ଦିନ ବ୍ୟବସାୟିକ ସଂସ୍ଥା କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ସଭାସମିତିରେ, ଆଲୋଚନାରେ, ତର୍କ ବିତର୍କରେ ସଫଳତା ହାସଲ କରିବେ।

classifieds Everyday
0674-2580101, 2549302



BRIDE WANTED

ବିବାହ ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁ ଜାତିର ଉତ୍ତମ ବରପାତ୍ର ପାଇଁ- 7653898752. D-68290

Bengali bride for 34/5'8"/Engg. Bhilai, C.G. settled groom, origin- Balasore. Cont No.- 8770629854. D-23488

Age-35 unmarried private job ପୁଅ ପାଇଁ ଯେକୌଣସି ଜାତିର ଝିଅ ଦରକାର। Widow & Divorced) accepted ଘରଜ୍ୱାଇଁ ପ୍ରଯୁଜ୍ୟ। 9437732582. D-160

GROOM WANTED

ବିବାହ ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁ ଜାତିର ସୁନ୍ଦର କନ୍ୟାପାତ୍ରୀ ପାଇଁ- 7653898752. D-68291

SALE

Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666. D-73211

ବରମୁଣ୍ଡାରୁ ୧୫ କି.ମି. ଦୂରରେ Gharabari Plot- 19,00,000/-, investment plot- 8,00,000/- (Loan available). 9853150290. D-73233

ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862. D-73231

Luxurious 4BHK Duplex Jharpada-1. 5cr, Pokhariput-1.3cr, Bhubaneswar New Railway Station- 80Lakhs, Balianta- 75Lakhs. 7008550473. D-143

ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952. D-73214

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

ଭୁବନେଶ୍ୱର ରଙ୍ଗବଜାର BJEM-2 ଲାଗି 4BHK duplex East Facing area- 1500sqft. 4.5. k.m. from Ravi Talkies (Bank Finance available). 9040072232. D-73230

ଭୁବନେଶ୍ୱର ଗଙ୍ଗୋତ୍ରୀ ନଗର ଲେନ୍ -3 ଏବଂ ଧଉଳିରେ ପିଚୁ ରୋଡ୍‌କୁ ଲାଗି ପ୍ଲଟ୍ ବିକ୍ରି କରାଯିବ। 7008833643. D-73234

5000sqft. (50ftX100ft.) premium commercial yellowzone, gharabari, sthitiban single patta owner plot for sale with boundary & filling completed at Dhauli Square. Price Rs.- 1,45,00000/- contact direct owner. 9040026465 (Babu Babu). D-135

Plot for sale at Chhatabar per sqft. @99/-. 9583295832, 9937816565. D-091

Ghara bhari plot for sell at Bankuala, Tankapani Road @ 1650-/- per sq feet with demarcation. Contact: 9178060228. D-015

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

Gharabari yellow zone plot available under BDA/ BMC with Electricity ready for construction. Loan available. 9178038502. D-73232

Duplex / Triplex / Flat Gated Community in Kalarahanga / Nandanvihar BDA and Bank approval. 85 lakhs, negotiable. 8249533255. D-71025

Conversion Demarcation 30ft. Roadside Corner Plot Sale near GITA, DN fair tyle and BIT 3200sqft 28,80,000/- .8249086912. D-093

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Gharabari plot sale Sundarpada near Hi-Tech Plaza sqft. 950/-, Kateni 650/-, Gangapada 950/- first possession then registration. 7504615299, 9337766961. D-71344

Ready 4BHK Duplex Balianta Syphon. Land-1400 and Construction-2200- 85Lakhs. 9938219397, 9861022055. D-142

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5 K.M. ଦୂରତାରେ ଘରବାରି ପ୍ଲଟ୍ sqft.-650/-ରେ ବିକ୍ରିହେବ। First possesion then registration. 7978533676. D-73229

LIG House for sale. Dumduma Ph-2, 1125 sqft., Orissa State Housing Board, Bhubaneswar. M- 9937208241. D-141

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-23478

ଭୁବନେଶ୍ୱର, ତମାଣ୍ଡୋ ବଜାର ନିକଟରେ 30ft. road, electricity, ପାଚେରି ଥାଇ ପ୍ଲଟ୍ କିଣନ୍ତୁ। 8658918284. D-73224

ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.- 750/-. 9439918431, 8249603324. D-73222

ହଂସପାଳ ଓ ପାହାଳ ମଝିରେ Gharabari, yellow zone 2ଟି Plot ଅଛି। 7008492511. D-147

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891. D-23479

ଭୁବନେଶ୍ୱରରେ ଜମି ଆବଶ୍ୟକ। ଡୁପ୍ଲେକ୍ସ ପ୍ରୋଜେକ୍ଟ ପାଇଁ Sharing / Outright. ଯୋଗାଯୋଗ: 6371693373. D-136

3 Acre Land for Sale on NH-16 near Khurda Collectorate for 6 Crore. 7980909139. D-23515

ଶ୍ରୀମନ୍ଦିର, ପୁରୀ, ଗୁଡ଼ିଆସାହିରେ ଘର ବିକ୍ରିହେବ, ମନ୍ଦିରଠାରୁ ଅଧାକିଲୋମିଟର। 9.5x120, Price- 30 Lakh. 9348330425, 8763795928. D-70787

Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452. D-71881

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71889

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856. D-73215

Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

GENERAL

SALE

Automatic stone crusher plant for sale at Chatrama, Khurdha. 9937427861, 9337767967. D-045

Wanted Big Shed for Water Packaging at Bhubaneswar surrounding, 8820512365. D-156

Office, Showroom, Bank for rent Khordha. Mob.: 7008754850, 9853150842, 7008751285. D-122

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Rent for Office/ Bank/ Shop 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar- 751019. Contact: 9871816986. D-71487

ଗଣବଳାତ୍କାର: ମୁଖ୍ୟ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଯାଜପୁର ରୋଡ୍, ୧୬।୪(ଡି.ଏନ.ଏ.)

ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ପାଟପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଗଣବଳାତ୍କାର ମାମଲାରେ ଯାଜପୁରରୋଡ୍ ଅତିରିକ୍ତ ଜିଲା ଦୌରାଜଜ୍ ମାନସ କୁମାର ପଣ୍ଡା ଶନିବାର ମୁଖ୍ୟ ଅଭିଯୁକ୍ତ ସବ୍ୟସାଚୀ ବେହେରାଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ବିଚାରପତି ୧୦ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାରକରି ଏହି ଦଣ୍ଡାଦେଶ ହେବା ସହ ପୀଡ଼ିତାଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୧।୪।୨୦୧୯ରେ ସବ୍ୟସାଚୀ ସୁକିନ୍ଦା ଥାନା ପାଟପୁର ଛକରେ ଏକ ବୋଲେରୋ ରଖି ରାସ୍ତାକଡ଼ ପାନଦୋକାନକୁ ଗୁଟ୍‌ଖା ଆଣିବାକୁ ଯାଇଥିଲେ। ହେଲେ ଦୋକାନରେ ମାଲିକ ନ ଥିବାବେଳେ ତାଙ୍କ ଝିଅ ବେପାର ସମ୍ଭାଳୁଥିଲେ। ଯୁବତୀ ଜଣକ ଗୁଟ୍‌ଖା ଦେବାକୁ ହାତ ବଢ଼ାଇବାବେଳେ ତାଙ୍କୁ ସବ୍ୟସାଚୀ ଘୋଷାରି ଆଣି ବୋଲେରୋରେ ଜବରଦସ୍ତ ବସାଇଥିଲେ। ବିଭିନ୍ନ ସ୍ଥାନ ବୁଲେଇ ବୁଲେଇ ଶେଷରେ ଯାଜପୁରରୋଡ୍ ଥାନା ଧବଳଗିରିସ୍ଥିତ ଏକ ଘରୋଇ ଆଇଟିଆଇ ସେଣ୍ଟରରେ ରଖି ସେ ଏବଂ ତାଙ୍କ ସହଯୋଗୀ ଗଣବଳାତ୍କାର କରିଥିଲେ। ଏନେଇ ଯୁବତୀଙ୍କ ବାପାଙ୍କ ଅଭିଯୋଗ ମୁତାବକ ସୁକିନ୍ଦା ଥାନାରେ ଆଇପିସି ଦଫା ୩୭୬ (ଡି), ୩୬୬ ଅନୁଯାୟୀ ୧୧୭/୨୦୧୯ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ ଏହି ମାମଲାର ତଦନ୍ତ କରିଥିଲେ। ଉକ୍ତ ମାମଲାକୁ ଯାଜପୁର ରୋଡ୍ ଅଦାଲତର ସରକାରୀ ଓକିଲ ରଜତ କୁମାର ରାଉତ ପରିଚାଳନା କରିଥିଲେ।

ଏମ୍‌ସ ସାଟେଲାଇଟ୍ ସେଣ୍ଟରରେ ଓପିଡି ସେବା

ବାଲେଶ୍ୱର ଅଫିସ, ୧୬।୪

ଚିକିତ୍ସା ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବା ରୋଗୀ।

ବାଲେଶ୍ୱର ଜିଲା ଜାତୀୟ ରାଜପଥ ପାର୍ଶ୍ୱସ୍ଥିତ ରେମୁଣାଠାରେ ନବନିର୍ମିତ ଏମ୍‌ସ ସାଟେଲାଇଟ୍ ସେଣ୍ଟରର ନିଜସ୍ୱ କୋଠାରେ ଶନିବାରଠାରୁ ଓପିଡି ସେବା ଆରମ୍ଭ ହୋଇଛି। ପୂର୍ବାହ୍ନ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏଣ୍ଡୋକ୍ରାଇନୋଲୋଜି, ଜେନେରାଲ ସର୍ଜରି ଓ ଚର୍ମ ରୋଗ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ସେବା ପ୍ରଦାନ କରିଥିଲେ।

ପ୍ରଥମ ଦିନରେ ଆଇଟିଆର୍ ନିର୍ଦ୍ଦେଶକ ଏର୍.କେ. ରଥ ଭୁବନେଶ୍ୱର ଏମ୍‌ସରୁ ଆସିଥିବା ୩ଜଣ ଡାକ୍ତର ଡା. କିଶୋର କୁମାର ବେହେରା, ଡା. ଶାନ୍ତନୁ କୁମାର ସାହୁ ଓ ଡା. ମନୋଜ କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଥମ ଦିନରେ ୩ଟି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ୧୨୪ରୋଗୀଙ୍କୁ ଚିକିତ୍ସା କରିଛନ୍ତି। କରୋନା ସମୟରେ ବନ୍ଦ ରହିଥିବା ଏମ୍‌ସର ଆଉଟ୍‌ଡୋର ସେବା ପୁନଃ କାର୍ଯ୍ୟକ୍ଷମ ହୋଇଛି। ସେହିପରି ରେଗୁଲାର ଓପିଡିର ଉଦ୍‌ଘାଟନ ହେବା ପର୍ଯ୍ୟନ୍ତ ସାମୟିକ ଭାବେ ଏହି ସ୍ୱାସ୍ଥ୍ୟସେବା ପ୍ରତ୍ୟେକ ଶନିବାର ଓ ରବିବାର ପ୍ରଦାନ କରାଯିବ। ତେବେ ଶନିବାର ପ୍ରଥମ ଦିନରେ ରୋଗୀମାନେ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଓପିଡି ସେବା ଆରମ୍ଭ କରିଥିଲେ। ଏମ୍‌ସ ସାଟେଲାଇଟ୍ ସେଣ୍ଟର ନୋଡ଼ାଲ ଅଫିସର ଡା. ମୁକୁନ୍ଦ କୁମାର ସାହୁ, ଏମ୍‌ସ ବାଲେଶ୍ୱର ଇନଚାର୍ଜ ପ୍ରଫେସର ଡା. ସରୋଜ ଦାସ ମଜୁମଦାର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

୪୦ ଡିଗ୍ରୀ ଉପରେ ୧୫ ସହର

ଭୁବନେଶ୍ୱର, ୧୬।୪(ବ୍ୟୁରୋ)

ରାଜ୍ୟରେ ତାତିର ପ୍ରକୋପ ବଢୁଛି। ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଶନିବାର ରାଜ୍ୟର ୧୫ ସହରରେ ସର୍ବୋଚ୍ଚ ତାପମାତ୍ର ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ସୂଚନାନୁଯାୟୀ ସୋନପୁରରେ ତାପମାତ୍ରା ସର୍ବାଧିକ ୪୩.୫ ଡିଗ୍ରୀ, ବଲାଙ୍ଗୀର ୪୩, ଅନୁଗୋଳ ୪୨.୭, ତାଳଚେର ୪୦.୪, ଭବାନୀପାଟଣା ୪୧.୨, ଫୁଲବାଣୀ ୩୯.୦, ଟିଟିଲାଗଡ଼ ୪୧.୫, ନୟାଗଡ଼ ୪୦.୦, ବୌଦ୍ଧ ୪୨.୫, ପାରଳାଖେମୁଣ୍ଡି ୪୧.୫, ଚାନ୍ଦବାଲି ୩୯, କଟକ ୩୮, ଭୁବନେଶ୍ୱର ୩୮.୧, ବାରିପଦା ୪୧.୮, ଝାରସୁଗୁଡ଼ା ୪୨.୬, କେନ୍ଦୁଝର ୪୦.୧, ସୁନ୍ଦରଗଡ଼ ୪୨.୫, ହୀରାକୁଦ ୪୦.୩, ଭଦ୍ରକ ୩୯.୫ ଏବଂ ଯାଜପୁର ୩୮.୪ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇପାରେ।

ବନ୍ୟା, ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରୁହ

ଜିଲାପାଳଙ୍କୁ ଚିଠି ଲେଖିଲା ଜଳ ସମ୍ପଦ ବିଭାଗ

ଭୁବନେଶ୍ୱର, ୧୬।୪(ବ୍ୟୁରୋ)

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ସ୍ୱାଭାବିକ ହେବ ବୋଲି ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଆସନ୍ତା ମୌସୁମୀ ସମୟରେ ବାତ୍ୟା ଓ ବନ୍ୟାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଆରମ୍ଭ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଶନିବାର ସମସ୍ତ ଜିଲାପାଳଙ୍କୁ ଚିଠି ଦିଆଯାଇଛି। ଓଡ଼ିଶାରେ ମେ' ଓ ଜୁନ୍‌ରେ ବାତ୍ୟା ଆଶଙ୍କା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତ ରହିବାକୁ ଜିଲାପାଳଙ୍କୁ କୁହାଯାଇଛି। ଗତ ୮ରେ ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ସହ ରାଜ୍ୟରେ ଥିବା ଦୁର୍ବଳ ନଦୀବନ୍ଧଗୁଡ଼ିକୁ ଚିହ୍ନଟ କରି ମରାମତି କାର୍ଯ୍ୟ ଏପ୍ରିଲ ୧୬ରୁ ୨୬ ତାରିଖ ମଧ୍ୟରେ କରିବା ପାଇଁ ଆଗୁଆ ପଦକ୍ଷେପ ନେବାକୁ କ୍ଷେତ୍ରସ୍ତରୀୟ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଜଳ ସମ୍ପଦ ବିଭାଗ ଇଞ୍ଜିନିୟରମାନଙ୍କୁ ସହାୟତା ଦେବା ସକାଶେ ଉପଜିଲାପାଳ, ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲାପାଳମାନଙ୍କୁ କୁହାଯାଇଛି।

ଜେଲରେ ୨ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଜେରା

କ୍ୟାମେରାମ୍ୟାନ ମାନସ ହତ୍ୟା ମାମଲା

ଭଦ୍ରକ ଅଫିସ, ୧୬।୪

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଭଦ୍ରକ ସ୍ୱତନ୍ତ୍ର ଉପକାରାଗାରରେ ଥିବା ଦୁଇ ଅଭିଯୁକ୍ତ ବିବେକ ନାୟକ ଓ ଭାଗ୍ୟଧର ନାୟକଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ଜେରା କରିଛି। ପୂର୍ବାହ୍ନ ୧୧ଟା ୨୫ରେ କ୍ରାଇମବ୍ରାଞ୍ଚର ୩ଜଣିଆ ଟିମ୍‌ରେ ଡିଏସ୍‌ପି କଳ୍ପନା ସାହୁ, ଶରତ କୁମାର ସାହୁ ଓ ନରେନ୍ଦ୍ର ବେହେରା ଭଦ୍ରକ ଜେଲରେ ପହଞ୍ଚି ସେମାନଙ୍କୁ ପୃଥକ୍ ଭାବେ ଜେରା ଆରମ୍ଭ କରିଥିଲେ। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ସହ ଏହି ଦୁଇଜଣଙ୍କର କ'ଣ ଲିଙ୍କ୍ ଥିଲା, ମାନସଙ୍କୁ ଅପହରଣ କରି ନେବା ବିଷୟରେ ଏମାନେ ଜାଣିଥିଲେ କି ନାହିଁ, କାହିଁକି ଅପହରଣ କରାଯାଇଥିଲା, ଏପରିକି ଅପହରଣଠାରୁ ନିର୍ଯାତନା ଓ ପରେ ହତ୍ୟା କରି ମୃତଦେହକୁ ପୋତିବା ପର୍ଯ୍ୟନ୍ତ ସେମାନଙ୍କର ସମ୍ପୃକ୍ତି ଅଛି କି ନାହିଁ ଆଦି ବିଭିନ୍ନ ଦିଗ ଉପରେ ଅଧିକ ପଚରାଉଚରା କରାଯାଇଛି। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ମାରାଥନ ଜେରା କରାଯାଇଥିବା ବେଳେ ସେମାନଙ୍କଠାରୁ ମିଳିଥିବା ତଥ୍ୟ ସମ୍ପର୍କରେ କ୍ରାଇମବ୍ରାଞ୍ଚ ପ୍ରକାଶ କରିନାହିଁ।

ଶର୍ମିଷ୍ଠାଙ୍କ ସମେତ ୮ ଅଭିଯୁକ୍ତ ଗିରଫ ହୋଇ ଭଦ୍ରକ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ପୂର୍ବରୁ ଦୁଇଥର କ୍ରାଇମବ୍ରାଞ୍ଚ ଟିମ୍ ଶର୍ମିଷ୍ଠାଙ୍କୁ ରିମାଣ୍ଡରେ ନେଇଥିଲେ ମଧ୍ୟ ମାନସଙ୍କୁ ହତ୍ୟା ପଛର କାରଣ କୁହାଯାଉଥିବା ମେମୋରି ଚିପ୍ ସମ୍ପର୍କରେ କୌଣସି ଖୁଲାସା ହୋଇପାରି ନାହିଁ। ଚାନ୍ଦବାଲି ପୋଲିସ ପ୍ରଥମେ ୩ଜଣ ବିବେକ, ଭାଗ୍ୟଧର ଓ କୃଷ୍ଣଚନ୍ଦ୍ର ନାୟକଙ୍କୁ ଗିରଫ କରିଥିଲେ ସୁଦ୍ଧା ସେମାନଙ୍କୁ କୌଣସି ପଚରାଉଚରା କରି ନ ଥିଲା। କ୍ରାଇମବ୍ରାଞ୍ଚ ମଧ୍ୟ ଏହି ୩ ଅଭିଯୁକ୍ତଙ୍କୁ ଜେରା କରି ନ ଥିଲା। ବିବେକ ଓ ଭାଗ୍ୟଧରଙ୍କୁ ଜେରା କରିବା ପାଇଁ ଗତ ୧୩ ତାରିଖରେ ଚାନ୍ଦବାଲି ଜେଏମ୍‌ଏଫ୍‌ସିରେ ଆବେଦନ କରିଥିଲା କ୍ରାଇମବ୍ରାଞ୍ଚ।

ପ୍ରକାଶ ଯେ, ଏହା ପୂର୍ବରୁ ଗତ ମାର୍ଚ୍ଚ ୨୯ରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ନିରଞ୍ଜନ ସେଠୀ, ରଞ୍ଜନ ନାୟକ, ଶର୍ମିଷ୍ଠା ଏବଂ ଝୁନା ଭୋଇଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରିବା ପରେ ପ୍ରଥମ ପର୍ଯ୍ୟାୟରେ ୫ଦିନିଆ ରିମାଣ୍ଡରେ ନେଇ ଶର୍ମିଷ୍ଠା ଓ ଝୁନାଙ୍କୁ ଜେରା କରିଥିଲା। ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଚଳିତମାସ ୩ ତାରିଖରେ ଦୁଇଜଣଙ୍କୁ ରିମାଣ୍ଡରେ ନେଇଥିଲା। ୭ତାରିଖରେ ରିମାଣ୍ଡ ଅବଧି ସରିବାରୁ ଭଦ୍ରକ ଜେଲକୁ ପଠାଇ ଦିଆଯାଇଥିଲା। ୧୧ ତାରିଖରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମସ୍ତ ଅଭିଯୁକ୍ତଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରାଯାଇଥିଲା। ୧୩ରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଚାନ୍ଦବାଲି କୋର୍ଟରେ ଦୟାଲ ଆଶ୍ରମର କେୟାରଟେକରଙ୍କ ସିଆର୍‌ପିସି ୧୬୪ ବୟାନ ରେକର୍ଡ କରାଯାଇଥିଲା।

ପରିବାର ଅଦାଲତରେ ସାକ୍ଷ୍ୟ ଦେଲେ ଅନୁଭବ

ବର୍ଷାଙ୍କ ସହ ବିବାହ ବିଚ୍ଛେଦ ମାମଲା

କଟକ ଅଫିସ, ୧୬।୪

ବର୍ଷା-ଅନୁଭବ ବିବାହ ବିଚ୍ଛେଦ ମାମଲାରେ କଟକ ପରିବାର ଅଦାଲତରେ ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ସାକ୍ଷ୍ୟ ଗ୍ରହଣ ହୋଇଛି। ଅନୁଭବଙ୍କୁ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଓକିଲ ଜେରା କରିଛନ୍ତି। ପରିବାର ଅଦାଲତରେ ଅନୁଭବ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିବା ସହିତ ଦାଖଲ ନଥିପତ୍ର ଚିହ୍ନଟ କରିଥିଲେ। ଏଥିସହ ଉକ୍ତ ମାମଲାର ତ୍ୱରିତ ଶୁଣାଣି କରିବାକୁ ସେ ଅଦାଲତଙ୍କୁ ନିବେଦନ କରିଥିଲେ। ଅନୁଭବଙ୍କୁ ବର୍ଷାଙ୍କ ଓକିଲ ବିଭିନ୍ନ ପ୍ରଶ୍ନ ଜେରା ସମୟରେ ପଚାରିଥିଲେ। ସୂଚନାଯୋଗ୍ୟ, ଛାଡ଼ପତ୍ର ପାଇଁ ଅନୁଭବ ଦାଏର କରିଥିବା ଆବେଦନ ସହ ଦାମ୍ପତ୍ୟ ସମ୍ପର୍କ ସୁରକ୍ଷା ଲାଗି ବର୍ଷା ରୁଜୁ କରିଥିବା ଆବେଦନର ଏକତ୍ର ଶୁଣାଣି ପରିବାର ଅଦାଲତରେ ଚାଲିଛି। ଅନୁଭବ ଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ଛାଡ଼ପତ୍ର ପାଇଁ ୨୦୨୦ ଜୁଲାଇ ୬ରେ ପିଟିଶନ୍ ଦାଖଲ କରିଥିଲେ। ଏହି ଛାଡ଼ପତ୍ର ମାମଲାକୁ କଟକ ପରିବାର ଅଦାଲତକୁ ସ୍ଥାନାନ୍ତର ପାଇଁ ବର୍ଷା ୨୦୨୦ ସେପ୍ଟେମ୍ବର ୧୯ରେ ସୁପ୍ରିମେକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୧ ମାର୍ଚ୍ଚ ୫ରେ ସୁପ୍ରିମକୋର୍ଟରେ ଏହି ମାମଲାର ବୃତ୍ତାନ୍ତ ଶୁଣାଣି ହୋଇଥିଲା। ଅନୁଭବଙ୍କ ସହମତିକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ବର୍ଷାଙ୍କ ଟ୍ରାନ୍ସଫର ପିଟିଶନକୁ ଅନୁମତି ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅନୁଭବ ପଟିଆଲା ହାଉସ କୋର୍ଟରେ ଦାଖଲ କରିଥିବା ଆବେଦନ ଶୁଣାଣି ପାଇଁ କଟକ ପରିବାର ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ପରେ ୨୦୨୨ ଜାନୁୟାରୀ ୨୨ରେ ଉଭୟ ଅନୁଭବ ଓ ବର୍ଷା କଟକ ପରିବାର ଅଦାଲତରେ ହାଜର ହୋଇଥିଲେ। ଅଦାଲତରେ ମଧ୍ୟସ୍ଥତା ପ୍ରକ୍ରିୟାରୁ କୌଣସି ସୁଫଳ ମିଳିପାରି ନ ଥିଲା। ଏହାପରେ ମାମଲାରେ ସାକ୍ଷ୍ୟ ଗ୍ରହଣ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

FORM NO. 13
BEFORE THE DEBTS RECOVERY TRIBUNAL : CUTTACK : ODISHA
C-71, SECTOR-7, CDA, CUTTACK, ODISHA
O.A. NO. 513 of 2019
AXIS BANK LIMITED ...APPLICANT
-Vrs-
M/s. Sagar Distributors & Another ...DEFENDANTS
To,
1. M/s. Sagar Distributors, Mr. Gopal Kumar Panch, At/P.O.: Gopinathpur, Near Atharanala, Dist.: Puri, Odisha-752002.
2. Mr. Gopal Kumar Panch, S/o- Kisanlal Panch, At: Hadagodia Sahi (Radha Gobinda Lane), Puri (M), Puri-752001, Odisha.
... DEFENDANTS
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the Applicant has instituted an O.A. No. 513/2019 in the Court of the Debts of Recovery Tribunal at Cuttack for recovery of Rs.1,37,72,181.72 (Rupees One Crore Thirty Seven Lakh Seventy Two Thousand One Hundred Eighty One and Seventy Two Paisa) together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent, in support of their defence to show cause within 30 days from the publication or on 26.05.2022 at 10.30 a.m. as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this 06th day of April, 2022
Sd/- (M.K. Patnaik)
Date: 06.04.2022 REGISTRAR

FORM NO. 13
BEFORE THE DEBTS RECOVERY TRIBUNAL : CUTTACK : ODISHA
C-71, SECTOR-7, CDA, CUTTACK, ODISHA
O.A. NO. 324/2021
AXIS BANK LIMITED ...APPLICANT
-Vrs-
M/s. Om Sai Logistics & others ...DEFENDANTS
To,
1. M/s. Om Sai Logistics, represented by its Proprietor Kishore Shah, At: Ward No. 8, Main Road, At/PO: Khariar Road, Nuapada, Odisha-766104.
2. Kishor Kumar Shah @ Kishor Shah, S/o- Bhagaban Shah, At: Ward No. 11, Khariar Road N.A.C, PS: Jonk, Dist.: Nuapada-766104.
3. Amit Kumar Shah, S/o- Kishor Shah, At: Ward No. 8, Nandaram Nagar, Khariar Road, PS: Jonk, Dist.: Nuapada, Odisha-766104.
4. Jayshree @ Jaishree Shah, W/o- Kishor Shah, At: Nandaram Nagar, Khariar Road, B Parishad, PS: Jonk, Dist.: Nuapada, Odisha-766104.
5. Sasmita Shah, W/o- Amit Kumar Shah, At: Nandaram Nagar, Khariar Road, P.S.: Jonk, Dist.: Nuapada, Odisha-766104.
6. Sunil Kumar Shah, Ward No. 8, Main Road, At/PO: Khariar Road, Odisha-766104 ...DEFENDANTS
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the Applicant has instituted an O.A. No. 324/2021 in the Court of the Debts of Recovery Tribunal at Cuttack for recovery of Rs.89,68,558.82 (Rupees Eighty Nine Lakhs Sixty Eight Thousand Five Hundred Fifty Eight and Eighty Two Paisa Only) together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an Advocate or duly authorised agent, in support of their defence to show cause within 30 days from the publication or on 20.05.2022 at 10.30 a.m. as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this 31st day of March, 2022.
Sd/- (M.K. Patnaik)
Date: 31.03.2022 REGISTRAR

ୟୁନିୟନ୍ ବ୍ୟାଙ୍କ Union Bank of India
ଅଫ୍ ଇଣ୍ଡିଆ
ଆନ୍ଧ୍ରା Andhra | କର୍ଣ୍ଣାଟକ କର୍ପୋରେଶନ Karnataka Corporation

ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୫୩୭୯୦୦

ସ୍ଥାବର/ ଅସ୍ଥାବର ସମ୍ପତ୍ତି ଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତି ଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୦.୦୫.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

କ୍ର. ନଂ.	ଶାଖା /ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ରାଶି	ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ	ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ	ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ
୧.	ତୁରଙ୍ଗ ଶାଖା, ମୋ: ୭୩୨୭୯୩୯୪୧୮/ ଋଣଗ୍ରହୀତାମାନେ: ୧) ଶ୍ରୀ ରମାକାନ୍ତ ଦାସ, ୨) ଶ୍ରୀ ଅମୂଲ୍ୟ ଦାସ, ପିତା: ୪ ତ୍ରିନାଥ ଦାସ, ସା: ଆମ୍ରମୁଣ୍ଡା ସାହି, ରନ୍ତଲେଇ, ପୋ: ରନ୍ତଲେଇ, ଥାନା/ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୩୨ / ଗ୍ୟାରେଣ୍ଟିଦାତା: ଜଗତ ଜ୍ୟୋତି ରଥ, ପିତା: ବୃନ୍ଦାବନ ରଥ, ସା: ହୁଲୁରିସି

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା

ସୁପାରିସକୁ ଅପେକ୍ଷା

ଆକାର ପଟେଲ

ୟୁନାଇଟେଡ୍ ଷ୍ଟେଟ୍ସ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିୟସ୍ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ଏକ ସ୍ୱାଧୀନ ଏବଂ ଦ୍ୱିଦଳୀୟ ସଂଘୀୟ ସରକାରୀ ସଂସ୍ଥା। ସ୍ୱାଧୀନ କହିଲେ ଏହା ଆମେରିକା ସଂଘୀୟ ସରକାରର ଏକ ଅଂଶ ନୁହେଁ ଏବଂ ଦ୍ୱିଦଳୀୟ ମାନେ ଦୁଇ ପ୍ରମୁଖ ଦଳ ଡେମୋକ୍ରାଟସ୍ ଏବଂ ରିପବ୍ଲିକାନ୍ସ ପ୍ରତିନିଧିମାନେ ଉକ୍ତ ସଂସ୍ଥାରେ ରହିଛନ୍ତି। ବିଶ୍ୱର ବିଭିନ୍ନ ଦେଶରେ ଧାର୍ମିକ ସ୍ୱାଧୀନତା ଉପରେ ସମୀକ୍ଷା କରି ଏହା ଆମେରିକା ରାଷ୍ଟ୍ରପତି, ପରରାଷ୍ଟ୍ର ସଚିବ ଏବଂ ଆମେରିକା କଂଗ୍ରେସକୁ ବିଭିନ୍ନ ନୀତି ସୁପାରିସ କରିଥାଏ ଓ ପରେ ଏହି ସୁପାରିସଗୁଡ଼ିକର କାର୍ଯ୍ୟକାରିତା ଉପରେ ନଜର ରଖିଥାଏ। ୨୦୨୦ରେ, ୟୁଏସ୍‌ସିଆଇଆର୍‌ଏଫ୍ ୧୩ 'ବିଶେଷ ଚିନ୍ତାଜନକ ଦେଶ'କୁ ନେଇ ପ୍ରସ୍ତୁତ ବୃତ୍ତାନ୍ତ ତାଲିକାରେ ଭାରତକୁ ସ୍ଥାନିତ କରିଥିଲା। ଆଇନ ମାଧ୍ୟମରେ(ସିଏଏ ଓ ଏନ୍‌ଆର୍‌ସିକୁ ଦର୍ଶାଇଛି) ମୁସଲମାନଙ୍କ ବିରୋଧରେ ବାଛବିଚାର ଭାବ ପ୍ରଦର୍ଶନ କରିବା, ଧର୍ମ ପ୍ରଚାର ଉପରେ କଟକଣା ଏବଂ ଗୋହତ୍ୟାକୁ ନେଇ ହିଂସା ଓ ଭିଡ଼ ହିଂସା କାରଣରୁ ଭାରତକୁ ତାଲିକାରେ ରଖାଯାଇଛି ବୋଲି ରିପୋର୍ଟରେ କହିଥିଲା। ଧାର୍ମିକ ସ୍ୱାଧୀନତାର ଉଲ୍ଲଂଘନ ପାଇଁ ଭାରତର ଯେଉଁ ସରକାରୀ ସଂସ୍ଥା ଏବଂ ଅଧିକାରୀମାନେ ଦାୟୀ ସେମାନଙ୍କ ବିରୋଧରେ କଟକଣା ଲାଗୁ କରିବା ସକାଶେ ୟୁଏସ୍‌ସିଆଇଆର୍‌ଏଫ୍ ଆମେରିକା ସରକାରଙ୍କୁ ସୁପାରିସ୍ କରିଥିଲା। ସେମାନଙ୍କ ସମ୍ପତ୍ତି ଜବତ କରିବା କିମ୍ବା ସେମାନଙ୍କୁ ଆମେରିକା ପ୍ରବେଶକୁ ରୋକିବାକୁ କହିଥିଲା। ସ୍ମରଣଯୋଗ୍ୟ, ୨୦୦୨ ଗୁଜରାଟ ଗଣହତ୍ୟା ପରେ ୟୁଏସ୍‌ସିଆଇଆର୍‌ଏଫ୍ ସୁପାରିସକ୍ରମେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଆମେରିକା ଭିଜା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। କିନ୍ତୁ ଏଥର ଭାରତକୁ କଟକଣା ଭୁକ୍ତ କରିବାରେ ଅସହମତି ପ୍ରକାଶ ପାଇଲା। ୟୁଏସ୍‌ସିଆଇଆର୍‌ଏଫ୍ କମିଶନର ଗ୍ୟାରି ବୌଏର(ଜଣେ ରିପବ୍ଲିକାନ) ଏବଂ ତେନ୍‌ଜିନ ଦୋର୍ଜି(ଜଣେ ତିବ୍ବତ ଶରଣାର୍ଥୀ) ଉଲ୍ଲେଖ କରିଥିଲେ ଯେ, ଭାରତରେ ଯାହା ଘଟୁଛି ତାହାକୁ ନେଇ ସେମାନେ ଚିନ୍ତିତ। କିନ୍ତୁ ଆମେରିକା ଭାରତ ଉପରେ କଟକଣା ଲଗାଇବା ଉଚିତ ନୁହେଁ। ଏଣୁ କଟକଣା ପାଇଁ ୟୁଏସ୍‌ସିଆଇଆର୍‌ଏଫର ସୁପାରିସକୁ ପ୍ରଶାସନ ଗ୍ରହଣ କରି ନ ଥିଲା। ଭାରତରେ ଧାର୍ମିକ ସ୍ୱାଧୀନତା ନିମ୍ନଗାମୀ ହେଉଥିବା ଦର୍ଶାଇ ୟୁଏସ୍‌ସିଆଇଆର୍‌ଏଫ୍ ୨୦୨୧ରେ 'ବିଶେଷ ଚିନ୍ତାଜନକ ଦେଶ'' ତାଲିକାରେ ଭାରତକୁ ପୁନର୍ବାର ସ୍ଥାନିତ କରିଥିଲା। ତାହା ଦିଲ୍ଲୀ ଦଙ୍ଗା, ସିଏଏ ପ୍ରତିବାଦକୁ ନେଇ ଦେଶରେ ସଂଗଠିତ ହିଂସା ଓ ବାବ୍ରି ମସ୍‌ଜିଦ ମାମଲାରେ ସମସ୍ତଙ୍କୁ ଦୋଷମୁକ୍ତ କରିବା ଆଦି ଘଟଣାକୁ ଏହା ଦର୍ଶାଇଥିଲା। ପୁଣି ଥରେ ଭାରତ ସରକାରଙ୍କ ଅଧିକାରୀ ଏବଂ ସଂସ୍ଥାଗୁଡ଼ିକ ବିରୋଧରେ କଟକଣା ଲଗାଇବାକୁ ସୁପାରିସ କରିଥିଲେ ବି ବାଇଡେନ୍ ପ୍ରଶାସନ ସ୍ୱୀକାର କରି ନ ଥିଲା। ଏଥର କିନ୍ତୁ ୟୁଏସ୍‌ସିଆଇଆର୍‌ଏଫ୍‌ରେ କେହି ଜଣେ ମଧ୍ୟ ବିରୋଧ କରି ନ ଥିଲେ। ଏହାର ଜଣେ କମିଶନର ଜନ୍ନି ମୋରେ ଉଲ୍ଲେଖ କଲେ ଯେ, ମୁଁ ଭାରତକୁ ଭଲ ପାଏ। ମୁଁ ବଡ଼ି ସକାଳୁ ଗଙ୍ଗାରେ ନୌକାରେ ଯାଇଛି, ଦିଲ୍ଲୀର ପ୍ରତ୍ୟେକ ଗଳିରେ ବୁଲିଛି, ଆଗ୍ରା ସ୍ଥାପତ୍ୟ ଦେଖି ବିସ୍ମିତ ହୋଇଛି, ଧର୍ମଶାଳାରେ ଦଲାଇଲାମା ମନ୍ଦିର ପାଖରେ ଚା ପିଇଛି, ଆଜ୍‌ମେର ଧର୍ମପୀଠ ଚାରିପାଖେ ବୁଲିଛି। ବୁଲିବା ଭିତରେ ଖ୍ରୀଷ୍ଟିଆନ ଭଉଣୀ ଭାଇମାନେ ନିଃସ୍ୱାର୍ଥପର ଭାବେ କଠିନ ପରିସ୍ଥିତିରେ ଗରିବଙ୍କ ସେବା କରିବା ଦେଖିଛି। ଏଣୁ ବିଶ୍ୱର ସବୁ ଦେଶ ମଧ୍ୟରେ ଭାରତ 'ବିଶେଷ ଚିନ୍ତାଜନକ ଦେଶ' ହେବା ଉଚିତ ନୁହେଁ। ଭାରତର ଗଣତନ୍ତ୍ର ଏବେ ବି ବଳିଷ୍ଠ ଏବଂ ମୁକ୍ତଧାରାରେ ଚାଲିଛି। ତେବେ ବୃଦ୍ଧି ପାଉଥିବା ଆନ୍ତଃ ସମ୍ପ୍ରଦାୟ ସଂଘର୍ଷକୁ ଭାରତ ବିରୋଧ କରିବା ଦରକାର। ସାମାଜିକ ସଦ୍‌ଭାବ ରକ୍ଷାକରି ଏବଂ ସମସ୍ତଙ୍କ ଅଧିକାର ସୁରକ୍ଷା କରି ଭାରତ ସରକାର ଓ ନାଗରିକମାନେ ଲାଭ ପାଇବେ ଏବଂ କିଛି ବି ହରାଇବାର ନାହିଁ। ଭାରତ ଏହା କରିପାରିବ, କରିବା ବି ଦରକାର।

ଆସନ୍ତା ମାସରେ ୨୦୨୨ ପାଇଁ ୟୁଏସ୍‌ସିଆଇଆର୍‌ଏଫ୍ ସୁପାରିସ୍ କରିବ। ଏହି ଆଧାରରେ କିଛି ଦିନ ପୂର୍ବେ ଏକ ସାମ୍ବାଦିକ ସମ୍ମିଳନୀରେ ଜୟଶଙ୍କର ଓ ରାଜନାଥ ସିଂଙ୍କ ଉପସ୍ଥିତିରେ ଆମେରିକା ପରରାଷ୍ଟ୍ର ସଚିବ ବ୍ଲିଙ୍କେନ ଦେଇଥିବା ମନ୍ତବ୍ୟକୁ ଆମେ ନିରୀକ୍ଷଣ କରିବା ଉଚିତ। ସେ କହିଥିଲେ ଯେ, ଆମେ ନିୟମିତ ଆମ ସହଯୋଗୀ ଭାରତ ସହ ସାମାଜିକ ବିଷୟଗୁଡ଼ିକରେ ଜଡ଼ିତ ରହିଛୁ ଏବଂ ଭାରତରେ ଏବେ ସରକାର, ପୋଲିସ ଏବଂ ଜେଲ ଅଧିକାରୀଙ୍କ ଦ୍ୱାରା ଉଲ୍ଲଂଘନ ହୋଇଥିବା ମାନବ ଅଧିକାର ସମେତ ଆଉ କିଛି ସମ୍ବନ୍ଧିତ ଘଟଣାକ୍ରମକୁ ଆମେ ନିରୀକ୍ଷଣ କରୁଛୁ। ଏଥିରେ ଆମ ସରକାର ଚିନ୍ତିତ ଥିଲେ; ଯେଉଁଥିପାଇଁ ଆମେରିକାରେ ମାନବିକ ଅଧିକାର ସ୍ଥିତିକୁ ନେଇ ଭାରତ ମଧ୍ୟ ଚିନ୍ତିତ ବୋଲି ଜୟଶଙ୍କର ଭାରତ ଫେରିବା ପରେ କହିବାକୁ ପଡ଼ିଲା। ଏହାକୁ ଏକ ବଡ଼ ପ୍ରତ୍ୟୁତ୍ତର ଭାବେ ଦେଖାଗଲା। କିନ୍ତୁ ଆମେରିକାରେ ସୃଷ୍ଟି ହୋଇଥିବା ପ୍ରସଙ୍ଗକୁ ଏହା ସମାଧାନ କରୁ ନାହିଁ। କିଛିମାସ ପୂର୍ବର ଘଟଣାଗୁଡ଼ିକୁ ଦେଖିଲେ ସମ୍ଭବତଃ ଭାରତ ତାଲିକାରେ ରହିବ ଏବଂ ୟୁଏସ୍‌ସିଆଇଆର୍‌ଏଫ୍ ଆମେରିକାକୁ ମାନବ ଅଧିକାର ସମ୍ପର୍କିତ ଘଟଣାରେ କଟକଣା ଲଗାଇବାକୁ କହିପାରେ। ଏହା ଲାଗି ରହିବ ଓ ଆମକୁ ଏଥିପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ଏବେ ଭାରତରେ କ'ଣ ସବୁ ଘଟୁଛି ତା'ପ୍ରତି ବିଶ୍ୱ ଆଖି ବନ୍ଦ କରି ବସି ନାହିଁ। ଏଥିରେ ବିଶ୍ୱ ଅସନ୍ତୁଷ୍ଟ।

ଭାଇଚାରା ଓ ଗଣତନ୍ତ୍ରକୁ ନେଇ ଭାରତର ଅପୂର୍ବ ଖ୍ୟାତି ରହିଛି। ହେଲେ ଏଠାରେ ଦେଶର ଛବିଖରାପ କରୁଥିବା ଘଟଣାଗୁଡ଼ିକୁ ଭାରତ ବେଶିଦିନ ଲୁଚାର ପାରିବ ନାହିଁ। ଯାହା ଘଟୁଛି ତାହା ଭୁଲ୍ ଓ ସରକାର ତାହା ବିରୋଧରେ ଅଛନ୍ତି ବୋଲି ଆମେ ବିଶ୍ୱକୁ ଆଶ୍ୱାସନା ଦେଇପାରିବା। କିନ୍ତୁ ତାହା କରିବାକୁ ଆମେ ଚାହୁଁନୁ। ଆମେ ଯେଉଁ ବାଟରେ ରହିଛୁ ସେଥିରେ ରହିବାକୁ ପସନ୍ଦ କରିଛୁ। ଏହି କାରଣରୁ ଆସନ୍ତା ମାସରେ ୟୁଏସ୍‌ସିଆଇଆର୍‌ଏଫ୍ କ'ଣ କହିବ ତାହା ଦେଖିବାକୁ ଜୟଶଙ୍କରଙ୍କ ମନ୍ତ୍ରଣାଳୟରେ ଅନେକ ଅପେକ୍ଷା କରି ବସିବେ। ଏହା କ'ଣ ସୁପାରିସ କରୁଛି ଓ ଏଥର ଏହାକୁ ଆମେରିକା ପ୍ରଶାସନ ପୁଣି ଥରେ ଅଣଦେଖା କରୁଛି କି ତା'ଉପରେ ପଦକ୍ଷେପ ନେଉଛି ତାହା ଜାଣିବାକୁ ଚାହିଁ ରହିବେ।

Email:aakar.patel@gmail.com

su | do | ku — ସୁ–ଡୋ–କୁ

Puzzles by Srikant Ghosh

					4			
	8				9	6	2	
	2	6	1			7		
		9				1	7	
3								8
8	7							4
	3		7		2			
		7		6				5
			3			8		

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

2	3	7	8	9	5	4	1	6
8	6	5	1	2	4	7	9	3
9	1	4	6	7	3	8	2	5
1	4	6	7	3	8	2	5	9
5	2	9	4	6	1	3	7	8
7	8	3	9	5	2	6	4	1
3	5	1	2	8	7	9	6	4
4	9	2	3	1	6	5	8	7
6	7	8	5	4	9	1	3	2

ଗତ କାଲିର ଉତ୍ତର

ଦୁର୍ଗମ ପଥ, ଦୁର୍ଦ୍ଧର୍ଷ ପଥିକ

ଡ. ପ୍ରଫୁଲ୍ଲ କୁମାର ସାହୁ

ଜୀବିତାବସ୍ଥାରେ ଓଡ଼ିଶାର ଯେଉଁ ଦୁଇଜଣ ଯୋଗଜନ୍ମାଙ୍କୁ କିମ୍ବଦନ୍ତୀ ପୁରୁଷ ହେବାର ସୌଭାଗ୍ୟ ମିଳିଛି, ସେମାନଙ୍କ ଭିତରୁ ଜଣେ ହେଲେ ଉତ୍କଳଗୌରବ ମଧୁସୂଦନ ଦାସ ବା ମଧୁବାବୁ ଓ ଅନ୍ୟ ଜଣେ ବିଜୟାନନ୍ଦ ପଟ୍ଟନାୟକ ବା ବିଜୁବାବୁ। ମଧୁବାବୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରାଣପ୍ରତିଷ୍ଠାତା। ବିଜୁବାବୁ ହେଉଛନ୍ତି ଆଧୁନିକ ଓଡ଼ିଶାର ନିର୍ମାତା। ମଧୁବାବୁଙ୍କ ପରେ ବିଜୁବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ, ଓଡ଼ିଶାର ପ୍ରାଣ ଓ ଚେତନା। ଦୁଃସାହସ ଥିଲା ତାଙ୍କ ଚରିତ୍ରର ବିଶେଷତ୍ୱ। ବାସ୍ତବରେ ନେତାଜୀ ସୁଭାଷ ବୋଷଙ୍କ ପରେ ବିଜୁବାବୁ ହେଉଛନ୍ତି ଓଡ଼ିଶା ମାଟିର ବରପୁତ୍ର, ଯାହାଙ୍କ ସାହସିକତାକୁ ନେଇ ଗର୍ବ ଅନୁଭବ କରେ ପ୍ରତ୍ୟେକ ଓଡ଼ିଆ। ପିଲାଟି ଦିନରୁ ସେ ଥିଲେ ଦୁର୍ଗମ ପଥର ଦୁର୍ଦ୍ଧର୍ଷ ଯାତ୍ରୀ। ପଡ଼ିଆରେ ଫୁଟ୍‌ବଲ୍ ଖେଳିବାଠାରୁ ଆକାଶରେ ବିମାନ ଉଡ଼େଇବା ପର୍ଯ୍ୟନ୍ତ ସବୁଥିରେ ସେ ଥିଲେ ସାହସୀ, ଧୁରନ୍ଧର ଓ ଅନନ୍ୟ। ତାଙ୍କ ଦୁଃସାହସିକତା, ନିର୍ଭୀକତା ଓ ଦେଶପ୍ରେମକୁ କେନ୍ଦ୍ରକରି ଗଢ଼ିଉଠିଛି ଅନେକ କଥା, କାହାଣୀ ଓ କିମ୍ବଦନ୍ତୀ।

୧୯୨୩ ମସିହା କଥା। ବିଜୁଙ୍କୁ ସେତେବେଳେ ବୟସ ମାତ୍ର ୭ ବର୍ଷ। ହଠାତ୍ ଦିନେ ପେଟରେ ଅନୁଭବ କଲେ ଯନ୍ତ୍ରଣା। ଦିନକୁ ଦିନ ଯନ୍ତ୍ରଣା ବଢ଼ିଲେ ବି ଏହା ଅସହ୍ୟ ହେବା ପର୍ଯ୍ୟନ୍ତ କାହାକୁ କିଛି ନ କହି ଲୁଚେଇ ରଖିଲେ ନିଜ ଭିତରେ। ଶେଷରେ ପରିସ୍ଥିତି ଏଭଳି ହେଲା ଯେ ତାଙ୍କ ଯନ୍ତ୍ରଣା ଦେଖି ସ୍ତବ୍ଧ ହୋଇପଡ଼ିଲେ ପିତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ମାତା ଆଶାଲତା ଦେବୀ। ଡାକ୍ତରଖାନା ନେବାରୁ ଜଣାପଡ଼ିଲା ଆପେଣ୍ଡିସାଇଟ୍‌ସ ଫାଟିଯାଇଛି ଏବଂ ଏଥିପାଇଁ ତୁରନ୍ତ ଅପରେଶନ ଦରକାର। ମାତ୍ର ତତ୍କାଳ ନିଶ୍ଚେତକ ବ୍ୟବସ୍ଥା ଉପଲବ୍ଧ ହୋଇ ନ ପାରିବାରୁ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ ଡାକ୍ତର। କାରଣ ବିନା ନିଶ୍ଚେତକରେ ଅସ୍ତ୍ରୋପଚାର କଲେ ପିଲା କଷ୍ଟ ସହିପାରିବ କି ନାହିଁ, ତାହା ହିଁ ଥିଲା ଚିନ୍ତାର ବିଷୟ। ବାଳକ ବିଜୁ ଡାକ୍ତରଙ୍କ ଆଶଙ୍କାକୁ ଅନୁଭବ କରି ସଙ୍ଗେସଙ୍ଗେ କହିଲେ ଆପଣ ଅପରେଶନ କରନ୍ତୁ, ମୁଁ ପ୍ରସ୍ତୁତ। ସେଦିନ ବିନା ନିଶ୍ଚେତକରେ ଅପରେଶନ ହେଲା ଏବଂ ସବୁ କଷ୍ଟ ସହିନେଲେ ବିଜୁ। ଅପରେଶନ କରିଥିବା ଇଂରେଜ ଡାକ୍ତର ମ୍ୟାଦର ଓନିଲ୍ ଆଶ୍ଚର୍ଯ୍ୟ ହୋଇ ସେହିଠାରେ ବିଜୁଙ୍କୁ ସମ୍ବୋଧନ କରି କହିଥିଲେ, 'ବ୍ରେଭ୍ ଆଣ୍ଡ ଡେୟାରିଂ ବୟ।'

୧୯୩୨ ମସିହାର କଥା। ସେତେବେଳେ ସେ ରେଭେନ୍ସା କଲେଜର ବିଜ୍ଞାନ ଛାତ୍ର। ବୟସ ମାତ୍ର ଷୋହଳ। ମୁଣ୍ଡକୁ ଘାରିଲା କଟକରୁ ପେଶାୱର(ବର୍ତ୍ତମାନ ପାକିସ୍ଥାନରେ ଅବସ୍ଥିତ) ପର୍ଯ୍ୟନ୍ତ ପ୍ରାୟ ୪ହଜାର ୫ଶହ ମାଇଲ ଦୁଃସାହସିକ ସାଇକେଲ ଯାତ୍ରାର ନିଶା। ଘରେ ସମସ୍ତେ ଆଶ୍ଚର୍ଯ୍ୟ। ବନ୍ଧୁବାନ୍ଧବ, ସାଇପଡ଼ିଶା ତାଜୁବ୍। ହେଲେ ବିଜୁଙ୍କ ଜିଦ୍ ଆଗରେ ହାର୍ ମାନିଲା ସମସ୍ତଙ୍କ ବାରଣ। ମେ' ୧ ତାରିଖ ଖରାଛୁଟିରେ ବନ୍ଧୁ ଅମର ଦେ ଓ ଭ୍ରମରବର ସାହୁଙ୍କୁ ସାଙ୍ଗରେ ନେଇ ଆରମ୍ଭ ହେଲା ପେଶାୱର ଯାତ୍ରା। ବଣଜଙ୍ଗଲ ଓ ପାହାଡ଼ିଆ ଦୁର୍ଗମ

ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଉପଲକ୍ଷେ

ରାସ୍ତା ଅତିକ୍ରମ କରି ସେମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲେ ଦୀର୍ଘ ୩୫ ଦିନର କଷ୍ଟସାଧ ଯାତ୍ରା ପରେ।

୧୯୪୭, ଜୁଲାଇ ୨୩ ବର୍ଷାଭିଜା ସକାଳ। କଲିକତା ଏୟାରପୋର୍ଟରୁ ଉଡ଼ିବାକୁ ପ୍ରସ୍ତୁତ ହେଉଥାଏ ଏକ ପୁରୁଣା ଡାକୋଟା ବିମାନ। ଆକାଶରେ ଚାଲିଥାଏ ମାଳ ମାଳ ଭସା ବାଦଲଙ୍କ ଲୁଚକାଳି ଖେଳ। ଧୀରେ ଧୀରେ ବଢୁଥାଏ ପବନର ବେଗ। ପାଇଲଟ୍‌ଙ୍କୁ ସତର୍କ କରାଇଦେବା ଉଦ୍ଦେଶ୍ୟରେ କେହି ଜଣେ ପଛରୁ କହିଲେ ଝଡ଼ ଆସୁଛି। ପିଲାଟିବେଳୁ ବିପଦ ସହ ଖେଳିବାକୁ ଭଲ ପାଉଥିବା ପାଇଲଟ୍ ଜଣକ ଏହାକୁ ଭୁକ୍ଷେପ କରିବା ପରିବର୍ତ୍ତେ ଖୁବ୍ ହାଲ୍‌କା ଭାବେ ଗ୍ରହଣ କରି କହିଲେ, ବିଜୁର ଜାହାଜ ଉଡ଼େ ଝଡ଼ ଉପରେ। ତା'ପରେ ବିମାନ ଧରି ଉଡ଼ିଗଲେ ଆକାଶର ମଥାନ ଉପରକୁ। ଆଜୀବନ ବିପଦକୁ ବେଖାତିର କରି ଝଡ଼ ଉପରେ ଉଡୁଥିବା ସେହି ପାଇଲଟ୍ ଜଣକ ଥିଲେ ବିଜୁ ପଟ୍ଟନାୟକ। ସାଧାରଣତଃ ଅନ୍ୟ ପକ୍ଷୀମାନେ ଝଡ଼ର ସୂଚନା ପାଇବା ମାତ୍ରେ ଉଡ଼ିଯାଆନ୍ତି ନିରାପଦ ସ୍ଥାନକୁ। ମାତ୍ର ଝଡ଼ ଆସୁଛି ଜାଣି ମଧ୍ୟ ଆକାଶରେ ନିର୍ଭୟରେ ଉଡ଼େ ଇଗଲ୍। ଝଡ଼ର ବେଗ ଯେତିକି ବଢ଼େ, ସେତିକି ସେତିକି ଉପରକୁ ଉଡ଼େ ଇଗଲ୍‌ର ଡେଣା। ସେଦିନ ଠିକ୍ ସେହି ଇଗଲ୍ ପରି ଝଡ଼ ବତାସକୁ ଫୁତ୍‌କାରରେ ଉଡ଼େଇଦେଇ ବିଜୁ ପଟ୍ଟନାୟକ ଉଡ଼ିଯାଇଥିଲେ କଲିକତାରୁ ଜାଭା। ସେଠାରେ ଡଚ୍ ସେନା ଆଖିରେ ଆଙ୍ଗୁଠି ଗେଞ୍ଜି ଇଣ୍ଡୋନେସିଆର ଦୁଇ ଦୁର୍ଦ୍ଦାନ୍ତ ନେତା ସୁତନ ସହରିତ୍ ଓ ମହମ୍ମଦ ହାଟ୍ଟାଙ୍କୁ ବିମାନରେ ବସାଇ ଉଡ଼େଇ ଆଣିଥିଲେ ନୂଆଦିଲ୍ଲୀ। ଠିକ୍ ସେମିତି ରେଙ୍ଗୁନ ମାଟିରେ ବନ୍ଦୀହୋଇ ରହିଥିବା ବ୍ରିଟିଶ ନାଗରିକମାନଙ୍କୁ ସେ ଜାପାନୀ ଶତ୍ରୁଙ୍କ କବଳରୁ ମୁକୁଳେଇ ଆଣିଥିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ। ଡଚ୍ ଆକ୍ରମଣ ବେଳେ ନିଜ ଜୀବନକୁ ଭୁକ୍ଷେପ ନ କରି ସୋଭିଏଟ୍ ରୁଷିଆର ସୈନ୍ୟମାନଙ୍କୁ ଯୋଗାଇଥିଲେ ଲଢ଼େଇ ଅସ୍ତ୍ରଶସ୍ତ୍ର। ସେ ହିଁ ଥିଲେ ଭାରତର ପ୍ରଥମ ପାଇଲଟ୍, ଯିଏ ଅଶାନ୍ତ କଶ୍ମୀର ଉପତ୍ୟକାରେ ଅବତରଣ କରେଇ ପାରିଥିଲେ ଯୁଦ୍ଧ ବିମାନ। ତାଙ୍କ ନାମ ସହିତ ଯୋଡ଼ିହୋଇ ରହିଛି ୧୯୬୨ ଚାଇନା ଆକ୍ରମଣ ବେଳେ ବରଫାବୃତ୍ତ ଦୁର୍ଗମ ଅଞ୍ଚଳରେ ଲଢୁଥିବା ଭାରତୀୟ ସୈନ୍ୟଙ୍କ ପାଖରେ ଖାଦ୍ୟସାମଗ୍ରୀ ପହଞ୍ଚାଇପାରିବା ଭଳି ଅନେକ ଦୁଃସାହସିକ ଘଟଣା, ଯେଉଁ ଘଟଣାସବୁକୁ ବିଶ୍ୱାସ କରିହୁଏନି ସହଜରେ। ପ୍ରବାଦ ପରି ଲାଗେ।

୧୯୪୨ ଭାରତ ଛାଡ଼ ଆନ୍ଦୋଳନ ବେଳେ ଡାଲ୍‌ମିଆ ଜୈନ ଏୟାରୱେଜ୍‌ର ମୁଖ୍ୟ ପାଇଲଟ୍ ଥିବା ବିଜୁ ପଟ୍ଟନାୟକ ବହନ କରିଥିଲେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବାର ଦାୟିତ୍ୱ। ତାଙ୍କର ସାହସିକତା ଯୋଗୁ ଅରୁଣା ଆସଫ୍ ଅଲ୍ଲୀ, ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟବର୍ଦ୍ଧନଙ୍କ ଭଳି ନେତାମାନେ ବିଭିନ୍ନ ସ୍ଥାନରେ ପହଞ୍ଚି ପାରିଥିଲେ ନିରାପଦରେ।

ବ୍ରିଟିଶ୍ ବିରୋଧୀ କାର୍ଯ୍ୟକଳାପ ପାଇଁ ୧୯୪୩ ରେ ବନ୍ଦୀହୋଇ ଜେଲରେ ଥିବା ବିଜୁବାବୁ ପାରୋଲରେ ଆନନ୍ଦଭବନ ଫେରିଥିଲେ ୨ ବର୍ଷ ପରେ। ସେତେବେଳେ ସେ ସମ୍ପୂର୍ଣ୍ଣ ନିଃସ୍ୱ କହିଲେ ଚଳେ। ଅଥଚ ତାଙ୍କୁ ଘାରିଲା ଶିଳ୍ପାୟନ ମାଧ୍ୟମରେ ଓଡ଼ିଶାର ଦାରିଦ୍ର୍ୟ ଦୂର କରିବାର ନିଶା। ସେତେବେଳେ ଚୌଦ୍ୱାର ଥିଲା ଟାଙ୍ଗରା ଭୁଇଁ। ରାସ୍ତାଘାଟର ସୁବିଧା ନ ଥିଲା ଗମନାଗମନ ପାଇଁ। ସେଇ ଅପନ୍ତରା ଟାଙ୍ଗରା ଭୂଇଁରେ ସେ ପ୍ରତିଷ୍ଠା କଲେ ଆଧୁନିକ ଲୁଗାକଳ।

ବିଜୁବାବୁଙ୍କ ପ୍ରଥମ ମୁଖ୍ୟମନ୍ତ୍ରିତ୍ୱ ସମୟ, ଅର୍ଥାତ୍ ୧୯୬୧–୬୨ ମସିହାର ଘଟଣା। ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ସୃଷ୍ଟି ହୋଇଥାଏ ହୀରାକୁଦ ବନ୍ଧ ଭାଙ୍ଗିଯିବାର ଆଶଙ୍କା। ହୀରାକୁଦ ବନ୍ଧ ଭାଙ୍ଗିଲେ ଭାସିଯିବ କଟକ ସହର। ସାରା ସହରବାସୀଙ୍କୁ ଆଚ୍ଛନ୍ନ କରି ରଖିଥାଏ ଏହି ଆଶଙ୍କା ଓ ଆତଙ୍କ। ଖବର ପହଞ୍ଚିଲା ବିଜୁବାବୁଙ୍କ ପାଖରେ। ସେ ସହସା ଆସି ପହଞ୍ଚିଗଲେ କଟକ ରେଳଷ୍ଟେଶନରେ। ଷ୍ଟେଶନର ଇନ୍‌କ୍ୱାରି ରୁମ୍‌ର ମାଇକ୍ ସାମ୍ନାକୁ ଯାଇ ସହରବାସୀଙ୍କ ଉଦ୍ଦେଶ୍ୟରେ ଆରମ୍ଭ କରିଦେଲେ ଉଦ୍‌ବୋଧନ। ତାଙ୍କର ବକ୍ତବ୍ୟ ଥିଲା– 'ମୁଁ ବିଜୁ ପଟ୍ଟନାୟକ କହୁଛି, ବନ୍ଧ ବିଲ୍‌କୁଲ ଭାଙ୍ଗିବନାହିଁ। ଯଦି ଇଞ୍ଜିନିୟରମାନଙ୍କ କଥାକୁ ବିଶ୍ୱାସ କରୁଛ, ତା'ହେଲେ ଗଛ, ପାହାଡ଼, ମୁଣ୍ଡିଆ ଯାହା ପାଉଛ ଚଢ଼ିଯାଅ। ଉଚ୍ଚ ଜାଗାକୁ ପଳେଇଯାଅ। ଯଦି ମୋ କଥା ମାନୁଛ, ତେବେ ନିଶ୍ଚିନ୍ତରେ ଯାଇ ଘରେ ଶୋଇପଡ଼।' ଆଶ୍ଚର୍ଯ୍ୟର କଥା ହେଲା, ସେଦିନ ବିଜୁବାବୁଙ୍କ କଥା ମାନି ସାହସ ବାନ୍ଧିଥିଲେ ସହରବାସୀ। ବିଜୁବାବୁଙ୍କ ଆକଳନ ଅନୁସାରେ ହୀରାକୁଦ ବନ୍ଧ ଭାଙ୍ଗି ନ ଥିଲା ଏବଂ ଭୁଲ୍ ପ୍ରମାଣିତ ହେଲା ଇଞ୍ଜିନିୟରମାନଙ୍କ

ସଂକ୍ଷେପରେ

ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ରସୁଲପୁର,୧୬।୪(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ବଡ଼କଇଝ ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ଶ୍ରୀଧର ସାହୁଙ୍କ ସ୍ତ୍ରୀ ଶୁଭଶ୍ରୀ(୨୬) ଶୋଇବା ଘର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ମୃତା ମହିଳାଙ୍କ ବାପା ବୃନ୍ଦାବନ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ସେ ତାଙ୍କ ଭାଇଙ୍କ ସହ ଝିଅ ଶାଶୁଘରକୁ ଆସିଥିଲେ। ଏହି ସମୟରେ ଝିଅର ମୃତଦେହ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଦେଖିବାକୁ ପାଇଥିଲେ। ସେଠାରୁ ଝିଅର ଶାଶୁଘରକୁ ଆସି ଦେଖିଲେ ଯେ ଶୁଭଶ୍ରୀଙ୍କ ଶୋଇବା ଘର ପଙ୍ଖାରେ ଲୁଗା ଝୁଲୁଛି। ଏହାପରେ ସେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ, ପୋଲିସ ନଂ.୮।୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ଶାଶୁଘର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ସ୍ତ୍ରୀଙ୍କ ଆତ୍ମହତ୍ୟା ଖବର ଜାଣି ସ୍ୱାମୀ ଶ୍ରୀଧର ଅଚେତ ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଟିପ୍ପର ଜବତ, ଚାଳକ ଗିରଫ

କଳିଙ୍ଗନଗର,୧୬।୪(ଡି.ଏନ.ଏ.): ବେଆଇନ ବାଲି ପରିବହନ କରୁଥିବା ଏକ ଟିପ୍ପରକୁ ଟମକା ପୋଲିସ ଜବତ କରିବା ସହ ଏହାର ଚାଳକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଚାଳକ ହେଲେ କଳିଙ୍ଗନଗର ଥାନା ଅନ୍ତର୍ଗତ କାଇଁଝର ଗ୍ରାମର ସୁନାକର ମହାନ୍ତ(୩୨)। ସୁନାକର ବାଲି ଚାଲାଣ କରୁଥିବାବେଳେ ଶୁକ୍ରବାର ଅପରାହ୍ନରେ ପୋଲିସ ଗୋପହୁଡ଼ି ନିକଟରେ ତାଙ୍କ ଗାଡ଼ି ଅଟକାଇ କାଗଜପତ୍ର ମାଗିଥିଲା। ହେଲେ ସେ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ଏ ନେଇ ଥାନାରେ ଏକ ମାମଲା ନଂ.୪୪/୨୨ରେ ରୁଜୁ ହୋଇଛି।

୧୮ରୁ ପୁଣି ଜିଲାସ୍ତରୀୟ ଜନଶୁଣାଣି

ଯାଜପୁର ଟାଉନ,୧୬।୪(ଡି.ଏନ.ଏ.): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୧୮ ତାରିଖ ସୋମବାର ସକାଳ ୭ଟାରେ ଯାଜପୁର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଦୀର୍ଘଦିନ ଧରି ବନ୍ଦ ରହିଥିବା ଯୁଗ୍ମ ଜନଶୁଣାଣି ଶିବିର ପୁଣି ଆରମ୍ଭ କରାଯିବ। ଏନେଇ ଅତିରିକ୍ତ ଜିଲାପାଳ (ପ୍ରଶାସନ) ମିହିର ପ୍ରସାଦ ମହାନ୍ତି ବିଭାଗୀୟ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। କୋଭିଡ୍ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ପରଠାରୁ ଏହି ଜନଶୁଣାଣି ବନ୍ଦ ରହିଥିଲା। ଏହି ସମୟରେ ଆଭାସି ଜନଶୁଣାଣି ଚାଲୁ ରହିଥିଲେ ମଧ୍ୟ ସମସ୍ତ ଅଭିଯୋଗକାରୀ ଏହାର ସୁଯୋଗ ନେଇପାରୁ ନ ଥିଲେ। ସାଧାରଣ ଜନତାଙ୍କ ହିତ ଦୃଷ୍ଟିରୁ ଏଣିକି ପ୍ରତି ସୋମବାର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ତତ୍ତ୍ୱାବଧାନରେ ପ୍ରତ୍ୟକ୍ଷ ଜନଶୁଣାଣି ଅନୁଷ୍ଠିତ ହେବ। ଏହାଦ୍ୱାରା ପ୍ରତ୍ୟେକ ସାଧାରଣ ଜନତା ଏହାର ସୁଫଳ ପାଇପାରିବେ ବୋଲି ଅତିରିକ୍ତ ଜିଲାପାଳ ମହାନ୍ତି ପ୍ରକାଶ କରିଛନ୍ତି।

କଟକ ବିଦ୍ୟୁତ୍ କର୍ମଚାରୀଙ୍କ ବାର୍ଷିକ ଅଧିବେଶନ

ଛତିଆ,୧୬।୪(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅଧୀନ ଛତିଆସ୍ଥିତ ଅମରବତୀ ମଠଠାରେ କଟକ ବିଦ୍ୟୁତ୍ କର୍ମଚାରୀଙ୍କ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀଳମଣି ବଳ ସଭାପତିତ୍ୱ କରିଥିବା ବେଳେ ପ୍ରଭୁଦତ୍ତ ମିଶ୍ର ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସଭାରେ ଉପସ୍ଥାପନ କରିଥିଲେ। ଉକ୍ତ ବାର୍ଷିକ ଅଧିବେଶନରେ କଟକ ସର୍କଲ ବିଦ୍ୟୁତ୍ କର୍ମଚାରୀ ସଂଘ ସହ ସହବନ୍ଧିତ ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ତଥା ଭାରତୀୟ ମଜଦୁର କଂଗ୍ରେସ ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହାସଂଘ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଓ ଅନ୍ୟତମ ଅତିଥି ଭାବେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ଉପସଭାପତି ଦୀନବନ୍ଧୁ ମହାନ୍ତି, ଯୁଗ୍ମସମ୍ପାଦକ ଦିଲ୍ଲୀପ କୁମାର ସାହୁ, ସଞ୍ଜୀବ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ୨୦୨୨ ମସିହା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ନୀଳମଣି ବଳ, ଉପସଭାପତି ଗୋବର୍ଦ୍ଧନ ସାମଲ, ହରେକୃଷ୍ଣ ବେହେରା, ସାଧାରଣ ସମ୍ପାଦକ ଭାବେ ପ୍ରଭୁଦତ୍ତ ମିଶ୍ର, ସଂଗଠନ ସମ୍ପାଦକ ଭାବେ ସୁଭାଶିଷ ବେହେରା ଓ କୋଷାଧକ୍ଷ ଭାବେ ଯଯାତି ମୋହନ ସାହୁ ନିର୍ବାଚିତ ହୋଇଛନ୍ତି।

ଏନ୍‌ଏଚ୍ କଡ଼ରେ ଚୋରା ଲୁହାପଥର ବ୍ୟବସାୟ

ଚଣ୍ଡିଖୋଲ,୧୬।୪(ଡି.ଏନ.ଏ.)

ରାସ୍ତାକଡ଼ରେ ଗଦା ହୋଇଥିବା ଲୁହାପଥର ଗୁଣ୍ଡ।

ଚଣ୍ଡିଖୋଲରେ କାମ କରୁଛି ର୍ୟାକେଟ
- ଟେର୍ ପାଉନି ପୋଲିସ
- ଖଣି ବିଭାଗ ନିରାଶ

ପାରାଦୀପ ବନ୍ଦରକୁ ଯାଉଥିବା ଲୁହାପଥର ଗୁଡ଼ିକ ରାସ୍ତାରେ ବିକ୍ରି ହୋଇଯାଉଛି। କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଲୁହାପଥର ଖଣିରୁ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକ ବନ୍ଦରରେ ପହଞ୍ଚିବାର ନିୟମ ରହିଛି। ହେଲେ ଅନେକ ଟ୍ରକ୍ ବନ୍ଦରରେ ନ ପହଞ୍ଚି ମଧ୍ୟ କାଗଜପତ୍ରରେ ପହଞ୍ଚିଥିବାର ଦେଖାଯାଉଛି। ସମସ୍ତ ଖଣିଜ ପଦାର୍ଥ ପରିବହନକାରୀ ଗାଡ଼ିଗୁଡ଼ିକ ଯାଜପୁର ଜିଲାର ଚଣ୍ଡିଖୋଲ ଛକ ଦେଇ ଅତିକ୍ରମ କରିଥାଏ। ଏପରି କି ଗୋପାଳପୁର ବନ୍ଦରକୁ ଗଲେ ମଧ୍ୟ ତାହା ଚଣ୍ଡିଖୋଲ ଦେଇ ଯିବାକୁ ପଡ଼ିଥାଏ।

ସେଥିପାଇଁ ଜାତୀୟ ରାଜପଥ (ଏନ୍‌ଏଚ୍) କଡ଼ରେ ଏହି ଚୋରା ଲୁହାପଥର ବ୍ୟବସାୟ ବ୍ୟାପକ ଭାବେ ଚାଲୁଛି। ଗତ ୩ ଦିନ ତଳେ ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବନ୍ଦାଳୋ ଛକ ନିକଟରୁ ବ୍ୟାପକ ଲୁହାପଥର ଗୁଣ୍ଡ ଜବତ ହୋଇଥିଲା। ଏହି କାରବାରରେ ସମ୍ପୃକ୍ତ ଏକ ଟ୍ରକ୍‌କୁ ମଧ୍ୟ ପୋଲିସ ଜବତ କରିଛି। ତେବେ ଏହି ଘଟଣାରେ ପୋଲିସ କେବଳ ଟ୍ରକ୍ ଚାଳକଙ୍କୁ ଗିରଫ କରିଥିବା ବେଳେ ଅଦ୍ୟାବଧି ଏହି ଚୋରା ଚାଲାଣକାରୀ ମାଷ୍ଟର ମାଇଣ୍ଡଙ୍କୁ ଧରିବାକୁ ସକ୍ଷମ ହୋଇନାହିଁ। ସେହିଭଳି ଗତ ୬ତାରିଖରେ ଜେନାପୁର ଥାନା ଅନ୍ତର୍ଗତ ନୂଆସାହିଠାରୁ ବ୍ୟାପକ ଲୁହାପଥର ଯାଜପୁର ଏସ୍‌ପିଙ୍କ ସ୍ୱତନ୍ତ୍ର ସ୍କ୍ୱାଡ୍ ଧରିଥିଲା। ଘଟଣାରେ ସମ୍ପୃକ୍ତ ଜଣେ ବ୍ୟକ୍ତି ଓ ସେଠାରେ ନିୟୋଜିତ ମେଶିନ୍‌କୁ ଜବତ କରାଯାଇଛି। ଏହାର ମାଷ୍ଟରମାଇଣ୍ଡ ବଡ଼ଚଣା ଥାନା ଧାନମଣ୍ଡଳ ଅଞ୍ଚଳର ସେକ୍ ମନାନ୍‌ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କେବଳ ସେତିକି ନୁହେଁ, ପୂର୍ବରୁ ଏହି ର୍ୟାକେଟ୍ କେନ୍ଦ୍ରାପଡ଼ା ଜିଲାର ବଳଭଦ୍ରପୁରଠାରେ ଚୋରା ଲୁହାପଥର ବ୍ୟବସାୟ କରୁଥିବା ବେଳେ ଖଣି ବିଭାଗ ତରଫରୁ ଚଢ଼ାଉ ହେବା ଜାଣିପାରି ତୁରନ୍ତ ସେଠାରୁ ଲୁହାପଥର ସ୍ଥାନାନ୍ତର କରିଦେଇଥିଲା। ଫଳରେ ବିଭାଗୀୟ ଅଧିକାରୀଙ୍କୁ ଖାଲିହାତରେ ଫେରିବାକୁ ପଡ଼ିଥିଲା। ସେହିଭଳି ୫୩ ନମ୍ବର ଜାତୀୟ ରାଜପଥର କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କଉଡ଼କୋଲ ନିକଟରେ ଏହି ବ୍ୟବସାୟ ଚାଲୁଥିଲା ବେଳେ ଖଣି ବିଭାଗର ଚଢ଼ାଉ ପୂର୍ବରୁ ଲୁହାପଥରକୁ ସ୍ଥାନାନ୍ତର କରାଯାଇଥିଲା। ୧୬ ଓ ୫୩ ନମ୍ବର ଜାତୀୟ ରାଜପଥର ଡୁବୁରିଠାରୁ ପାରାଦୀପ ମଧ୍ୟରେ ଏହି ଲୁହାପଥର ଚୋରା ବ୍ୟବସାୟୀମାନେ ସକ୍ରିୟ ହୋଇ ଉଠିଥିବା ବେଳେ ପୋଲିସର ନୀରବତାକୁ ନେଇ ପ୍ରଶ୍ନ ଉଠିଛି। ଏହି କାରବାରକୁ ଚଣ୍ଡିଖୋଲଠାରେ ରହୁଥିବା ଏକ ର୍ୟାକେଟ୍ ଚଳାଉଥିବା ଜଣାପଡ଼ିଛି। ଏପରି କି ସେମାନେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ପାରାଦୀପ ବନ୍ଦରକୁ ପଠାଉଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ହେଲେ ପୋଲିସ ଏହାର କୌଣସି ଟେର୍ ପାଇପାରୁନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ଯାଜପୁର ରୋଡ୍ ଖଣି ବିଭାଗ ଉପନିର୍ଦ୍ଦେଶକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଘଟଣା ସମ୍ପର୍କରେ ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଚୋରା ବ୍ୟବସାୟ ସମ୍ପର୍କରେ ଖବର ମିଳିଲେ ଚଢ଼ାଉ କରାଯାଉଛି। ତେବେ ଆଗକୁ ଏ ଦିଗରେ ପୋଲିସ ଅଧିକ ସଜାଗ ରହିବ।

ଯୌତୁକ ପାଇଁ ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

ପାଣିକୋଇଲି,୧୬।୪(ଡି.ଏନ.ଏ.)

ପାଣିକୋଇଲି ଥାନା ଅଧୀନ ମୂଳାପାଳ ପଞ୍ଚାୟତ ସରସଦା ଗ୍ରାମରେ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ଚିତ୍ତରଞ୍ଜନ ସାହୁ। ସ୍ତ୍ରୀ ମନୋରମାଙ୍କ ଅଭିଯୋଗ ମୁତାବକ, ସେ ୨୦୨୦ ଜୁନ୍ ୨୬ରେ ଚିତ୍ତରଞ୍ଜନଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରେ ଚିତ୍ତରଞ୍ଜନ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ହେଲେ ମନୋରମାଙ୍କ ପରିବାର ପକ୍ଷରୁ ୮୮ ହଜାର ଟଙ୍କା ଦିଆଯାଇଥିଲା। କିନ୍ତୁ ସେତିକିରେ ଚିତ୍ତରଞ୍ଜନଙ୍କ ମନ ବୁଝି ନ ଥିଲା। ତେଣୁ ବାରମ୍ବାର ଟଙ୍କା ଦାବିକରି ସେ ମନୋରମାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଏପରି କି ଘରର ଗୋରୁ ବିକ୍ରି କରିଦେଉଥିଲେ। ଏ ନେଇ ଉଭୟ ପରିବାର ଓ ଭଦ୍ରବ୍ୟକ୍ତିଙ୍କ ଆଲୋଚନାରେ ବିକିଛି ସୁଫଳ ମିଳୁନ ଥିଲା। ଗତ ମାର୍ଚ୍ଚ ୩୦ ତାରିଖରେ ଚିତ୍ତରଞ୍ଜନ ପୁଣି ମନୋରମାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରକାଶଯୋଗ୍ୟ, ଚିତ୍ତରଞ୍ଜନ ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ମାତ୍ର ୧୫ ଦିନରେ ଜେଲ୍‌ରୁ ଆସି ମନୋରମାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତେଣୁ ପ୍ରଥମ ସ୍ତ୍ରୀ ଭଳି ମନୋରମାଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ମନୋରମା ତାଙ୍କ ବାପଘରକୁ ପଳାଇ ଆସି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ନଂ.୮୫/୨୨ ରୁଜୁ ହୋଇଛି।

ଜଳ ନିଷ୍କାସନ ସମସ୍ୟା ସମାଧାନ ହେବ

କ୍ଷେତ୍ର ପରିଦର୍ଶନ କଲେ ସର୍ବୋଚ୍ଚ ଯନ୍ତ୍ରୀ, ବିଧାୟିକା

ବରୀ,୧୬।୪(ଡି.ଏନ.ଏ.)

ମୁଖ୍ୟଯନ୍ତ୍ରୀ ଓ ବିଧାୟିକାଙ୍କ ସମେତ ଅନ୍ୟମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ବରୀ ବ୍ଲକ ଅଧୀନ ମନ୍ଦାରି ପଞ୍ଚାୟତର ମେଦୁଆନାଳ, ଦୋବୁଅ ନାଳ ଓ ସପନା ପାଟରୁ ଜଳ ନିଷ୍କାସନ ନିମନ୍ତେ ଅଧପନ୍ତରିଆ ଭାବେ ଖୋଳାଯାଇଥିବା ନାଳର ପୁନରୁଦ୍ଧାର ଖୁବ୍‌ଶୀଘ୍ର କରାଯିବ। ଏଥିପାଇଁ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ଅନୁରୋଧକ୍ରମେ ଶନିବାର ଡ୍ରେନେଜ୍ ବିଭାଗ ମୁଖ୍ୟଯନ୍ତ୍ରୀ ବାଲେଶ୍ୱର ନାଥ ସାହୁ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ମହାନ୍ତି, ଅଧୀକ୍ଷଣ ଯନ୍ତ୍ରୀ ବିରେନ କୁମାର ଜେନା, ସହକାରୀ ଯନ୍ତ୍ରୀ ଅନନ୍ତ ଭୀମ ଦେଓ ଏବଂ କନିଷ୍ଠ ଯନ୍ତ୍ରୀ ଶମ୍ଭୁ ପ୍ରସାଦ ବେହେରା ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଛନ୍ତି। ମୁଖ୍ୟଯନ୍ତ୍ରୀ ଓ ବିଧାୟିକାଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ପୂର୍ବତନ ସମିତି ସଭ୍ୟ ପ୍ରଦୀପ ଘଡ଼ାଇ, ପୂର୍ବତନ ସରପଞ୍ଚ ସଂଗ୍ରାମ ସାମଲ ଓ ଯୁବନେତା ନୀହାର ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମୁଖ୍ୟଯନ୍ତ୍ରୀ ସାହୁଙ୍କୁ ପଚାରିବାରେ ସେ କୁହନ୍ତି, ସରକାରଙ୍କୁ ପ୍ରକଳ୍ପଗୁଡ଼ିକର ଅନୁମୋଦନ ନିମନ୍ତେ ପ୍ରସ୍ତାବ ଦିଆଯିବ। ଅର୍ଥ ମଞ୍ଜୁର ପରେ କାର୍ଯ୍ୟ ଆରମ୍ଭ କରାଯିବ। ବରୀ ଏକ ବନ୍ୟା ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ବନ୍ୟା ଆସି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥାଏ। ବନ୍ୟା କମିବା ପରେ ବି ଜଳ ନିଷ୍କାସନର ସୁବିଧା ନ ଥିବାରୁ ବ୍ୟାପକ ଫସଲ ହାନି ଘଟେ। ଏପରି କି ବ୍ରାହ୍ମଣୀ ନଦୀର ଦକ୍ଷିଣପାର୍ଶ୍ୱରେ ଥିବା ମହାକାଳପଡ଼ା, ଗମ୍ଭୁଁ, ମନ୍ଦାରି, ସେରପୁର, ରତ୍ନଗିରି, ଚନ୍ଦନପୁର, ସାହୁପଡ଼ା ଓ ଧାରପୁର ସମେତ ପ୍ରାୟ ୧୬ ପଞ୍ଚାୟତର ଚାଷୀ ଜଳ ନିଷ୍କାସନ ନ ହେବାରୁ ଧାନ ଫସଲଠାରୁ ଆରମ୍ଭ କରି ପନିପରିବା କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଗଣ୍ଡଗୋଳ ଅଭିଯୋଗରେ ଯୁବକ ଗିରଫ

ଚଣ୍ଡିଖୋଲ,୧୬।୪(ଡି.ଏନ.ଏ.)

ବଡ଼ଚଣା ଥାନା ଅନ୍ତର୍ଗତ ଶାନ୍ତିପୁର ଗ୍ରାମରେ କୌଣସି କାରଣକୁ ନେଇ ଗୋଟିଏ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏହି ଘଟଣାରେ ଶନିବାର ପୋଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିପ୍ତୀକାନ୍ତ ଦଳାଇ। ଉକ୍ତ ଗ୍ରାମର ନୀଳମଣି ଦଳାଇ ଓ ଦୀପ୍ତିକାନ୍ତ ଦଳାଇ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣା ନେଇ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ବଡ଼ଚଣା ଥାନାରେ ନଂ.୧୩୨/୨୨ରେ ଏକ ମାମଲା ରୁଜୁ ହୋଇଛି।

ପୋଲିସ ଗାଡ଼ିକୁ ଢେଲା ମାଡ଼, ୩ ଗିରଫ

ଯାଜପୁର ଟାଉନ,୧୬।୪(ଡି.ଏନ.ଏ.)

ଯାଜପୁର ବ୍ଲକ୍ ଜାହାନପୁର ପଞ୍ଚାୟତରେ ଜୁଆଖେଳ ଚାଲିଥିବା ଖବର ପାଇ ଯାଜପୁର ସଦର ପୋଲିସ ପହଞ୍ଚିଥିଲା। ଏହି ସମୟରେ ଜୁଆଡିମାନେ ହଠାତ୍ ପୋଲିସ ଗାଡ଼ିକୁ ଢେଲାମାଡ଼ କରିବା ସହ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହାକୁ କେନ୍ଦ୍ରକରି ପୋଲିସ ଓ ଜୁଆଡିଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରବର୍ତ୍ତୀ ସମୟରେ ସଦର ଥାନା ଅଧିକାରୀ ସେଠାରେ ପହଞ୍ଚି ୩ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସନା ଜେନା, ପେଟା ଜେନା ଓ ନିଲୁ ବେହେରା। ଏନେଇ ଥାନାରେ ଏକ ମାମଲା (ନଂ.୧୧୩/୨୨) ରୁଜୁ ହୋଇଥିବା ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ସୂଚନା ଦେଇଛନ୍ତି। ଏ ନେଇ ତଦନ୍ତ ଜାରି ରହିଛି।

ନରକଙ୍କାଳ, ଖପୁରି ଜବତ

ଜେନାପୁର,୧୬।୪(ଡି.ଏନ.ଏ.)

ମୁରାରିପୁରରୁ ନିଖୋଜ ଯୁବକଙ୍କୁ ନେଇ ସନ୍ଦେହ

ଜେନାପୁର ଥାନା ଅଞ୍ଜିରା ପଞ୍ଚାୟତ ଅଧୀନ ମୁରାରିପୁର ଗ୍ରାମ ନିକଟରେ ଥିବା ମହିମା ଆଶ୍ରମ ବାଡ଼ିର ଏକ କେନ୍ଦୁଗଛରୁ ଶନିବାର ଅପରାହ୍ନରେ ମଣିଷର ଖପୁରି, କଙ୍କାଳ, ଚପଲ ଓ ପୋଷାକ ମିଳିଛି। ଏହାକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅପରାହ୍ନରେ ମୁରାରିପୁର ଗ୍ରାମର କିଛି ପିଲା କେନ୍ଦୁ ଖାଇବାକୁ ସେଠାକୁ ଯାଇଥିଲେ। ଗଛରୁ କେନ୍ଦୁ ତୋଳିବା ସମୟରେ ଗଛରେ ଓହଳିଥିବା ରଶିରେ ଏକ ହାଡ଼ ଓ ତଳେ ପଡ଼ିଥିବା ଖପୁରି ସହ ଖଣ୍ଡବିଖଣ୍ଡିତ ହାଡ଼ ଦେଖିବାକୁ ପାଇଥିଲେ। ପିଲାମାନେ ଏସବୁ ଦୃଶ୍ୟ ହଠାତ୍ ଦେଖି ଚକିତ ହୋଇଯାଇଥିଲେ। ପରେ ଏ ସମ୍ପର୍କରେ ଗାଁକୁ ଆସି ପ୍ରକାଶ କରିବାରୁ ଏହା ଦେଖିବା ପାଇଁ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା।

ଖବର ପାଇ ଜେନାପୁର ଥାନାଧିକାରୀ ଉମାକାନ୍ତ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ବାସୁଦେବ ପରିଡ଼ା, ଏଏସ୍‌ଆଇ ମନୋରଞ୍ଜନ ସାମଲ ସଦଳବଳ ସେଠାରେ ପହଞ୍ଚି ସେସବୁକୁ ଜବତ କରିଥିଲେ। ଚପଲ ଓ ଡ୍ରେସ୍‌ରୁ ଏହା କୌଣସି ପୁରୁଷ କଙ୍କାଳ ବୋଲି ସନ୍ଦେହ କରାଯାଉଛି। ଘଟଣାଟି ଦୀର୍ଘଦିନ ପୂର୍ବରୁ ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ ସନ୍ଦେହ ପ୍ରକାଶ କରୁଛନ୍ତି। ତେବେ ଏହି ପୁରୁଷ କିଏ ଓ କାହିଁକି ତାଙ୍କର ମୃତ୍ୟୁ ହେଲା ତାହା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ କିଛି ମାସ ତଳେ ମୁରାରିପୁର ଗ୍ରାମର ଜଣେ ଯୁବକ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ପର୍ଯ୍ୟନ୍ତ ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ତେବେ ଜବତ କଙ୍କାଳ ତାଙ୍କର ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ତେଣୁ ଜବତ କଙ୍କାଳ ଓ ଅନ୍ୟ ସାମଗ୍ରୀକୁ ପରୀକ୍ଷା କରି ପୋଲିସ ଏହାର ପର୍ଦ୍ଦାଫାଶ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ପୋଲିସ ଜବତ କରିଥିବା ମଣିଷ ଖପୁରି।

ମାଙ୍କଡ଼ା ବୋଝେଇ ଟ୍ରକ୍ ଜବତ

ଚଣ୍ଡିଖୋଲ,୧୬।୪(ଡି.ଏନ.ଏ.)

ଦର୍ପଣ ତହସିଲ ଧାନମଣ୍ଡଳ ଫାଣ୍ଡି ଅଧୀନ ବଡ଼ଚଣା ପଞ୍ଚାୟତର ବାଉଁଶପୁଟ ନିକଟରୁ ଶୁକ୍ରବାର ରାତିରେ ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଗୋପାଳ କୃଷ୍ଣ ଦାସ ଏକ ବେଆଇନ ମାଙ୍କଡ଼ା ବୋଝେ

ସଂକ୍ଷେପରେ

୨୭ରେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

ରଘୁନାଥପୁର,୧୬।୪(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ଛକ ନିକଟସ୍ଥ ମଦନମୋହନ ମଠ ପରିସରରେ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ଓ ରଘୁନାଥପୁର ବିଦ୍ୟୁତ ଉପଭୋକ୍ତା ସଂଘର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ଓ ମନଇଚ୍ଛା ଲାଇନ କାଟ ସମ୍ପର୍କରେ ସଦସ୍ୟମାନେ ମତ ରଖିଥିଲେ। ଏ ସମ୍ପର୍କରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଏପ୍ରିଲ ୨୭ରେ ରଘୁନାଥପୁର ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିବାକୁ ବୈଠକରେ ସ୍ଥିର ହୋଇଛି। ଗତବର୍ଷ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଧାନ ଫସଲର ସରକାରୀ ସହାୟତା ଜିଲାର ସବୁ ବ୍ଲକରେ ମିଳିଥିବାବେଳେ ସମ୍ପ୍ରତି ରଘୁନାଥପୁର ବ୍ଲକରେ କାହିଁକି ଦିଆଯାଉନାହିଁ ବୋଲି କୃଷକ ସଙ୍ଗଠନ ପକ୍ଷରୁ ପ୍ରଶ୍ନ ଉଠାଯାଇଥିଲା। ଏହାଛଡା ରଘୁନାଥପୁର ବଜାରରେ ଏକ ଠିପି ଖୋଲା ମଦ ଦୋକାନ ପାଇଁ ସରକାର ଅନୁମତି ଦେଇଥିବାରୁ ଏହାର ବିରୋଧ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ କୃଷକ ସଙ୍ଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା, ସମ୍ପାଦକ ଇଂ.ବାବାଜୀ ଚରଣ ଜେନା, ଯୁଗ୍ମ ସମ୍ପାଦକ ବିନୋଦ ବିହାରୀ ମହାନ୍ତି, ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜଗନାଥ ମହାପାତ୍ର, ବିପିନ ସ୍ୱାଇଁ ଓ ସୁବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ମହାନଦୀ ମୁହାଣରେ ପର୍ଯ୍ୟଟନ ବିକାଶ ଦାବି

ପାରାଦୀପ,୧୬।୪(ସ୍ୱ.ପ୍ର.): ପାରାଦୀପର ସବୁଠାରୁ ଆକର୍ଷଣ ସ୍ଥାନ ମହାନଦୀ ମୁହାଣ ଅଞ୍ଚଳରେ ନୈସର୍ଗିକ ସୌନ୍ଦର୍ଯ୍ୟ ପରିବେଶ ରହିଛି। ଏହି ଅଞ୍ଚଳକୁ ଏପର୍ଯ୍ୟନ୍ତ ଆଖିଦୃଶିଆ ବିକାଶ କରାଯାଇନାହିଁ। ଶନିବାର ଆମ ପାରାଦୀପ ଆମ ପ୍ରଗତି ମୁଖ୍ୟ ଅରିନ୍ଦମ ସର୍ଖେଲ(ବାପି)ଓ ତାଙ୍କ ଟିମ୍ ମହାନଦୀ ମୁହାଣ ଅଞ୍ଚଳ ବୁଲି ଦେଖିଥିଲେ। ଏଠାରେ ଇକୋ ଟୁରିଜମ କରିବା ପାଇଁ ସେ ଦାବି କରିଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଲେଖିବେ ବୋଲି ସୂଚନା ଦେଇଛନ୍ତି। ଏଠାରେ ଜଳକ୍ରୀଡା, ବୋଟ ହାଉସ, ସି ପ୍ଲେନ ରହିବା ଭଳି ପର୍ଯ୍ୟାପ୍ତ ସୁଯୋଗ ଅଛି। ଏସବୁ କରାଗଲେ ପର୍ଯ୍ୟଟନର ବିକାଶ ହେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି।

ପଞ୍ଚାୟତସ୍ତରରେ ଦଳୀୟ ବିପର୍ଯ୍ୟୟର କାରଣ ଖୋଜୁଛି ଭାଜପା

ରଘୁନାଥପୁର,୧୬।୪(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ପୂରଣ ଓଡ଼ାପଡ଼ାସ୍ଥିତ ପ୍ରମିଳା ମଣ୍ଡପରେ ଭାଜପା ପକ୍ଷରୁ ପଞ୍ଚାୟତ ନିର୍ବାଚନ ଫଳାଫଳକୁ ନେଇ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ନେତୃବୃନ୍ଦ ଭୁବନମୋହନ ଜେନା ଓ ଦୁର୍ଯ୍ୟୋଧନ ସାହୁ ଏଥିରେ ଯୋଗଦେଇ ପଞ୍ଚାୟତସ୍ତରରେ ଦଳୀୟ ବିପର୍ଯ୍ୟୟର କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ୍ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ରାଜକିଶୋର ବେହେରା, ଜିଲା ଯୁବ ସଭାପତି ମାନସ କୁମାର ମହାପାତ୍ର, ବିଜୟ ଦାସ, ଅଶୋକ ମହାରଣା, ଓବିସି ମୋର୍ଚ୍ଚା ଜିଲା ସଭାପତି ସୁବୋଧ ବାରିକ, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଅଶୋକ ମହାନ୍ତି, ଗଗନ ଦାସ ଓ ସୁବାସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଜଳ ସଙ୍କଟ ସ୍ଥିତି ସୁଧୁରିଲା ନାହିଁ

କେନ୍ଦ୍ରାପଡ଼ା ଅଫିସ, ୧୬।୪



ଲୁଣା ନଦୀ ଶୁଖିଲା ପଡ଼ିଛି, ନବ ନିର୍ମିତ ପାଣିଟାଙ୍କି ।

କେନ୍ଦ୍ରାପଡ଼ା ଜିଲାରେ ମହାନଦୀ, ବାହୁଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ପ୍ରବାହିତ ହେଉଛି। ରାଜ୍ୟର ଦ୍ୱିତୀୟ ବୃହତମ ନଦୀ ଜଳପଥ ଏହି ଜିଲାରେ ଅଛି। ଉପକୂଳବର୍ତ୍ତୀ ଏହି ଜିଲାରେ ୧୭,୨୩୮ଟି ନଳକୂପ, ୩୩୧ ପାନୀୟ ଜଳ ପ୍ରକଳ୍ପ, ୧୮୧ ଓଭରହେଡ ଟାଙ୍କି ଜିଲାବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ରହିଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତଥ୍ୟରେ ଉଲ୍ଲେଖ ଅଛି। ଏହାସତ୍ତ୍ୱେ ଜିଲାବାସୀଙ୍କ ଶୋଷ ମେଣ୍ଟୁ ନାହିଁ। ରାଜ୍ୟର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଜଳଶକ୍ତି ଅଭିଯାନ ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହାର ସୁଫଳ ଜିଲାବାସୀ ପାଇ ପାରି ନାହାନ୍ତି। କେନ୍ଦ୍ର ସରକାରଙ୍କ ୨୦୨୪ ସୁଦ୍ଧା ଦେଶର ସବୁ ଘରକୁ ପାଣି ଯୋଜନା ଏହି ଜିଲାରେ ଏବେ ବି ସ୍ୱପ୍ନ ହୋଇ ରହଛି।

ସାମାଜିକ କର୍ମୀ ସୁନିଲ ଗନ୍ତାୟତ, ବିଭୁତିଭୂଷଣ ରାଉତ, ପ୍ରତାପରଞ୍ଜନ ତ୍ରିପାଠୀ, ଦେବାଶିଷ ସାମଲ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି, ୭ ନଦୀ ପ୍ରବାହିତ ହେଉଥିବା କେନ୍ଦ୍ରାପଡ଼ା ଜିଲାରେ ପାନୀୟ ଜଳ ସଙ୍କଟ ଏକ ମୁଖ୍ୟ ସମସ୍ୟା। ସମୁଦ୍ର ତଟବର୍ତ୍ତୀ ଜିଲା ହୋଇଥିବାରୁ ଭୂତଳ ଜଳ ଲୁଣା ହୋଇଯାଇଛି। ଜଳ ସଙ୍କଟ ଦୂର ପାଇଁ ନିର୍ମାଣ କରାଯାଇଥିବା ପାଣିଟାଙ୍କିଗୁଡ଼ିକ ପ୍ରାୟ ଶୁଖିଲା ରହୁଛି। ଗୋଟିଏ ନଳକୂପ ଖୋଳିଲେ ଅନୂନ୍ୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ସେଥିରେ ମଧ୍ୟ ଲୁଣା ପାଣି ବାହାରୁଛି। ସେହିପରି ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ବ୍ୟାରେଜ, ଶିଳ୍ପ, କ୍ଷେତ ଆଦି ୭ ନଦୀରୁ ଜଳ ଶୋଷୁଛି। ଫଳରେ ଜଳଧାରା ହ୍ରାସ ହୋଇଛି। ଏହାଯୋଗୁ ଭୂତଳ ଜଳ ରିଚାର୍ଜ ହେବା ସମ୍ଭାବନା କମିଛି। ଜିଲାର ଗରଦପୁର ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ରାଜ୍ୟ ଓ କେନ୍ଦ୍ର ଜଳସମ୍ପଦ ବିଭାଗ ରିପୋର୍ଟରୁ ସୂଚନା ମିଳିଛି। ସେହିପରି ଆଳି, ରାଜନଗର, ରାଜକନିକା ଅଞ୍ଚଳରେ କେନାଲ ନାହିଁ। ଏଠାରେ ଭୂତଳ ଜଳ ରିଚାର୍ଜ ହୋଇ ପାରୁ ନ ଥିବାରୁ ପାନୀୟ ଜଳ ସ୍ଥିତି ମହାକାଳପଡ଼ା ବ୍ଲକ ପରି ଅଭାବ ଦେଖାଦେଇଛି। ଭୂତଳ ଜଳସ୍ତର ରିଚାର୍ଜ ପାଇଁ ୨୦୧୯ରେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡ଼ା ଜିଲାକୁ ଜଳଶକ୍ତି ଅଭିଯାନରେ ସାମିଲ କରାଯାଇଛି। ଅଭିଯାନରେ ପ୍ରତି ନଳକୂପରେ ସଙ୍କ ପାଇପ ପିଟ୍ ଫିଟିଂ, ବନୀକରଣ, ବର୍ଷାଜଳ ସଂରକ୍ଷଣ, ଜଳଉତ୍ସର ପୁନରୁଦ୍ଧାର ଆଦିକୁ ଗୁରୁତ୍ୱ ଦିଆଯାଇଛି। ତେବେ ଜିଲାର ପ୍ରଶାସନର ଅବହେଳା ଯୋଗୁ ଫେଲ୍ ମାରିଛି। ଫଳରେ ଭୂତଳ ଜଳ ରିଚାର୍ଜ ହୋଇପାରୁନାହିଁ। ଅପରପକ୍ଷେ ୨୦୨୪ ସୁଦ୍ଧା ଜିଲାର ୨,୯୧,୧୬୦ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତେବେ ମାତ୍ର ୩୩ ହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି। ପାଇପ ଯୋଗେ ପାଣି ଯୋଗାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମେଗା ଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଜମି ଓ ପରିବେଶ ସମ୍ପର୍କରେ ତଦନ୍ତ ହୋଇନାହିଁ। ଫଳରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲାରେ ଛନ୍ଦି ହୋଇ ରହିଛି। ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ସେମାନେ ପ୍ରକାଶ କରିଛନ୍ତି।

ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ କହିଛନ୍ତି, ଗ୍ରାମାଞ୍ଚଳରେ ପାଇପ ପାଣି ସଂଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ କାମ ଜାରି ରହିଛି। କରୋନା କଟକଣା ଯୋଗୁ ଏହି କାମ ସାମାନ୍ୟ ଧିମେଇ ଯାଇଥିଲା। ଖୁବ୍ ଶୀଘ୍ର ଆମେ ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବୁ ବୋଲି ସେ ମତ ଦେଇଛନ୍ତି।

କେନ୍ଦ୍ରାପଡ଼ା ଜିଲାରେ ପାଣି ସମସ୍ୟା

- ଜିଲାରେ ୭ ନଦୀ, ପିଇବାକୁ ପାଣି ନାହିଁ
- ୧୦ ହଜାରରୁ ଊର୍ଦ୍ଧ୍ୱ ନଳକୂପରୁ ବାହାରୁଛି ଲୁଣାପାଣି
- ଟ୍ୟାପ୍ ପାଣି ସଂଯୋଗ ଏବେ ବି ସ୍ୱପ୍ନ
- ଭୂତଳ ଜଳ ରିଚାର୍ଜ ଯୋଜନା କାର୍ଯ୍ୟକାରୀ ହୋଇନାହିଁ

୧୮ରେ 'ପଲ୍ଲୀରେ ପ୍ରଶାସନ', ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା ଅଫିସ,୧୬।୪

କରୋନା କଟକଣା ପାଇଁ ଦୀର୍ଘଦିନ ଧରି ବନ୍ଦ ରହିଥିବା ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣୀ ଆସନ୍ତା ୧୮ରୁ ପୁର୍ନବାର ଆରମ୍ଭ ହେବ । ଜିଲାସ୍ତରରେ ମାର୍ଚ୍ଚରୁ ଆରମ୍ଭ ହୋଇଥିବା 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ସହିତ ଏହି ଜନଶୁଣାଣୀ ହେବ ବୋଲି ଜିଲାପାଳ ଅମୃତ ରତୁରାଜ ଶନିବାର ସୂଚନା ଦେଇଛନ୍ତି। ଜିଲାର ରାଜକନିକା ବ୍ଲକ ନମତରା ଓ ମହାକାଳପଡ଼ା ବ୍ଲକ ବାରଡାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣୀ ସକାଳ ୯ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ରାଜନଗରରେ ଶ୍ରୀରାମ ନବମୀ ଉତ୍ସବ

ପଣ୍ଡିତ ଜିତୁ ଦାଶଙ୍କ ପ୍ରବଚନ

ରାଜନଗର,୧୬।୪(ଡି.ଏନ.ଏ.)

ମର୍ଯ୍ୟାଦା ପୁରୁଷ ରଘୁବୀର ତିଳକ ପ୍ରଭୁ ଶ୍ରୀରାମଙ୍କ ଜୟନ୍ତୀ ଉତ୍ସବ ଚଳିତମାସ ୧୦ ତାରିଖରୁ ରାଜନଗର ଦେବୀଘରେ ଆରମ୍ଭ ହୋଇଛି। ରାଜନଗର ଦେବୀମଣ୍ଡପଠାରେ ଶ୍ରୀରାମ, ମା'ସୀତା, ଅନୁଜ ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ, ମହାବୀର ହନୁମାନ, ଜାମ୍ବବାନ, ଅଙ୍ଗଦ, ସୁଗ୍ରୀବଙ୍କ ମୃଣ୍ମୟୀ ପ୍ରତିମାକୁ ପୂଜାର୍ଚ୍ଚନା କରାଯାଉଛି। ନବଦିନ ବ୍ୟାପୀ ରାମଚରିତ ମାନସ ପାରାୟଣ ସହିତ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ପ୍ରବଚଳ ଜାରି ରହିଛି। ଶୁକ୍ରବାର ସନ୍ଧ୍ୟାରେ ପ୍ରବଚକ ପଣ୍ଡିତ ଜିତୁ ଦାଶ ରାମନବମୀ ପୀଠରେ ଯୋଗଦେଇ ରାମକଥା ଶୁଣାଇଥିଲେ । ଏହା ଶୁଣିବା ପାଇଁ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବିଳମ୍ବିତ ରାତ୍ରି ଯାଏ ବସି ରହିଥିଲେ। ରାଜନଗର ବଣିକ ସଂଘ ପକ୍ଷରୁ ଏହି ମହୋତ୍ସବକୁ ଚଳିତବର୍ଷ ଧୁମଧାମରେ ପାଳନ କରାଯାଉଛି। ପଣ୍ଡିତ ବିଜୟ କୁମାର ମିଶ୍ର, ହର କୁମାର ମିଶ୍ର, ପ୍ରମୋଦ କୁମାର ପାଣି ପ୍ରମୁଖ ରାମ ଚରିତ ମାନସ ପଠନ ସହିତ ପୂଜାର୍ଚ୍ଚନା କରୁଛନ୍ତି । ଶ୍ରଦ୍ଧାଳୁମାନେ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ବ୍ୟବସାୟୀମାନେ ପରିଚାଳନା କରୁଛନ୍ତି ।

'ଢିଙ୍କିଆକୁ ନିନ୍ଦିତ କରା ନ ଯାଉ'

ଖବରଦାତା ସମ୍ମିଳନୀରେ ମା'ଫୁଲଖାଇ ସୁରକ୍ଷା କମିଟିର ସଦସ୍ୟମାନେ।

କୁଜଙ୍ଗ,୧୬।୪(ଡି.ଏନ୍.ଏ.)

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶର ଜନସାଧାରଣ ଶାନ୍ତିପ୍ରିୟ ଓ ନିରୀହ ହୋଇଥିବାବେଳେ ବାହାର ଅଞ୍ଚଳର କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜକୁ ଜନ ଆନ୍ଦୋଳନର ନେତା କହି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସେମାନଙ୍କ ପ୍ରରୋଚନାରେ ପଡ଼ି ଢିଙ୍କିଆରେ ରକ୍ତପାତ ହେବା ସହ ଭାଇଚାରା ନଷ୍ଟ ହେଉଛି ବୋଲି ଢିଙ୍କିଆ ମା'ଫୁଲଖାଇ ସୁରକ୍ଷା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଢିଙ୍କିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶନିବାର କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ସୁରକ୍ଷା କମିଟି ଉପଦେଷ୍ଟା ନିର୍ଭୟ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସରପଞ୍ଚ ଶିଶିର ମହାପାତ୍ର, ଗ୍ରାମ କମିଟି ସଭାପତି ନୃସିଂହ ରାଉତ ପ୍ରମୁଖ ଯୋଗଦେଇ ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି କଲେ ଜନ ଆନ୍ଦୋଳନର ନେତା କହୁଥିବା ବ୍ୟକ୍ତିମାନଙ୍କ ପରିସ୍ଥିତି ଭୟାବହ ହେବ ବୋଲି ଚେତାବନୀ ଦେଇଥିଲେ। ଏଥିସହ ଢିଙ୍କିଆକୁ ବିଶ୍ୱଦରବାରରେ ନିନ୍ଦିତ ନ କରିବାକୁ ସେମାନେ ନିବେଦନ କରିଛନ୍ତି।

କମିଟି ପକ୍ଷରୁ ସମ୍ମିଳନୀରେ କୁହାଯାଇଛି, ଢିଙ୍କିଆବାସୀ ଏବେ କୃଷିନୀତିକୁ ଛାଡ଼ି ଶିଳ୍ପନୀତି ଧରିବାକୁ ଯାଉଛନ୍ତି। ମାତ୍ର ପୋସ୍କୋ ସମୟରୁ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପର୍ଯ୍ୟନ୍ତ କେତେଜଣ ବ୍ୟକ୍ତି ଗ୍ରାମକୁ ଆସି ଲୋକଙ୍କୁ ଉସ୍‌କାଇ ଶିଳ୍ପବିରୋଧୀ କାର୍ଯ୍ୟ କରୁଛନ୍ତି। ପୋସ୍କୋ ସମୟରେ ଏଭଳି ତଥାକଥିତ ଜନ ଆନ୍ଦୋଳନକାରୀ ନେତାଙ୍କ ପାଇଁ ୫ ଜଣଙ୍କ ମୁଣ୍ଡ ଗଡ଼ିଥିଲା। ସେମାନଙ୍କ ପାଇଁ ଜାନୁୟାରୀ ୧୪ରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏସବୁ ନେତାମାନେ ସାଧାରଣ ଲୋକଙ୍କୁ ମୋହର କରି ନିଜ ସମ୍ପତ୍ତି ବଢ଼େଇ ଚାଲିଥିବାବେଳେ ନିରୀହ ଜନତା କଷ୍ଟ ପାଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ନିତ୍ୟାନନ୍ଦ ସ୍ୱାଇଁ, ଅକ୍ଷୟ ବେହେରା, ସଂଗ୍ରାମ ସ୍ୱାଇଁ, ପ୍ରଶାନ୍ତ ଲେଙ୍କା, ପୁଷ୍କର ଦାସ, ରାଜୀବ ସାହୁ, ବିବେକ ସ୍ୱାଇଁ, ଅକ୍ଷୟ ଦାସ ଓ କୁମର ମଲ୍ଲିକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

୧୮ରୁ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଜଗତ୍‌ସିଂହପୁର ଅଫିସ, ୧୬।୪

କୋଭିଡ୍-୧୯ର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର ସ୍ଥଗିତ ରଖାଯାଇଥିଲା। ଦୀର୍ଘଦିନ ପରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶ ଅନୁସାରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ପୁଣି ଏହି ଶିବିର ଚାଲୁ କରାଯିବ। ଆସନ୍ତା ୧୮ରୁ ପ୍ରତି ସୋମବାର ବିଭିନ୍ନ ବ୍ଲକରେ ଏହି ଶିବିର ଅନୁଷ୍ଠିତ ହେବ। ଏହି କ୍ରମରେ ୧୮ରେ ଜଗତ୍‌ସିଂହପୁର ବ୍ଲକ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ପୂର୍ବାହ୍ନ ୧୦ଟାରୁ ଶିବିର ଆରମ୍ଭ ହେବ। ଏଥିରେ ଜିଲାର ବରିଷ୍ଠ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ, ବ୍ଲକ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରି ସମାଧାନ ନିମନ୍ତେ ପଦକ୍ଷେପ ନେବେ। ଶିବିରରେ ଅଧିକରୁ ଅଧିକ ଜନସାଧାରଣ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗଗୁଡ଼ିକୁ ପଞ୍ଜୀକରଣ କରାଇବାକୁ ଜିଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

ଆଳିରେ ବେଆଇନ ମଦ କାରବାର

ଆନ୍ଦୋଳନ ଚେତାବନୀ ଦେଲେ ପୂର୍ବତନ ବିଧାୟକ

ପୂର୍ବତନ ବିଧାୟକ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

କେନ୍ଦ୍ରାପଡ଼ା ଅଫିସ, ୧୬।୪

କେନ୍ଦ୍ରାପଡ଼ା ଜିଲା ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ବେଆଇନ ମଦ କାରବାର ବୃଦ୍ଧି ପାଇଛି। ଏହି ବିକ୍ରିକୁ ବନ୍ଦ ଦାବି କରି ପୂର୍ବତନ ଆଳି ବିଧାୟକ ତଥା କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲେଖିଥିବା ପତ୍ର ଏଡିଏମ ପିତାମ୍ବର ସାମଲଙ୍କୁ ଶନିବାର ପ୍ରଦାନ କରିଛନ୍ତି। ଏସମ୍ପର୍କରେ ପୂର୍ବତନ ବିଧାୟକ ଶର୍ମା କହିଛନ୍ତି, ରାଜ୍ୟ ସରକାର ରାଜସ୍ୱ ବୃଦ୍ଧି ପାଇଁ ମଦ ବ୍ୟବସାୟ ପାଇଁ ଅନୁମତି ଦେଉଛନ୍ତି। ଏହି ସୁଯୋଗରେ ମଦ ବ୍ୟବସାୟୀମାନେ ଏବେ ବେଆଇନ ମଦ କାରବାରକୁ ପ୍ରୋତ୍ସାହିତ କରୁଛନ୍ତି। ମଞ୍ଜୁରୀପ୍ରାପ୍ତ ବ୍ୟବସାୟୀମାନେ ଅବକାରୀ ବିଭାଗର ସହାୟତାରେ ମନ୍ଦିର, ବିଦ୍ୟାଳୟ ଓ ଦଳିତ ବସ୍ତି ନିକଟରେ ବ୍ୟବସାୟ କରୁଛନ୍ତି। ଫଳରେ ସାମାଜିକ ନିରାପତ୍ତା ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଆଳି ଭୁଇଁପୁର ରାସ୍ତା ନିକଟରେ ଥିବା ଏକ ସ୍କୁଲର ମାତ୍ର ୨୦ ମିଟର ଦୂରରେ ମଦ ବିକ୍ରୀ ହେଉଛି। ଯାହାର ପ୍ରଭାବ ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। କେତେକ ବ୍ୟବସାୟୀ ଏବେ ହୋମ୍ ଡେଲିଭରୀ ବ୍ୟବସ୍ଥା କରିଥିବାରୁ ଏକାଧିକ ପରିବାରରେ ଅଶାନ୍ତି ବଢ଼ି ଚାଲିଛି। ଆସନ୍ତା ୧୫ ଦିନ ମଧ୍ୟରେ ଏହି ବେଆଇନ ବ୍ୟବସାୟକୁ ବନ୍ଦ କରା ନ ଗଲେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

କୈବର୍ତ୍ତ ସମ୍ପ୍ରଦାୟର ଚଇତି ପର୍ବ

ବିରିଡି, ୧୬।୪(ଡି.ଏନ.ଏ.)

କୈବର୍ତ୍ତ ସମ୍ପ୍ରଦାୟର ମା'ବାସୁଳି ପୂଜା ବିରିଡି ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ପୂର୍ଣ୍ଣିମା ଅବସରରେ ଶନିବାର ସନ୍ଧ୍ୟାରେ ବ୍ଲକର କଇଜଙ୍ଗା, କୃତିବାସପାଟଣା, ବନ୍ଧକୁଳ ସାହି, କୁଳକଇଜଙ୍ଗା, ଶଙ୍ଖାରି

ସଂକ୍ଷେପରେ

ବ୍ୟବସାୟୀଙ୍କୁ ଛୁରାମାଡ଼ ଘଟଣାରେ ଜଣେ ଗିରଫ

କଳିଙ୍ଗନଗର, ୧୬।୪(ଡି.ଏନ.ଏ.): ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଧବଳଗିରି କାଚହୁଡ଼ି ନୀଳାଚଳ କଲୋନୀରେ ଶୁକ୍ରବାର ଜଣେ ମଦ୍ୟପ ଯୁବକଙ୍କ ଛୁରାମାଡ଼ରେ ଜଣେ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ମଦ୍ୟପ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ସରୋଜ ମିଶ୍ର(୪୨)। ସୂଚନା ମୁତାବକ, ଧବଳଗିରି କୋର୍ଟ ଛକ ପଛପଟ ନୀଳାଚଳ କଲୋନୀରେ ସରୋଜ ଉକ୍ତ ବ୍ୟବସାୟୀଙ୍କ ଦୋକାନକୁ ଆସି କୌଣସି କାରଣରୁ ତାଙ୍କ ପୁଅଙ୍କ ସହ ଯୁକ୍ତିତର୍କ କରିଥିଲେ। ପାଟି ଶୁଣି ନିକଟରେ ଥିବା ଦୋକାନ ମାଲିକ ଶ୍ରୀକାନ୍ତ ବେହୁରିଆ (୬୨) ଆସିଥିଲେ। ଏହି ସମୟରେ ସରୋଜ ତାଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ଶ୍ରୀକାନ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଯାଜପୁର ରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ତଦନ୍ତକାରୀ ଅଧିକାରୀ ନିର୍ମଳ ସାହୁ ସରୋଜଙ୍କୁ ଗିରଫ କରିଥିଲେ। ଏ ନେଇ ଥାନାରେ ନଂ.୧୯୭/୨୨ରେ ଏକ ମାମଲା ରୁଜୁ ହୋଇଛି।

କେତକିଆଠାରେ ଝାମୁଯାତ୍ରା

ଯାଜପୁର ଟାଉନ୍, ୧୬।୪(ଡି.ଏନ.ଏ.): ଯାଜପୁର ବ୍ଲକ ଉପର ବରୁହାଁ ପଞ୍ଚାୟତ କେତକିଆସ୍ଥିତ ମହାମାୟା ବିଶ୍ୱରୂପା ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାଳନ କରାଯାଉଛି। ବିଶ୍ୱାଶ ରହିଛି ଯେ ଏହି ପୀଠରେ ମାନସିକ ରଖି ଝାମୁ ଯାତ୍ରାରେ ନିଆଁ ଉପରେ ଚାଲିଲେ ମାନସିକ ପୂରଣ ହୋଇଥାଏ। ଏହି ଦୃଶ୍ୟ ଦେଖିବା ପାଇଁ ହଜାରହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ। ପୀଠରେ ମୁଖ୍ୟ ପୁରୋଧା ପୂଜକ ନନ୍ଦ କିଶୋର ପାଣିଗ୍ରାହୀଙ୍କ ନେତୃତ୍ୱରେ ମହାବିଷୁବ ସଂକ୍ରାନ୍ତି ଦିନ ଠାରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ଚୈତ୍ର ପୂର୍ଣ୍ଣିମା ଦିନ ଅଗ୍ନି ସଂଯୋଗ କରାଯାଇ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପୀଠର ମୁଖ୍ୟ ପରିଚାଳକ ନୃସିଂହ ଚରଣ ସିଂ, ଅନାଦି ଚରଣ ସେଠୀ, ଦୁର୍ଲ୍ଲଭ ଦାସ, ସୁରେନ୍ଦ୍ର ଦାସ, ରାମ ସେନାପତି, ଶ୍ୟାମ ସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଝାମୁଯାତ୍ରା ପରିଚାଳନା କରିବା ସହିତ ଭକ୍ତମଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା କରିଥିଲେ।

ପାଣି ପାଇଁ ଲୋକେ ଉହଳବିକଳ

ଧର୍ମଶାଳା, ୧୬।୪(ଡି.ଏନ.ଏ.)

ଗ୍ରାମାଞ୍ଚଳ ଲୋକଙ୍କୁ ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଏନେଇ ବାର୍ଷିକ କୋଟିକୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହେଉଛି। ହେଲେ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମୁନାଫାଖୋର ନୀତି ଯୋଗୁ ଲକ୍ଷଲକ୍ଷ ଟଙ୍କାରେ ନିର୍ମିତ ଅନେକ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଲୋକେ ପାଣି ମୁନ୍ଦାଏ ପାଇବାରୁ ବଞ୍ଚିତ ହେଉଛନ୍ତି। ହେଲେ ପ୍ରକଳ୍ପରେ ମାସିକ ବିଦ୍ୟୁତ୍ ବିଲ୍ ଆସୁଥିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଏଭଳି ଅଭିଯୋଗ ଆସିଛି ଧର୍ମଶାଳା ବ୍ଲକ କମାଗଡ଼ ପଞ୍ଚାୟତରୁ। ଉକ୍ତ ପଞ୍ଚାୟତ ଭରତପୁର ଗ୍ରାମରେ ଓଭରହେଡ୍ ଟାଙ୍କି ମାଧ୍ୟମରେ ବର୍ଷେ ହେଲା ପାଣି ଯୋଗାଇ ଦିଆଯାଉଥିବା କାଗଜକଲମରେ ଦର୍ଶାଯାଇଛି। ହେଲେ ପ୍ରକୃତପେକ୍ଷେ ଏହା କାର୍ଯ୍ୟକାରୀ ହୋଇ ନ ଥିବା ଦେଖିବାକୁ ମିଳିଛି। ଏହି ଅନିୟମିତତା ନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଭରତପୁର ଗ୍ରାମରେ ବସୁଧା ଯୋଜନାରେ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କ ନିର୍ମାଣ କରାଯାଇଛି। ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏହି ପାଣି ଟାଙ୍କିରୁ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇଦେବାର ଯୋଜନା ହୋଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୪୭ଲକ୍ଷ ୬୮ ହଜାର ୫ଶହ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ୨୦୧୮ରୁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ ମାର୍ଚ୍ଚରେ କାର୍ଯ୍ୟକ୍ଷମ ହେଲା ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି। ସୂଚନା ଅଧିକାର କର୍ମୀ ପ୍ରକଳ୍ପ ସମ୍ପର୍କରେ ଜଣାପଡ଼ିଛି। ତେବେ ପ୍ରକଳ୍ପଟି ଆରମ୍ଭରୁ କେବେ ହେଲେ କାର୍ଯ୍ୟକ୍ଷମ ହୋଇନାହିଁ ବୋଲି ଗ୍ରାମର ସୁଶାନ୍ତ କବି, ସମ୍ମିତା କବି ଓ ଜୟନ୍ତୀ କବି କହିଛନ୍ତି। ଅନ୍ୟପଟେ ଗ୍ରାମରେ ଗୋଟିଏ ମାତ୍ର ନଳକୂପ ଥିବାରୁ ପାଣି ପାଇଁ ମହିଳାମାନେ ପ୍ରତ୍ୟେକ ଦିନ ଏଠାରେ ଭିଡ ଲଗାଇଥାନ୍ତି। ପାଣି ମୁନ୍ଦେ ପାଇଁ ଗ୍ରାମବାସୀ ବିଡିଓ ଏବଂ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇ ବିଫଳ ହୋଇଛନ୍ତି। ଅନ୍ୟପଟେ ଆରମ୍ଭରୁ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇ ନଥିବା ବେଳେ ଏହା ଦୀର୍ଘ ଏକ ବର୍ଷ ହେଲା କାର୍ଯ୍ୟକ୍ଷମ ହେବା ସହ ଏବାବଦରେ ମାସକୁ ବିଦ୍ୟୁତ୍ ବିଲ ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେଣୁ ଏହି ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ନିକଟରେ ଅପିଲ କରିଛନ୍ତି। ଘଟଣା ସମ୍ପର୍କରେ ଜିଲା ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ଘଡ଼େଇଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ତେବେ ୧୫ ଦିନ ଭିତରେ ଉକ୍ତ ପ୍ରକଳ୍ପରୁ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ନଳକୂପରୁ ପାଣି ନେବା ପାଇଁ ମହିଳାଙ୍କ ଲମ୍ବା ଧାଡ଼ି।

ବସୁଧା ଯୋଜନା ଦିଗହରା

ବ୍ୟାସନଗର କଲେଜର ନୂଆ ୱେବ୍‌ସାଇଟ୍

ଯାଜପୁର ରୋଡ, ୧୬।୪(ଡି.ଏନ.ଏ.)

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଇ-ଲାଇବ୍ରେରି, ଇ-ଅଫିସ୍, ଇ-ଆକାଉଣ୍ଟସ ଓ କଲେଜର ନୂତନ ୱେବସାଇଟ୍ ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ କୋରେଇ ବିଧାୟକ ଅଶୋକ କୁମାର ବଳ ଓ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଦୀପ କୁମାର ବିଶ୍ୱାଳ, ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, କଲେଜର ଅଧ୍ୟକ୍ଷ କୁଶଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଦିଲୀପ କୁମାର ରାଉତ, ବିବେକାନନ୍ଦ ଜେନା, ରଞ୍ଜିତ କୁମାର ପହି, ପ୍ରଜ୍ଞାପ୍ରବର୍ତ୍ତିକା ଦାସ, ସନାତନ ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରତ୍ନାକର ସ୍ୱାଇଁ, ଗୋଲକ ବିହାରୀ ମହାକୁଡ଼, ରମେଶ ଚନ୍ଦ୍ର ବେହେରା, ଗୁରୁପ୍ରସନ୍ନ ସାହୁ, ପ୍ରଦୀପ କୁମାର ବିଶ୍ୱାଳ, ବାଉରିବନ୍ଧୁ ଦାସ ପ୍ରମୁଖ ସହଯୋଗ କରିଥିଲେ।

ବିଶ୍ୱ ଦକ୍ଷତା ପ୍ରତିଷ୍ଠାନ ପ୍ରତିନିଧିଙ୍କ ଇମ୍ପା ଖଣି ପରିଦର୍ଶନ

ବିଶ୍ୱ ଦକ୍ଷତା ପ୍ରତିଷ୍ଠାନର ପ୍ରତିନିଧି ଖଣି ପରିସର ବୁଲି ଦେଖୁଛନ୍ତି।

କାଳିଆପାଣି, ୧୬।୪(ଡି.ଏନ.ଏ.)

ବିଶ୍ୱ ଦକ୍ଷତା ପ୍ରତିଷ୍ଠାନ(ୱାର୍ଲ୍ଡ ସ୍କିଲ୍ ସେଣ୍ଟର) ସିଙ୍ଗାପୁରର ପ୍ରତିନିଧି ତଥା ସ୍କୁଲ୍ ଅଫ୍ ଇଞ୍ଜିନିୟରିଂର ନିର୍ଦ୍ଦେଶକ ଟିଓକ ଇଞ୍ଜିନ୍ରୁନ, ପ୍ରଶାସନ ନିର୍ଦ୍ଦେଶକ କେରୱାନ ହିଙ୍ଗ ଏବଂ ବିଶ୍ୱ ଦକ୍ଷତା ପ୍ରତିଷ୍ଠାନ ଓଡ଼ିଶା ସରକାରଙ୍କ ପ୍ରତିନିଧି ତଥା ମେକାଟୋନିକ୍ସ ବିଭାଗ ନିର୍ଦ୍ଦେଶକ ପି.କେ. ବେହେରା, ପ୍ରିନ୍ସିପାଲ ସଂଗ୍ରାମ ଗୋପାଲ ଶନିବାର ଯାଜପୁର ଜିଲା କାଳିଆପାଣିସ୍ଥିତ ଇମ୍ପାର ସୁକିନ୍ଦା ଏବଂ ମହାଗିର କ୍ରୋମାଇଟ ଖଣିର ବିଭିନ୍ନ କାର୍ଯ୍ୟସ୍ଥଳୀ ପରିଦର୍ଶନ କରିଛନ୍ତି। ଇମ୍ପାର ଖଣି ସୁରକ୍ଷା ତଥା ଉନ୍ନତ ବୈଷୟିକ ଜ୍ଞାନକୌଶଳ ପଦ୍ଧତି ଅବଲମ୍ବନ କରି କ୍ରୋମ୍ ଉତ୍ତୋଳନକୁ ପରିଦର୍ଶକ ମଣ୍ଡଳୀ ଅତି ନିକଟରୁ ଦେଖି ଖୁସିବ୍ୟକ୍ତ କରିଥିବା ବେଳେ ଇମ୍ପାକୁ ଉଚ୍ଚ ପ୍ରଶଂସା କରିଥିଲେ। ଇମ୍ପାର କାର୍ଯ୍ୟକାରୀ ମୁଖ୍ୟ ତଥା ବରିଷ୍ଠ ମହାପ୍ରବନ୍ଧକ ଇଂ. ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ରହି ଖଣିରେ ଚାଲିଥିବା ବିଭିନ୍ନ କାର୍ଯ୍ୟଶୈଳୀର ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଇମ୍ପା ଆନ୍ତର୍ଜାତିକସ୍ତରର କାର୍ଯ୍ୟଶୈଳୀ, କର୍ମଚାରୀଙ୍କ ଉନ୍ନତ ଦକ୍ଷତା, ଗୁଣବତ୍ତା ଏବଂ ମାନଦଣ୍ଡ ବଜାୟ ରଖିଥିବାରୁ ବିଶ୍ୱ ଦକ୍ଷତା ପ୍ରତିଷ୍ଠାନର ପ୍ରତିନିଧିମାନେ ଏହାକୁ ଉଚ୍ଚ ପ୍ରଶଂସା କରିଥିଲେ।

ODISHA COOPERATIVE TASAR & SILK FEDERATION LTD. (SERIFED)
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in
Letter No. VII - 1(21)/SERIFED/2021-22-459 Date: 11.04.2022
EXPRESSION OF INTEREST
SELECTION OF ADVERTISING FOR PUBLICITY & BRANDING ACTIVITIES OF SERIFED LTD.
Odisha Co-Operative Tasar & Silk Federation (SERIFED) Ltd., under the control of Handlooms, Textiles & Handicrafts Dept., Govt. of Odisha invites quotations from advertising agencies having experience in Advertising, Branding, Publicity & Events for selection in SERIFED for a period of two years (2022-23 & 2023-24). The detailed EOI can be seen / downloaded from Govt. website **www.tendersodisha.gov.in** during the period of **Dt.18.04.2022 to Dt.27.04.2022 up to 05:00 PM** Online bid shall be received up to 05:00 P.M. dt. 27.04.2022. **The Authority reserves the right to accept or reject any or all quotations at any time without assigning any reason thereof.** Sd/-
MANAGING DIRECTOR

OFFICE OF THE SUPERINTENDING ENGINEER, RWS & S DIVISION, BARGARH
Email: eerwss_bgh@nic.in, Ph. (O): 06646 233220, FAX: 06646 234626
No.1717 / Dt.13.4.2022
CANCELATION OF BID ID NO. 19 OF 2021-22 & TENDER CALL NOTICE NO. 1613 DT.05.04.2022
No.O-73:- The bid identification 19 of 2021-22 & tender call notice No.1613 dated 05.04.2022 of the Executive Engineer, RWS&S Division, Bargarh is hereby cancelled.
Sd./- Executive Engineer, RWSS
OIPR-25157/11/0002/2223

idco Your power to grow | ODISHA NEW OPPORTUNITIES
No.CAD-198
File No.- HO/Civil/T&E-E-4522/04/2021/9124 Dt.13.04.22
OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR
Bid Identification No. Civil/EST-08/2021-22
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1. **Name of the Work :** Supply of Non Modular Fixed Items and Modular Furniture (Loose Items) for Accommodation Building (Hostel) for players & support staffs in BPUT Campus, Rourkela.
2. **Value of the Work:** Rs.1450.00 Lakhs (Approx.)
3. **Period of Completion:** 04 (Four) Calendar Months
4. **Availability of tender online for Bidding:**
   I. **Start Date** : 18.00 Hours of dt.25.04.2022.
   II. **End Date** : 17.00 Hours of dt.09.05.2022.
   III. **Opening Date** : 11.30 Hours of dt.10.05.2022.
   IV. **Prebid Meeting** : 12.00 Noon of dt. 30.04.2022.

Tender details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Chief General Manager (Civil), IDCO, Bhubaneswar
OIPR-14003/11/0026/2223

OFFICE OF THE DISTRICT MAGISTRATE & COLLECTOR, SAMBALPUR
EOI No. 904/SS **Dtd.16.04.2022**
Notice Inviting Expression of Interest for Selection of Agency/Agencies for running of Old Age Home, Destitute Home, Special Schools for VI/HI & ID in IIC, Sambalpur
District Administration, Sambalpur invites proposals from reputed agency/agencies for running of Old Age Home, Destitute Home, Special Schools fo VI/HI & ID in IIC, Sambalpur under as specified in this EOI document. The detailed EOI document can be downloaded from **www.sambalpur.nic.in** w.e.f. 16.04.2022 onwards. The last date & time for submission of EOI document by Speed Post/Registered Post/Courier etc. in all working days at the District Social Security Office, Sambalpur shall be 18.05.2022 till 1 P.M. Based on eligibility criteria as mentioned in the EOI, the applicant agency will be selected. The undersigned reserves the right to accept or reject any application without assigning any reason thereof.
Sd./- Collector, Sambalpur

idco Your power to grow | ODISHA NEW OPPORTUNITIES
No. CAD-195
OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No. BBSR/ELECT/E-4243/21-22/876 Date: 11.04.22
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work :- Supply and installation of Fire Pump, Jockey Pump & Diesel engine with accessories for OAT Building, Cuttack. (Balance work).

Procurement Officer	Bid Identification No.	Availability of Tender on-Line for Bidding	
		From	To
1	2	3	4
D.H. (Elect.), IDCO, IDCO Tower-2000, 4th Floor, Mancheswar I/E, Bhubaneswar	Bid ID No. BBSR/ ELECT/e-02/ 22-23	20.04.2022 at 17.00 hrs.	27.04.2022 at 17.00 hrs.

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can only be seen in the e-**procurement portal as well as as in IDCO website.**
Sd./- Divisional Head (Elect.)
IDCO, Bhubaneswar
OIPR-14003/11/0024/2223

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
AT/PO- NAYABAZAR, CUTTACK-753004, Tel.No. 0671-2444488, Email-serw_kpd@yahoo.com
Letter No.853 Date: 11.04.2022
No.O-77:- **1st Corrigendum Notice**
1st Corrigendum to Bid Identification No Tender Online RCK-8/22 invited this office Letter No. - 781, Dt.- 04.04.2022
The changes as detailed below are hereby made in the above N.I.T.:-
1. Clause No.-06 of NIT modified below:

Procurement Officer	Bid Identification No.	Availability of tender online for bidding		Last date & time of seeking tender clarification	Date & time of opening of tender	
		From	To		Technical bid	Financial bid
1	2	3	4	5	6	7
Chief Construction Engineer, Rural Works Circle, Kendrapara-Jajpur	Tender Online RCK-8/22	18.04.22 at 11.00 A.M.	03.05.22 to 5.00 P.M.	02.05.22 upto 1.00 P.M.	04.05.22 at 11.30 A.M.	Will be intimated later

Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0006/2223

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା 6212/IND-II-PH-1006 ତାରିଖ: 13.04.2022
No.CAD-203
ବିଜ୍ଞାପନ
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ଶ୍ରୀ ଅମନ କୁମାର ଶର୍ମା ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା, ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଖେରୁଆଳ ଗ୍ରାମରେ ୬.୦୭୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଭେଡ଼େନ୍ ନଦୀ ଶଯ୍ୟାରେ ସ୍ଥିତ ତୁମ୍ବେକେଳା ବାଲୁକା ଖଣି** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୦.୦୫.୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଖେରୁଆଳ ଗ୍ରାମରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯.୦୬.୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଝାରସୁଗୁଡ଼ା** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଝାରସୁଗୁଡ଼ା** ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଝାରସୁଗୁଡ

ଶସ୍ତା ହୋଇପାରେ ଖାଇବା ତେଲ

ନୂଆଦିଲ୍ଲୀ: ଗତ କିଛି ମାସ ହେବ ଦରବୃଦ୍ଧିକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଆଗାମୀ କିଛିଦିନ ମଧ୍ୟରେ ଖାଇବା ତେଲ ଦର ଶସ୍ତା ହୋଇପାରେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏପରିକି ସରକାର ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଯୋଜନା କରୁଛନ୍ତି। ମିଳିଥିବା ସୂଚନା ଅନୁସାରେ ଖାଇବା ତେଲ ଉପରେ ଲାଗୁ ହେଉଥିବା ୨ଟି ସେସ୍‌ରେ ପରିମାଣ ହ୍ରାସ କରିବାକୁ ସରକାର ଯୋଜନା ରଖିଛନ୍ତି। ଏହାଛଡ଼ା ସରକାର ଖାଇବା ତେଲର ଆମଦାନୀ ଶୁଳ୍କ ଉପରେ ବର୍ତ୍ତମାନର ହ୍ରାସକୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବଢ଼ାଇବାକୁ ଯୋଜନା କରୁଛନ୍ତି। ଖାଇବା ତେଲ ଆମଦାନୀ ଉପରେ ବର୍ତ୍ତମାନ ୫.୫% ଶୁଳ୍କ ରହିଛି।

ସଂକ୍ଷେପରେ

କ୍ରମ୍ପ୍‌ଟନର ନୂତନ କୁଲର ସିରିଜ

ଭୁବନେଶ୍ୱର,୧୬।୪ : ଚଳିତ ବର୍ଷ ଗ୍ରୀଷ୍ମଋତୁ ଅବସରରେ କ୍ରମ୍ପ୍‌ଟନ ଗ୍ରୀଭ୍‌ସ କଞ୍ଜୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ପକ୍ଷରୁ ନୂତନ କୁଲର ସିରିଜର ଶୁଭାରମ୍ଭ କରାଯାଇଛି। ଦୀର୍ଘ ୮୦ ବର୍ଷର ବଜାର ଅଭିଜ୍ଞତା ସହ କ୍ରମ୍ପ୍‌ଟନର କୁଲ୍‌ବ୍ରିଜ୍ ଡେଜର୍ଟ କୁଲର ବର୍ଗ ସହିତ ନିଜର ଶୀତଳୀକରଣ ପରିବ୍ୟବସ୍ଥାରେ ଆଉ ଏକ ନବସୃଜନ ଯୋଗ କରିଛି। ଏ ସମ୍ପର୍କରେ କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍‌ର ଭାଇସ ପ୍ରେସିଡେଣ୍ଟ, ଆପ୍ଲାଏନ୍ସ ବିଜ୍‌ନେସ ସଚିନ ଫାରଟିୟାଲ କହିଛନ୍ତି, ଗ୍ରୀଷ୍ମଋତୁଗୁଡିକ ପୂର୍ବାପେକ୍ଷା ଉତ୍ତପ୍ତ ହେବାକୁ ଲାଗିଥିବାବେଳେ ଉତ୍ତାପରୁ ତତ୍‌କ୍ଷଣାତ ଆଶ୍ୱସ୍ତି ଲାଭ କରିବା ସମ୍ପ୍ରତି ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଉତ୍ତାପ ପ୍ରବାହ ଏକ ନୂତନ ସ୍ୱାଭାବିକତା ହେଉଛି ଏବଂ ଆଧୁନିକ ଯୁଗର ଗ୍ରାହକ ବାହାରେ କ୍ଳାନ୍ତ ଶ୍ରାନ୍ତ ସମୟ ବିତାଇବା ପରେ ଘର ଭିତରେ ତତ୍‌କ୍ଷଣାତ ଶୀତଳ ପରିବେଶ ଆବଶ୍ୟକ କରୁଛନ୍ତି।

ସେନ୍‌ହାଇଜର ନୂତନ ସ୍ପିକର

ନୂଆଦିଲ୍ଲୀ,୧୬।୪ : ସେନ୍‌ହାଇଜର ପକ୍ଷରୁ ମାଇକ୍ରୋସଫ୍ଟ ଟିମ୍ ପାଇଁ ଏକ ଇଣ୍ଟେଲିଜେଣ୍ଟ ସ୍ପିକର ସାର୍ଟିଫାଏଡ୍, ଦି ଟିମ୍ କନେକ୍ଟ ଇଣ୍ଟେଲିଜେଣ୍ଟ ସ୍ପିକରର ଶୁଭାରମ୍ଭ କରାଯାଇଛି। ଟିମ୍ କନେକ୍ଟ ଇଣ୍ଟେଲିଜେଣ୍ଟ ସ୍ପିକର ସହିତ ଦୂରରେ ଥିବା କିମ୍ବା ଏକ ରୁମ୍‌ରେ ଥିବା ପାଖାପାଖି ୧୦ଜଣ ଲୋକଙ୍କ ପାଇଁ ସେନ୍‌ହାଇଜର ସ୍ମାର୍ଟ କେନ୍ଦ୍ରିତ ଏବଂ ସମାବେଶୀ ମିଟିଂ ପାଇଁ ସମାଧାନ ପ୍ରଦାନ କରୁଛି। ଯାହା ୩.୫ମି. ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତ କଭର କରିଥାଏ ଏବଂ ଏଥିରେ ୭ଟି ବିମ୍‌ଫର୍ମିଙ୍ଗ ମାଇକ୍ରୋଫୋନ ରହିଛି। ସେନ୍‌ହାଇଜର ଇଣ୍ଡିଆର ସେଲ୍‌ସ ବିଜ୍‌କମ୍ ନିର୍ଦ୍ଦେଶକ ମ୍ରିଦୁଲ ଜୈନ କହିଛନ୍ତି, ସେନ୍‌ହାଇଜର ଆମ ଉଦ୍ୟୋଗର ଅଗ୍ରଣୀ ଟିମ୍ କନେକ୍ଟ ସିଲିଂ ୨ମାଇକ୍ରୋଫୋନ ସହିତ ଟୁଭଏସ୍ ଲିଫ୍ଟ ପାଇଁ ପରିଚିତ। ଆମ୍ଭମାନଙ୍କର ଟିମ୍ କନେକ୍ଟ ପରିବାର ସହିତ ଏହି ନୂତନ ମିଶ୍ରଣ ଆମ୍ଭମାନଙ୍କୁ ଏକ ଭିନ୍ନ ପ୍ରକାର ସାକ୍ଷାତ୍‌କାର ଗୃହକୁ ଏପରି ଏକ ମୂଲ୍ୟରେ ସମ୍ପ୍ରସାରଣ ହେବା ପାଇଁ ସୁଯୋଗ ପ୍ରଦାନ କରୁଛି।

ମହଙ୍ଗା ହୋଇପାରେ ବିମାନଯାତ୍ରା

ନୂଆଦିଲ୍ଲୀ,୧୬।୪

- ଏଟିଏଫ ମୂଲ୍ୟ ୦.୨% ବୃଦ୍ଧି
- ଚଳିତ ବର୍ଷରେ ୮ ଥର ବଢ଼ିଲାଣି

ଚଳିତ ବର୍ଷ ଆରମ୍ଭରୁ ବିମାନ ଇନ୍ଧନ ମୂଲ୍ୟ ବଢ଼ିଚାଲିଛି। ଏପରିକି ପ୍ରତି ମାସରେ ୨ ଥର ଏପରିକି ଗତ ୪ ମାସରେ ୮ ଥର ପାଇଁ ଏହାର ମୂଲ୍ୟ ବୃଦ୍ଧି ହୋଇସାରିଛି। ଗୋଟିଏ ପଟରେ କ୍ରମାଗତ ଭାବେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଉଛି। ଅପରପକ୍ଷରେ ତୈଳ ଦର ବୃଦ୍ଧି ଯୋଗୁ ବିମାନ ସେବା ଯୋଗାଇଥିବା କମ୍ପାନୀଗୁଡିକ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ କମ୍ପାନୀଗୁଡିକ ସେହି ଅନୁସାରେ ମୂଲ୍ୟ ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି।

ଗତ କିଛିଦିନର ବିରତି ପରେ ପୁଣି ଥରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରଭାବ ଭାରତ ବଜାର ଉପରେ ପଡୁଛି। ଏପରିକି ବିମାନରେ ଇନ୍ଧନ ରୂପେ ବ୍ୟବହାର କରାଯାଉଥିବା ଏଟିଏଫ୍ (ଆଭିଏଶେନ ଟର୍ବାଇନ ଫୁଏଲ) ର ମୂଲ୍ୟ ମଧ୍ୟ ୦.୨% ବୃଦ୍ଧି ପାଇଛି। ବିମାନ ଇନ୍ଧନ ଯୋଗାଇଥିବା ତୈଳ କମ୍ପାନୀଗୁଡିକର ସୂଚନା ଅନୁସାରେ ଶନିବାର ଏଟିଏଫ୍ ମୂଲ୍ୟ କିଲୋଲିଟର ପିଛା ୨୭୭.୫ ଟଙ୍କା ଅର୍ଥାତ୍ ୦.୨% ବୃଦ୍ଧି ଘଟିଛି। ଏହି ମୂଲ୍ୟ ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ଏଟିଏଫ୍ ମୂଲ୍ୟ ୧,୧୩,୨୦୨.୩୩ ଟଙ୍କାରେ ପହଞ୍ଚିଛି।

ଏହା ପୂର୍ବରୁ ପ୍ରାୟ ୨ସପ୍ତାହ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ପ୍ରାୟ ୧୧ ଟଙ୍କା ପ୍ରତି ଲିଟର ପିଛା ବୃଦ୍ଧି ପାଇଥିଲା। ସୂଚନାଯୋଗ୍ୟ, ପ୍ରତି ମାସର ୧ ଏବଂ ୧୬ ତାରିଖରେ ବିମାନ ଇନ୍ଧନ ମୂଲ୍ୟ ସଂଶୋଧନ କରାଯାଇଥାଏ। ଅପରପକ୍ଷରେ ପ୍ରତିଦିନ ଉଭୟ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ପରିବର୍ତ୍ତନ ତୈଳ ବିପଣନ କମ୍ପାନୀଗୁଡିକ କରିଥାନ୍ତି।

ଚଳିତ ବର୍ଷ ମାର୍ଚ୍ଚ ୧୬ ରେ ଏଟିଏଫ୍ ମୂଲ୍ୟରେ ୧୮.୩% ସହ ବଡ଼ ମୂଲ୍ୟ ବୃଦ୍ଧି ହୋଇଥିଲା। ଏହାପରେ ଏପ୍ରିଲ ୧ରେ ମଧ୍ୟ ଏହାର ମୂଲ୍ୟରେ ୨% ବୃଦ୍ଧି ଘଟିଥିଲା। ବର୍ତ୍ତମାନର ବୃଦ୍ଧି ପରେ ମୁମ୍ବାଇର ଏଟିଏଫ୍ ମୂଲ୍ୟ କିଲୋଲିଟର ପିଛା ୧,୧୧,୯୮୧.୯୯ ଟଙ୍କା ହୋଇଛି। ଏହା କୌଣସି ବିମାନ କମ୍ପାନୀର ପରିଚାଳନା ଖର୍ଚ୍ଚରେ ପ୍ରାୟ ୪୦%ର ଅଂଶ ରଖୁଥିବା କୁହାଯାଇଛି।

ଟିପିଏସ୍‌ଓଡିଏଲ୍ ପକ୍ଷରୁ କଲ୍ ସେଣ୍ଟର ଶୁଭାରମ୍ଭ

ଭୁବନେଶ୍ୱର,୧୬।୪

ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ପାଇଁ ଗଠିତ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁରର ଆମ୍ବଗଡ଼ାଠାରେ ଏକ ୫୦ ସିଟ୍ ବିଶିଷ୍ଟ କଲ୍ ସେଣ୍ଟରର ଶୁଭାରମ୍ଭ କରାଯାଇଛି। ଏହି ସେଣ୍ଟରରେ ଏକ ସମନ୍ୱିତ ଇଣ୍ଟରଆକ୍ଟିଭ୍ ଭଏସ୍ ରେସ୍‌ପନ୍ସ ସିଷ୍ଟମ୍ (ଆଇଭିଆର୍‌ଏସ୍), କମ୍ପ୍ୟୁଟର ଟେଲିଫୋନି ଇଣ୍ଟିଗ୍ରେସନ (ସିଟିଆଇ) ଓ ଗ୍ରାହକ ସମ୍ପର୍କ ପରିଚାଳନା (ସିଆର୍‌ଏମ୍) ର ବ୍ୟବସ୍ଥା ସହିତ ସମସ୍ତ ଗ୍ରାହକ ଅଭିଯୋଗର ଯତ୍ନ ନେବା ପାଇଁ ଉଚ୍ଚ ତାଲିମପ୍ରାପ୍ତ ପେସାଦାରମାନେ ରହିଛନ୍ତି। ସେହିଭଳି ବିଭାଗ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ସେବା ପାଇଁ ଏକ ଦେୟମୁକ୍ତ (ଟୋଲ୍ ଫ୍ରି) ନମ୍ବର ୧୮୦୦-୩୪୫-୬୭୯୭,୧୯୧୨ ସହ ୨୪/୭ ଘଣ୍ଟିଆ ସେବା ଜାରି ରହିବ। ଏହି ଦେୟମୁକ୍ତ ନମ୍ବରକୁ ଉଭୟ ମୋବାଇଲ ଓ ଲ୍ୟାଣ୍ଡଲାଇନରେ ଯୋଗାଯୋଗ କରିହେବ।

ଏ ସମ୍ପର୍କରେ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ସିଇଓ, ଅରବିନ୍ଦ ସିଂହ କହିଛନ୍ତି, ବହୁ ଅଭିଯୋଗ ପାଇଁ ଗୋଟିଏ ସମାଧାନ କେନ୍ଦ୍ର ଭାବେ ଆମେ କଲ୍ ସେଣ୍ଟର ସେବାର ଶୁଭାରମ୍ଭ କରିଛୁ। ଆମ ମୂଲ୍ୟବାନ୍ ଗ୍ରାହକଙ୍କ ପ୍ରଶ୍ନଗୁଡ଼ିକୁ ସ୍ୱଳ୍ପ ସମୟ ଭିତରେ ସମାଧାନ କରିବାରେ ଏହା ସହାୟକ ହେବ। ଗ୍ରାହକମାନଙ୍କ ଅସୁବିଧାକୁ ଚିହ୍ନଟ କରିବା ଏବଂ ନୂଆ ଓ ଅଭିନବ ସମାଧାନ ଜରିଆରେ ସେଗୁଡ଼ିକର ସମାଧାନ କରିବା ଲାଗି ଆମେ ପଦକ୍ଷେପ ଗ୍ରହଣ କରିବା ଜାରି ରଖିବୁ।

ସ୍ୱତନ୍ତ୍ର ଅନୁଭୂତି ଦେବ ଅଡି କ୍ୟୁ ଡ୍ରାଇଭ୍

ନୂଆଦିଲ୍ଲୀ,୧୬।୪

ଦେଶର ପ୍ରମୁଖ ସୌଖୀନ କାର୍ ଅଡି ଇଣ୍ଡିଆ ପକ୍ଷରୁ ଏହାର ସମ୍ଭାବ୍ୟ ଗ୍ରାହକ ଓ ଅଫ୍ ରୋଡିଂରେ ଗାଡ଼ିଚାଳନା ପାଇଁ ଉତ୍ସାହୀ ମାଲିକମାନଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ଦେବାକୁ ପ୍ରୟାସ ଆରମ୍ଭ କରାଯାଇଛି। ବିଶେଷକରି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଅଡି ଭୁବନେଶ୍ୱର ଜରିଆରେ 'କ୍ୟୁ ଡ୍ରାଇଭ' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଓଡ଼ିଶାର ଅଡି ପ୍ରେମୀମାନେ ଏହାର ସର୍ବୋଚ୍ଚ ମାନର ଷ୍ଟାଇଲ, ପ୍ରଦର୍ଶନ ଆଦିର ଅନୁଭୂତି ହାସଲ କରିବାକୁ ସୁଯୋଗ ପାଇବେ। ଅଡି ଚାଳନା ଅନୁଭୂତି ଅଧୀନରେ ଅଡି କ୍ୟୁ ଡ୍ରାଇଭ ସର୍ବାଧିକ ପରିବ୍ୟାପ୍ତ କାର୍ଯ୍ୟକ୍ରମ ହୋଇଛି। ଅଡି କ୍ୟୁ ଡ୍ରାଇଭ ସ୍ୱତନ୍ତ୍ର ଭାବେ ନିର୍ମିତ ଅଫ୍ ରୋଡିଂ ଟ୍ରାକ୍‌ରେ କାର୍ଯ୍ୟକାରୀ କରାଯାଉଛି। ଏହାକୁ ଅଡିର କିମ୍ବଦନ୍ତୀ କ୍ୱାଟ୍ରୋ ଟେକ୍ନୋଲୋଜି ଓ ନୂତନ ବ୍ୟବସ୍ଥା ସମେତ ଅଡି କ୍ୟୁ ବର୍ଗର ପ୍ରମୁଖ ଅଂଶ ଏବଂ ବୈଶିଷ୍ଟ୍ୟକୁ ମନ ମଧ୍ୟରେ ରଖି ଏହାର ଡିଜାଇନ କରାଯାଇଛି। ଏ ସମ୍ପର୍କରେ ଅଡି ଭୁବନେଶ୍ୱରର ପରିଚାଳନା ନିର୍ଦ୍ଦେଶକ ଦେବଜ୍ୟୋତି ପଟ୍ଟନାୟକ କହିଛନ୍ତି, ଗ୍ରାହକମାନଙ୍କୁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ସେମାନଙ୍କର ବାସ୍ତବ ସାମର୍ଥ୍ୟ ସମ୍ପର୍କରେ ଅନୁଭୂତି ପ୍ରଦାନ ଓ ହାସଲ କରିବା ବ୍ୟତୀତ ଅଡି କ୍ୟୁ ବର୍ଗ ସମ୍ପର୍କରେ ମଧ୍ୟ ଏହାର ବିଶେଷଜ୍ଞ ଦଳ ବିସ୍ତୃତ ଭାବେ ବର୍ଣ୍ଣନା କରାଇ ସେମାନଙ୍କ ଜ୍ଞାନରେ ଉନ୍ନତି ଘଟାଇବା ନିମନ୍ତେ ଏଭଳି ପ୍ରୟାସ କରାଯାଇଛି। ଏପରିକି କିମ୍ବଦନ୍ତୀ କ୍ୱାଟ୍ରୋର ଅତୀବ ସାମର୍ଥ୍ୟ ଓ ଗତିଶୀଳତା ପ୍ରଦର୍ଶନ କରିବା ନିମନ୍ତେ ଅଡି କ୍ୟୁ ଡ୍ରାଇଭ ଆମକୁ ଏକ ସୁଯୋଗ ଯୋଗାଇ ଦେଇଛି। ଏହା ସବୁଠାରୁ ଆହ୍ୱାନପୂର୍ଣ୍ଣ ଭୌଗୋଳିକ ପରିବେଶରେ ମଧ୍ୟ ପ୍ରଦର୍ଶନ କରିବାକୁ ଡିଜାଇନ ପ୍ରସ୍ତୁତ କରାଯାଇଛି। ଅଡି କ୍ୟୁ ଡ୍ରାଇଭ୍‌ର ସଫଳତା ପାଇଁ ଅଡି ଭୁବନେଶ୍ୱରରେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ଏବଂ ଅଡି କ୍ୟୁ ଡ୍ରାଇଭ୍‌ରେ ଅଂଶଗ୍ରହଣ କରିବା ପାଇଁ ମୁଁ ଆମର ପୃଷ୍ଠପୋଷକ ଏବଂ ସମସ୍ତ ଅଡିପ୍ରେମୀଙ୍କୁ ଧନ୍ୟବାଦ ଜଣାଉଛି ବୋଲି ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ପୁନର୍ଜୀବିତ କରିବ ଇପିଆଇସି

ନୂଆଦିଲ୍ଲୀ,୧୬।୪

ଜାତୀୟସ୍ତରରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ବଜାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଭାରତୀୟ ଉତ୍ପାଦ ଓ ଭାରତୀୟ ବ୍ରାଣ୍ଡ ସୃଷ୍ଟି କରି ଦେଶରେ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ପୁନର୍ଜୀବିତ କରାଇବା ଲକ୍ଷ୍ୟରେ ଏଚ୍‌ସିଏଲ୍ ପ୍ରତିଷ୍ଠାତା ଡ. ଅଜୟ ଚୌଧୁରୀ ଏବଂ ସହପ୍ରତିଷ୍ଠାତା ଅର୍ଜୁନ ମାଲହୋତ୍ରା ଏବଂ ସେମିକଣ୍ଡକ୍ଟର ଶିଳ୍ପର ଅଭିଜ୍ଞ ସଦସ୍ୟ ଡ. ସତ୍ୟ ଗୁପ୍ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ଅଣ ଲାଭକାରୀ ସଂସ୍ଥା ଇପିଆଇସି ଫାଉଣ୍ଡେଶନ। ଏ ସମ୍ପର୍କରେ ଏହାର ଚେୟାରମ୍ୟାନ୍ ଡ. ଅଜୟ ଚୌଧୁରୀ କହିଛନ୍ତି, ଫାଉଣ୍ଡେଶନର ଶୁଭାରମ୍ଭ କରି ଆମେ ବହୁ ଉତ୍ସାହିତ। ଆମର ଉଦ୍ଦେଶ୍ୟ ହେଉଛି ଇଲେକ୍ଟ୍ରୋନିକ୍ସ ଉତ୍ପାଦଗୁଡିକର ଡିଜାଇନଠାରୁ ଆରମ୍ଭକରି ଉତ୍ପାଦନ ପର୍ଯ୍ୟନ୍ତ ଓ ସେମିକଣ୍ଡକ୍ଟର ଚିପ୍ସ ଡିଜାଇନ ଏବଂ ଉତ୍ପାଦନ କ୍ଷେତ୍ରରେ ଭାରତୀୟ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ବାସ୍ତବରେ ଆତ୍ମନିର୍ଭର କରେଇବା।

କାରିଗରଙ୍କୁ ଜୀବିକା ଯୋଗାଉଛି ବେଦାନ୍ତ

ନୂଆଦିଲ୍ଲୀ,୧୬।୪

ବେଦାନ୍ତ ଆଲୁମିନିୟମ ଉଭୟ ଓଡ଼ିଶା ଓ ଛତିଶଗଡ଼ କାର୍ଯ୍ୟକ୍ଷେତ୍ର ଅଞ୍ଚଳ ତଥା ସ୍ଥାନୀୟ କାରିଗରମାନଙ୍କୁ ଜୀବିକା ଓ ସମର୍ଥନ ଯୋଗାଇ ଦେଉଆସୁଛି। ବିଶେଷକରି ଦେଶରେ ସମୃଦ୍ଧ ସାଂସ୍କୃତିକ ଓ କଳାତ୍ମକ ଐତିହ୍ୟକୁ ଉଜ୍ଜୀବିତ କରିବା ଲାଗି ବେଦାନ୍ତ ସ୍ଥାୟୀ ଜୀବିକା ନିର୍ବାହକୁ ପରାମର୍ଶ ଦେଉଛି। ଏପରିକି ଜାତୀୟ ଓ ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ସେମାନଙ୍କ କଳାକୃତିର ବିକାଶ ପାଇଁ ବଜାର ଲିଙ୍କେଜ୍ ଜରିଆରେ ଆବଶ୍ୟକ ସହଯୋଗ ପ୍ରଦାନ କରୁଛି। ଅପରପକ୍ଷରେ କମ୍ପାନୀର କଳାହାଣ୍ଡି ଲାଞ୍ଜିଗଡ଼ଠାରେ ଥିବା ଆଲୁମିନିୟମ ରିଫାଇନେରି ନିକଟରେ ଅବସ୍ଥିତ କାଙ୍କେରୀ ଗ୍ରାମର ଡୋକ୍ରା କାରିଗରଙ୍କ ସହିତ ମିଶି କାମ କରୁଛି। କଳାହାଣ୍ଡି ଜଙ୍ଗଲ ମଧ୍ୟରେ ଏହିସବୁ କାରିଗରମାନଙ୍କ ଘର, ଯେଉଁମାନେ ପ୍ରାୟ ୫୦୦ବର୍ଷ ଧରି ଭାରତର ସମୃଦ୍ଧ ହସ୍ତତନ୍ତ କାରିଗର ଭାବେ ନିଜର ପରିଚୟ ଦେଇ ଆସିଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ଭାରତ କଳା ସଂସ୍କୃତିରେ ସମୃଦ୍ଧ। ଡୋକ୍ରା ଓ ମୂର୍ତ୍ତି ଚିତ୍ରକଳାର ସଂରକ୍ଷଣ ଏବଂ ଏହାକୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣି ପାରିଥିବାରୁ ଆମେ ଗର୍ବିତ। ଏହି ପ୍ରକ୍ରିୟାରେ ଆମେ ସମ୍ପୃକ୍ତ କାରିଗରମାନଙ୍କ ସମୃଦ୍ଧି ପାଇଁ ଉପଯୁକ୍ତ ପଥ ଦେଖାଇ ପାରିଛୁ। ବିଶ୍ୱ କଳା ଦିବସରେ କଳା ଓ ସଂସ୍କୃତିରେ ଅଧିକ ସ୍ଥାୟୀ ଜୀବିକା ନିର୍ବାହ ଲାଗି ପ୍ରୟାସକୁ ଅଧିକ ମଜଭୁତ କରିଛୁ ଯାହା ଦେଶର ଆତ୍ମନିର୍ଭରଶୀଳ ଅଂଶଗ୍ରହଣକାରୀଙ୍କ ସ୍ୱପ୍ନକୁ ସାକାର କରିପାରିବ।

ଫୁଚର୍‌ସପ୍

ସଚେତନତା ହିଁ ନିଦାନ

ବିଶ୍ୱ ହେମୋଫିଲିଆ ଦିବସ

ପ୍ରତିବର୍ଷ ଏପ୍ରିଲ ୧୭କୁ ବିଶ୍ୱ ହେମୋଫିଲିଆ ଦିବସ ଭାବେ ପାଳନ କରାଯାଏ। ହେମୋଫିଲିଆ ଏକ ରକ୍ତସ୍ରାବଜନିତ ଶାରୀରିକ ସମସ୍ୟା। ସଚେତନତା ହିଁ ପ୍ରକୃତ ନିଦାନ। ଏଭଳି ଏକ ସମସ୍ୟାର ସମାଧାନ ଲାଗି ସଚେତନତା ଗୁରୁତ୍ୱପୂର୍ଣ୍ଣ। ଅନ୍ତର୍ଜାତୀୟ ସଚେତନତା ଦିବସ ଏବଂ ୱାର୍ଲ୍ଡ ଫେଡେରେଶନ ଅଫ୍ ହେମୋଫିଲିଆର ପ୍ରତିଷ୍ଠାତା ଫ୍ରାଙ୍କ ସ୍କାବେଲଙ୍କ ଜନ୍ମବାର୍ଷିକୀ ଅବସରରେ ଏହି ଦିବସ ପାଳିତ ହୋଇଥାଏ।

୧୯୮୯ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ଇତ୍ୟବସରରେ ହେମୋଫିଲିଆ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟାପକ ଜନସାଧାରଣଙ୍କ ଯୋଗଦାନ ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ଏଭଳି ସମସ୍ୟା କ୍ଷେତ୍ରରେ ଉପଯୁକ୍ତ ଯତ୍ନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥାଏ।

ଦଶମ ଶତାବ୍ଦୀରେ ହେମୋଫିଲିଆ ସମସ୍ୟା ଚିହ୍ନଟ ହୋଇଥିଲା। ଏହା ମୁଖ୍ୟତଃ ପୁରୁଷମାନଙ୍କଠାରେ ଦେଖିବାକୁ ମିଳିଥାଏ। ମହିଳାମାନେ ଏହି ସମସ୍ୟାର କ୍ୟାରିୟର ହୋଇଥା'ନ୍ତି। ଏହି ରୋଗ ସେତେବେଳେ ଅବ୍ରୁଲକସିସ ନାମରେ ଜଣାଶୁଣା ଥିଲା। ୧୯୩୭ରେ, ହେମୋଫିଲିଆ ଜେନେଟିକ୍ ସମସ୍ୟା ଦୁଇ ପ୍ରକାରରେ ବିଭକ୍ତ ହେଲା- ଯଥା ଏ ଏବଂ ବି। ଏହି ସମସ୍ୟାର କୌଣସି ଉପଯୁକ୍ତ ଚିକିତ୍ସା ନାହିଁ। ଲୋକଙ୍କ ମଧ୍ୟରେ ଏହି ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହା ଉପରେ ସଠିକ ଧ୍ୟାନ ଦେବା ଆବଶ୍ୟକତାକୁ ଲୋକଙ୍କୁ ବୁଝାଇବାକୁ ନିଷ୍ପତ୍ତି ନିଆଗଲା ୧୯୬୩ରେ। ସମସ୍ତ ହେମୋଫିଲିଆ ଆକ୍ରାନ୍ତଙ୍କ ଚିକିତ୍ସା ଏବଂ ଯତ୍ନର ବିକାଶ ପାଇଁ ଡବ୍ଲ୍ୟୁଏଫଏମ୍ ପ୍ରତିଷ୍ଠା କରାଯାଇଥିଲା । ଏହି ଦିବସ ପାଳନ ଅବସରରେ ସଚେତନତା ଅଭିଯାନ, ଆଲୋଚନାଚକ୍ର, କର୍ମଶାଳା ଇତ୍ୟାଦି ବିଭିନ୍ନ ସଂସ୍ଥା ଏବଂ ଲୋକମାନଙ୍କ ଦ୍ୱାରା ଆୟୋଜିତ ହୋଇଥାଏ। ହେମୋଫିଲିଆ ସମସ୍ୟା ବିଷୟରେ ସାଧାରଣ ଜନତାଙ୍କୁ ଅବଗତ କରାଇବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବିଶ୍ୱ ହେମୋଫିଲିଆ ଦିବସ ପାଳନ ଅବସରରେ ଅଷ୍ଟ୍ରେଲିଆ ସମେତ କେତେକ ଦେଶରେ ବିଭିନ୍ନ ଲ୍ୟାଣ୍ଡମାର୍କ ଏବଂ ସ୍ମାରକୀକୁ ରାତିରେ ଲାଲ ରଙ୍ଗ ଆଲୋଗରେ ଆଲୋକିତ କରାଯାଇଥାଏ।

ଛବି କର୍କଟ ଆକ୍ରାନ୍ତ

ମୁମ୍ବାଇ: ହିନ୍ଦୀ ଟେଲିଭିଜନ୍ ଜଗତର ଜଣେ ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଛବି ମିତ୍ତଲ। ଛବି ଏବେ ସ୍ତନ କର୍କଟରେ ଆକ୍ରାନ୍ତ। ଏ ସମ୍ପର୍କରେ ଶନିବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ଭାବବିହ୍ୱଳ ପୋଷ୍ଟ ଶେୟାର କରିଛନ୍ତି। ଯେଉଁଥିରେ ସେ ସ୍ତନ କର୍କଟ ବିଷୟରେ ଉଲ୍ଲେଖ କରିଛନ୍ତି। ମହିଳାଙ୍କ ଶରୀରରେ ସ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥିବାବେଳେ ଏହା ଉଭୟ ସୌନ୍ଦର୍ଯ୍ୟ ଏବଂ ଶିଶୁଙ୍କୁ ଖାଦ୍ୟ ଯୋଗାଇବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିବା ସେ ଶେୟାର କରିଥିବା ପୋଷ୍ଟରେ ଲେଖିଛନ୍ତି। ରୋଗ ଚିହ୍ନଟ

ଆଜିଠାରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଏଏପି ପ୍ରଭାରୀ

ଭୁବନେଶ୍ୱର,(ବ୍ୟୁରୋ): ଆମ୍ ଆଦ୍‌ମି ପାର୍ଟି (ଏଏପି)ର ରାଜ୍ୟ ପ୍ରଭାରୀ ବିରେନ୍ଦ୍ର ସିଂହ କାଦିଆନ୍ ରବିବାରଠାରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ୧୮ ତାରିଖରେ ପୁରୀରେ ଜିଲା ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ସହ ଜଗନ୍ନାଥଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୯ରେ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀରେ ଯୋଗଦେବେ। ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଦାବି ଆନ୍ଦୋଳନର ସମୀକ୍ଷା ସହିତ ଆନ୍ଦୋଳନକୁ ଜୋର୍‌ଦାର ପାଇଁ ମାର୍ଗଦର୍ଶନ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

କଂଗ୍ରେସ ଟିକେଟରେ ଦୁଇଥର ଜିତିଥିଲେ ବିଜୁବାବୁ

ବ୍ରହ୍ମପୁର ଅଫିସ,୧୬।୪

ଗଞ୍ଜାମ ଜିଲା

ବିଶିଷ୍ଟ ରାଜନେତା ସ୍ୱର୍ଗତ ବିଜୁ (ବିଜୟାନନ୍ଦ) ପଟ୍ଟନାୟକ ଗଞ୍ଜାମ ଜିଲାରୁ ଦୁଇଥର କଂଗ୍ରେସ ବିଧାୟକ ଏବଂ ଥରେ ଆସିକା ଲୋକ ସଭା କ୍ଷେତ୍ରରୁ ଜନତା ଦଳରୁ ଏମ୍‌ପି ହୋଇଥିଲେ। ରବିବାର ତାଙ୍କ ୨୫ତମ ଶ୍ରାଦ୍ଧ ବାର୍ଷିକୀରେ ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ସ୍ମୃତିଚାରଣ ସହ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଭଞ୍ଜନଗର ନିକଟ ନୂଆଗାଁରେ ତାଙ୍କୀ ପୈତୃକ ବାସଭବନ ରହିଛି। ତେବେ ଜୀବନ କାଳରେ ଥରେ ମଧ୍ୟ ତାଙ୍କ ପାଦ ପଡ଼ି ନ ଥିବା ପୁରୁଣାକାଳିଆ ଲୋକଙ୍କଠାରୁ ଜଣାପଡ଼ିଛି। ସେହି ଘରକୁ ବିଜୁ ସ୍ମୃତ ଭବନରେ ପରିଣତ କରାଯିବାକୁ ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି। ତାଙ୍କ ନାଁରେ ଗଠିତ ଆଞ୍ଚଳିକ ରାଜନୈତିକ ଦଳ ଦୀର୍ଘ ୨୨ ବର୍ଷ ହେବ କ୍ଷମତାସୀନ ହୋଇଥିବାରୁ ସ୍ମୃତି ଭବନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଛି।

ନିର୍ବାଚନୀ ତଥ୍ୟାନୁସାରେ ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ ପ୍ରଥମ ବିଧାନସଭା ନିର୍ବାଚନରେ ବିଜୁ ପଟ୍ଟନାୟକ ଗଞ୍ଜାମ ଜିଲାର ଜଗନ୍ନାଥପ୍ରସାଦ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରେ ଲଢ଼ିଥିଲେ। ତାଙ୍କ ନିକଟତମ କମ୍ୟୁନିଷ୍ଟ ପ୍ରାର୍ଥୀ ଅନନ୍ତ ଚରଣ ରାଉତଙ୍କୁ ପରାସ୍ତ କରି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଜୁ ୯୫୫୨ ଏବଂ ଅନନ୍ତ ୪୨୭୨ ଭୋଟ ପାଇଥିଲେ। ୨୦୦୪ ପର୍ଯ୍ୟନ୍ତ ଜଗନ୍ନାଥପ୍ରସାଦ ଆସନ ଥିଲା। ୨୦୦୯ ନିର୍ବାଚନ ବେଳେ ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟାରେ ଉଚ୍ଛେଦ ହେଲା। ସେହ କ୍ଷେତ୍ରରେ ଥିବା ଜଗନ୍ନାଥପ୍ରସାଦ ବ୍ଲକ ଭଞ୍ଜନଗରରେ ଏବଂ ବୁଗୁଡ଼ା ବ୍ଲକକୁ ବର୍ତ୍ତମାନର ପୋଲସରା ନିର୍ବାଚନ ମଣ୍ଡଳୀରେ ମିଶାଇ ଦିଆଯାଇଛି।

ଆଜି ତିରୋଧାନ ଦିବସ

ସେହିପରି ୧୯୫୭ ନିର୍ବାଚନରେ ବିଜୁବାବୁ ସୋରଡ଼ା ବିଧାନସଭା କ୍ଷେତ୍ରରୁ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତାଙ୍କ ନିକଟତମ ଗଣତନ୍ତ୍ର ପରିଷଦ ପ୍ରାର୍ଥୀ ତ୍ରିଲୋଚନ ଦାସଙ୍କୁ ପରାସ୍ତ କରିଥିଲେ। କଂଗ୍ରେସକୁ ୮୬୨୦ ଏବଂ ଗଣତନ୍ତ୍ର ପରିଷଦକୁ ୫୬୨୫ ଭୋଟ ମିଳିଥିଲା। ସୋରଡ଼ାରେ ତତ୍କାଳୀନ ପିଏସ୍‌ପି (ପ୍ରଜା ସୋସିଆଲିଷ୍ଟ ପାର୍ଟି)ରୁ ଭଗବାନ ଗୌଡ଼ ପ୍ରାର୍ଥୀ ହୋଇଥିଲେ। ତାଙ୍କୁ ୪୭୯୯ ଭୋଟ ମିଳିଥିବାରୁ ତୃତୀୟ ସ୍ଥାନରେ ଥିଲେ। ଅନ୍ୟ ସ୍ୱାଧୀନ ପ୍ରାର୍ଥୀମାନେ ଶୋଚନୀୟ ଭାବେ ହାରିଥିଲେ। ଗଞ୍ଜାମର ସୋରଡ଼ା ଓ ଜଗନ୍ନାଥପ୍ରସାଦରୁ ବିଧାୟକ ହେବା ପୂର୍ବରୁ ଓ ପରେ ବିଜୁ ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଭିନ୍ନ ଭିନ୍ନ ଦଳରୁ ଲଢ଼ି କେଉଁଠି ଜିତିଥିଲେ ତ ଆଉ କେଉଁଠି ପରାଜିତ ହୋଇଥିଲେ।

ପରବର୍ତ୍ତୀ କାଳରେ ୧୯୯୬ ଲୋକ ସଭା ନିର୍ବାଚନରେ ସେ ଆସିକା କ୍ଷେତ୍ରରୁ ଜନତା ଦଳ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିଲେ। କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ରଥଙ୍କୁ ପରାସ୍ତ କରି ଏମ୍‌ପି ହୋଇଥିଲେ। ସେହି ନିର୍ବାଚନରେ ବିଜୁ କଟକ ଲୋକ ସଭା ଆସନରୁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଦୁଇଟି ଯାକରେ ଜିତିବା ପରେ କଟକ ଛାଡ଼ି ଆସିକାକୁ ରଖିଥିଲେ।

ମଦ ପିଇ ଗୁରୁଦ୍ୱାରା ଯାଇଥିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ଥାନାରେ ଏତଲା, କ୍ଷମା ମାଗିବାକୁ ଏସ୍‌ଜିପିସିର ଦାବି

ଚଣ୍ଡିଗଢ଼,୧୬।୪

ବୈଶାଖୀ ପାଳନ ଅବସରରେ ଗତ ୧୪ ତାରିଖରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ମଦ ପିଇ ଗୁରୁଦ୍ୱାରାରେ ପ୍ରବେଶ କରିଥିବା ଅଭିଯୋଗ ହୋଇଛି।

ଭଗୱନ୍ତ ମାନ୍

ଏନେଇ ଭାଜପା ନେତା ତାଜିନ୍ଦର ପାଲ୍ ସିଂ ବାଗ୍ଗା ଶନିବାର ଥାନାରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ପୋଲିସ ମହାନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି। ମାନ୍ ନିଶାସକ୍ତ ଅବସ୍ଥାରେ ତଖତ ଦମ୍‌ଦମା ସାହିବ୍‌ରେ ପ୍ରବେଶ କରିଥିଲେ ବୋଲ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ଏସ୍‌ଜିପିସି) ଅଭିଯୋଗ କରିବା ସହ ସେ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ଦାବି କରିଛି।

କଂଗ୍ରେସରେ ଯୋଗଦେବାକୁ ପ୍ରଶାନ୍ତ କିଶୋରଙ୍କୁ ପ୍ରସ୍ତାବ

ନୂଆଦିଲ୍ଲୀ,୧୬।୪

୨୦୨୪ ନିର୍ବାଚନ ରଣନୀତି ଉପସ୍ଥାପନ କଲେ

କଂଗ୍ରେସର ଶୀର୍ଷ ନେତାମାନେ ଶନିବାର ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରି ଆଗାମୀ ବିଧାନସଭା ନିର୍ବାଚନ ସମେତ ୨୦୨୪ରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଦଳୀୟ ରଣନୀତି ସମ୍ପର୍କରେ ଆଲୋଚନା କରିଛନ୍ତି। ଦଳକୁ କିପରି ଆଗକୁ ନେବାକୁ ହେବ ସେ ନେଇ ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର ସୋନିଆଙ୍କୁ ଏକ କାର୍ଯ୍ୟଯୋଜନା ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟଯୋଜନାକୁ ସୋନିଆ ଗାନ୍ଧୀଙ୍କ ଦ୍ୱାରା ଗଠିତ କମିଟି ଅନୁଧ୍ୟାନ କରି ସପ୍ତାହେ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବାକୁ କୁହାଯାଇଥିବା ବରିଷ୍ଠ ନେତା କେ.ସି. ବେଣୁଗୋପାଳ ସୂଚନା ଦେଇଛନ୍ତି।

କଂଗ୍ରେସର ନିର୍ବାଚନୀ ରଣନୀତି ବୈଠକରେ ପ୍ରଶାନ୍ତ କିଶୋର ଯୋଗଦେବା ପରେ ଦଳରେ ତାଙ୍କର ଯୋଗଦାନକୁ ନେଇ କଳ୍ପନାଜଳ୍ପନା ବୃଦ୍ଧି ପାଇଛି। ସେ କଂଗ୍ରେସର ପରାମର୍ଶଦାତା ନ ହୋଇ ଦଳରେ ଯୋଗଦେଇପାରନ୍ତି ବୋଲି କୁହାଯାଉଛି। ତାଙ୍କୁ ଦଳରେ ଯୋଗଦେବା ଲାଗି ପ୍ରସ୍ତାବ ଦିଆଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସେ ଯୋଗଦେବେ କି ନାହିଁ ସପ୍ତାହେ ପରେ ସ୍ପଷ୍ଟ ହେବ ବୋଲି ବେଣୁଗୋପାଳ କହିଛନ୍ତି।

୨୦୨୪ ଲୋକ ସଭା ନିର୍ବାଚନ ଲାଗି କଂଗ୍ରେସ ୩୭୦ ଆସନ ଉପରେ ମନୋନିବେଶ କରିବା ଲାଗି ପ୍ରଶାନ୍ତ କିଶୋର ପରାମର୍ଶ ଦେଇଛନ୍ତି। ଲୋକ ସଭା ନିର୍ବାଚନ ପୂର୍ବରୁ ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ଓ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଗତ ମାସରେ ଶେଷ ହୋଇଥିବା ୫ ରାଜ୍ୟ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ନେତୃତ୍ୱ ଓ ସାଂଗଠନିକ ସ୍ତରରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଲାଗି ଦାବି ହୋଇଥିଲା। ଖୁବ୍‌ଶୀଘ୍ର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଚଳିତ ମାସରେ ରାଜସ୍ଥାନରେ ଦଳର ଚିନ୍ତନ ବୈଠକ ହେବାକୁ ଯାଉଛି। ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କରିବା ଲାଗି ଉକ୍ତ ବୈଠକରେ ଆଲୋଚନା ହେବା ସହ ସଂଗଠନରେ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି। ସୋନିଆଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ, ବେଣୁଗୋପାଳ, ଅମ୍ବିକା ସୋନି, ଦିଗ୍‌ବିଜୟ ସିଂ, ଅଜୟ ମାକେନ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରମୁଖ ଉପସ୍ଥିତ ଥିଲେ।

ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡା, ଟମାଟୋ ମାଡ଼

ସେଲ୍ଫ ଫାଇନାନ୍ସିଂ କୋର୍ସର ସିଟ୍ ହ୍ରାସ, ଜାଲ୍ ସାର୍ଟିଫିକେଟରେ ଆଡ୍‌ମିଶନ ନେଇ ଛାତ୍ର କଂଗ୍ରେସର ପ୍ରତିବାଦ

ଛାତ୍ର କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ ସହ ଅଣ୍ଡା ଓ ଟମାଟୋ ମାଡ଼ କରାଯାଉଛି।

ଭୁବନେଶ୍ୱର,୧୬।୪ (ବ୍ୟୁରୋ)

ସେଲ୍ଫ ଫାଇନାନ୍ସିଂ କୋର୍ସର ସିଟ୍ ସଂଖ୍ୟା ହ୍ରାସ ଓ ଜାଲ ଦିବ୍ୟାଙ୍ଗ ସାର୍ଟିଫିକେଟରେ ନାମଲେଖାକୁ ବିରୋଧ ସହ ବିଭିନ୍ନ ଦାବି ନେଇ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ଘେରାଉ କରାଯାଇଥିଲା। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଶୋଭାଯାତ୍ରାରେ ଆସି ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ନାନା ନାରାବାଜି ଦେବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଧାରଣାରେ ବସିଥିଲେ। ପୋଲିସ ସେମାନଙ୍କୁ ଧାରଣାରୁ ଉଠାଇବାକୁ ଚେଷ୍ଟା କରବାରୁ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଆନ୍ଦୋଳନକାରୀ ଉତ୍କ୍ଷିପ୍ତ ହୋଇ ମନ୍ତ୍ରୀଙ୍କ ବାସଭବନ ଉପରକୁ ଟମାଟୋ ଓ ଅଣ୍ଡାମାଡ଼ କରିଥିଲେ। ପରିସ୍ଥିତିକୁ ଆୟତ୍ତ କରିବାକୁ ଯାଇ ପୋଲିସ ଆନ୍ଦୋଳନକାରୀଙ୍କୁ ଗାଡିରେ ଉଠାଇ ନେଇଥିଲା।

ଏ ସମ୍ପର୍କରେ ନୱାଜ କହିଛନ୍ତି, ଓଡ଼ିଶାର ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦୁଇଟି ପ୍ରସଙ୍ଗରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୨୦୨୨-୨୩ ଶିକ୍ଷାବର୍ଷରୁ ସେଲ୍ଫ ଫାଇନାନ୍ସିଂ କୋର୍ସର ସିଟ୍ ସଂଖ୍ୟାକୁ ହ୍ରାସ କରାଯାଇ ସମୁଦାୟ ସିଟ୍‌ର ମାତ୍ର ୨୦ ପ୍ରତିଶତ ରଖାଯାଇଛି। ସେଲ୍ଫ ଫାଇନାନ୍ସିଂ କୋର୍ସ ପାଇଁ ପାରମ୍ପରିକ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ବୋଲି ଯେଉଁ କାରଣ ଦର୍ଶାଇଛନ୍ତି ତାହା କେବଳ ଏକ ବାହାନା। ଅପରପକ୍ଷରେ ଓଡ଼ିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାଲ ଦିବ୍ୟାଙ୍ଗ ସାର୍ଟିଫିକେଟ ଜରିଆରେ ହୋଇଥିବା ଆଡମିଶନର ବିଚାର ବିଭାଗୀୟ ତଦନ୍ତ ହେଉ ବୋଲି ନୱାଜ ଦାବି କରିଛନ୍ତି।

ମଣିପୁର ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ

ଗୁଆହାଟୀ,୧୬।୪: ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଶନିବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ୬ ଜଣ ନୂଆ ମନ୍ତ୍ରୀଙ୍କୁ କ୍ୟାବିନେଟରେ ନିଆଯାଇଛି। ସେମାନେ ହେଲେ ଲେଟପାଓ ହାଇକିପ୍, ବସନ୍ତ ସିଂ, ଡ.ସପମ୍ ରଞ୍ଜନ ସିଂ, ଏଲ୍ ସୁଶଦ୍ରୋ ମେଇତେଇ, ଏର୍. ଡିଙ୍ଗୋ ସିଂ ଏବଂ କାସିମ୍ ବାସୁମ୍। କାସିମ ଭାଜପା ସହଯୋଗୀ ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍) ବିଧାୟକ ହୋଇଥିବାବେଳେ ଅନ୍ୟମାନେ ଭାଜପା ସଦସ୍ୟ। ହାଇକିପ୍ ପୂର୍ବ କ୍ୟାବିନେଟରେ ମନ୍ତ୍ରୀ ଥିଲେ।

ଅଣସଂଗଠିତ ଶ୍ରମିକଙ୍କ ପ୍ରତି ଅବହେଳା କରୁଛନ୍ତି ରାଜ୍ୟ ସରକାର: ଭାଜପା

ଭୁବନେଶ୍ୱର,୧୬।୪(ବ୍ୟୁରୋ): ଅଣସଙ୍ଗଠିତ ଶ୍ରମିକଙ୍କ ପ୍ରତି ରାଜ୍ୟ ସରକାର ଉଦାର ମନୋଭାବ ପୋଷଣ କରୁ ନ ଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏବେ ରାଜ୍ୟରେ କେତେ ଦାଦନ ଶ୍ରମିକ ଅଛନ୍ତି, ତାହାର ତାଲିକା ମଧ୍ୟ ରାଜ୍ୟ ସରକାରଙ୍କ ନିକଟରେ ନାହିଁ। ସେମାନେ ଅତି ସ୍ୱଳ୍ପ ବେତନରେ ଦାଦନ ଖଟୁଛନ୍ତି, ଯାହା ରାଜ୍ୟ ସରକାରଙ୍କ ପାଇଁ ଲଜ୍ଜାର ବିଷୟ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

ଏ ନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି, ଓଡ଼ିଶାର ପ୍ରତି ୧୦ ଶ୍ରମିକଙ୍କ ମଧ୍ୟରୁ ୯ ଜଣ ଅସଙ୍ଗଠିତ କ୍ଷେତ୍ରରେ କାମ କରିଥାନ୍ତି। ୮୮.୩୫ ଲକ୍ଷ ଶ୍ରମିକ ଇ-ଶ୍ରମ ପୋର୍ଟାଲରେ ନିଜ ନିଜ ନାମ ପଞ୍ଜୀକୃତ କରିଛନ୍ତି, ଯାହାକି ସମଗ୍ର ଦେଶରେ ସର୍ବାଧିକ। ରାଜ୍ୟ ସରକାର ନିଜର ଅପାରଗତା ଲୁଚାଇବାକୁ ଯାଇ ଅଣସଂଗଠିତ ଶ୍ରମିକଙ୍କ ତାଲିକା ପ୍ରସ୍ତୁତ କରୁନାହାନ୍ତି। ଓଡ଼ିଶାର ଅଣସଂଗଠିତ ଶ୍ରମ ଶକ୍ତିର ୯୪ ପ୍ରତିଶତ ମାସିକ ୧୦ ହଜାର ଟଙ୍କାରୁ କମ୍ ଆୟରେ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ଏ ଦୃଷ୍ଟିରୁ ଓଡ଼ିଶାର ସ୍ଥାନ ତଳଆଡୁ ଦ୍ୱିତୀୟ। ରାଜ୍ୟରେ ଅସଂଗଠିତ ଶ୍ରମିକଙ୍କ ମଧ୍ୟରୁ ୫୮ ପ୍ରତିଶତ ହେଉଛନ୍ତି ୧୮ରୁ ୪୦ ବର୍ଷ ବୟସର ଯୁବକ। ସର୍ବାଧିକ ୩୯.୫ ପ୍ରତିଶତ ହେଉଛନ୍ତି ପଛୁଆ ବର୍ଗର। ସେହିପରି ୩୫ ପ୍ରତିଶତ ଆଦିବାସୀ ଓ ଦଳିତ ବର୍ଗର ହୋଇଥିବାବେଳେ ୨୪ ପ୍ରତିଶତ ସାଧାରଣ ବର୍ଗର। ୨୪ ପ୍ରତିଶତ ବା ୨୧ ଲକ୍ଷ ଅଣସଂଗଠିତ ଶ୍ରମିକଙ୍କ ବ୍ୟାଙ୍କଖାତା ନାହିଁ ବୋଲି ପଣ୍ଡା କହିଛନ୍ତି।

DISTRICT OFFICE, PURI
(S.L.R. SECTION)
Order No. 97/slr **Dt.12.04.2022**
Sealed tenders are invited from reputed registered firms for scanning and digitization of old records available in the District Record Room, Puri. For details visit: **https://puri.nic.in**.
By Order of the Collector
Sd./- Addl. District Magistrate, Puri

OFFICE OF THE SUPERINTENDING ENGINEER
POTTERU IRRIGATION DIVISION, BALIMELA
e-mail Id: eepid78@gmail.com
TENDER CANCELLATION NOTICE
No. A-55: The e-procurement notice Identification No. SE-PID-BML-02/2022-23 Dtd. 02.04.2022 of this division, advertisement through the Newspapers - The Times of India - Bhubaneswar Publication, Dharitri - All Edition and Matrubhasa - Cuttack publication on Dtd. 12.04.2022 is hereby cancelled due to some technical reasons.
Sd./- Superintending Engineer
Potteru Irrigation Division, Balimela
OIPR-32052/11/0005/2223

ତହସିଲଦାରଙ୍କ କାର୍ଯ୍ୟାଳୟ, ନର୍ଲା, କଳାହାଣ୍ଡି
ଲଘୁ ଖଣିଜ ଉତ୍ସ (ବାଲି ଖାଦାନ)ର ୫ ବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ
ସଂଖ୍ୟା: ୬୬୦ ତାରିଖ: ୧୩।୦୪।୨୦୨୨
No. F-19: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ନର୍ଲା ତହସିଲ ଅନ୍ତର୍ଗତ ୬ ଗୋଟି ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ସକାଶେ ନିଲାମ ଆହ୍ୱାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ତା.୧୯।୦୪।୨୦୨୨ଠାରୁ ତା.୦୯।୦୫।୨୦୨୨ ସକାଳ ୦୮.୦୦ ଘଟିକା ମଧ୍ୟରେ ଆବେଦନ କରିପାରିବେ। ବିଶେଷ ବିବରଣୀ ପାଇଁ **www.kalahandi.nic.in**ରେ ଲଗ୍‌ଇନ୍ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟରେ ବୁଝିପାରିବେ।
ସ୍ୱା./- ତହସିଲଦାର, ନର୍ଲା
OIPR-24257/11/0002/2223

CONFISCATION NOTICE OF MOTOR CYCLE
No. MM-11: It is to inform all concerned through this publication that one Black colored HONDA SHINE motor cycle bearing Regd. Number OR-02AJ-3860 was seized from the possession of one Sri T. Sushanta Reddy, S/o- T. Surya, Village- Managrajpur, P.S- Digapahandi, Dist- Ganjam for illegal transportation of Forest Produce i.e, Leopard Skin- 01 number on dated 13.09.2020 on the Balipada to Kalua temple PWD Road. The afore said vehicle with seized produce may confiscated for its involvement in OR Case No. 173 of 2020-21 of Brahmapur Range for nonsubmission of reply to show cause and non- attendance of the accused person/owner thereof on the date of hearing fixed on 15.03.2022 before the forum of the Authorized Officer.
The final dated of hearing to the aforementioned case is fixed to 30.04.2022 at 11.00 A.M in the forum of the Authorized Officer-cum-Assistant conservator of Forests, Brahmapur Division for giving another opportunity of being heard in the matter. Failure to attend the hearing by any claimant/ accused on the date fixed above and within 30 days from the date of publication of this notice in relation to the above vehicle, the vehicle may be confiscated under Section 56 of the Odisha Forest Act, 1972 exparte.
Authorized Officer-cum-A.C.F
Brahmapur Division
OIPR-08116/11/0001/2223

GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNDARGARH No. O-75
AT/PO- SANKARA, SUNDARGARH-770020, E-mail address-serw_sundargarh@yahoo.com
No. Tender Online - RWCCESNG-05 of 2022-23, Letter No.858/Dtd 12.04.2022
e-Procurement NOTICE
1. Type of the Work :- Bridge (BSY). **2. Class of Contractor :-** As specified in the Column-6 of the Annexure. **3. Time of Completion:-** As specified in the Column-5 of the Annexure. **4. Detail Projects:-** As per Annexure attached. **5. Estimated Cost:-** As specified in the Column-4 of the Annexure. **6. Other details:-**

Procurement Officer	Bid Identification No.	Availability of tender On-line for bidding		Last Date & Time of Seeking Tender Clarification	Date & Time of Opening of Tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Sundargarh	RWCCESNG - 05 of 2022-23	20.04.2022 11.00 A.M.	10.05.2022 5.00 PM	09.05.2022 5.00 PM	12.05.2022 11.00 AM	Will be intimated separately

Further details can be seen from the website: www.tendersodisha.gov.in
OIPR-25133/11/0008/2223 Sd./- Chief Construction Engineer, Rural Works Circle, Sundargarh

OFFICE OF THE SUPERINTENDING ENGINEER
BURLA IRRIGATION DIVISION, BURLA
AT/PO- BURLA, DIST.- SAMBALPUR (ODISHA), PIN-768017
Email Id: sambalpurirrigation@rediffmail.com
No.BID/1263 Dated: 13.04.2022
QUOTATION CALL NOTICE No.BID-01/ 2022-23 Dated: 13.04.2022
No.A-57:- Sealed quotations are invited from interested reputed Travel Agencies / Tour Operators / Private individuals having valid GST and GeM registration number, Income Tax clearance certificate, PAN Card etc. for providing Two numbers of AC diesel driven vehicle or BS-IV compliant (Petrol / Diesel) vehicle (TUV 300 / Bolero / Sumo Gold/ Ertiga) having seating capacity not more than Ten including Driver (which shall confirm to the terms & conditions of the quotation call notice) for official use of the **Asst. Executive Engineer, Attabira Canal Sub- Division, Rengali Camp** for inspection of the official work on monthly rent basis. The sale of quotation document will start from 18.04.2022 to 26.04.2022 and quotation will be opened on 26.04.2022.
The details are available in the Office of the Superintending Engineer, Burla Irrigation Division, Burla during office hours and also in the websites **http://dowrodisha.gov.in** and **https://sambalpur.nic.in**
Sd./- Superintending Engineer, Burla Irrigation Division, Burla
OIPR-32129/11/0001/2223

ODISHA PUBLIC SERVICE COMMISSION
CUTTACK
NOTICE
No. 3567/P.S.C., Dt.16.4.22
PF-1E-11-2021/22 (DR-III)
**No. D-20

ନାବାଳିକାଙ୍କୁ ଗଣବଳାତ୍କାର: ୩ ଅଟକ

ଲହୁଣୀପଡ଼ା,(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦର୍ଜାଂ ପଞ୍ଚାୟତର ଏକ ନାଳ ନିକଟରେ ଜଣେ ନାବାଳିକାଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଗଣବଳାତ୍କାର କରାଯାଇଛି। ନାବାଳିକା ଏକୁଟିଆ ଯାଉଥିବାର ସୁଯୋଗ ନେଇ ଏକାଧିକ ଯୁବକ ତାଙ୍କୁ ନାଳ ନିକଟକୁ ଟେକିନେଇ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଶନିବାର ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଘଟଣାର ତଦନ୍ତ ଚଳାଇଛି। ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସଂକ୍ଷେପରେ

ଜୀବନ ହାରିଲେ ପ୍ରତାରିତ ଯୁବକ
ମୃତ୍ୟୁ ପାଇଁ ପ୍ରେମିକା, ବନ୍ଧୁଙ୍କୁ ଦାୟୀ କଲେ

ଭଦ୍ରକ ଅଫିସ, ୧୬।୪-ପ୍ରେମରେ ପ୍ରତାରିତ ହେବା ପରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଜଣେ ଯୁବକ ଶୁକ୍ରବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ତେନ୍ତୁଳିଗଡ଼ିଆ ଗ୍ରାମର ଦିଗ୍‌ବିଜୟ ସ୍ୱାଇଁ। ଆତ୍ମହତ୍ୟା ପାଇଁ ସେ ତାଙ୍କ ପ୍ରେମିକା ଓ ଘନିଷ୍ଠ ବନ୍ଧୁଙ୍କୁ ଦାୟୀ କରି ଏକ ସୁଇସାଇଡାଲ ନୋଟ୍ ଛାଡ଼ି ଯାଇଛନ୍ତି। ଏନେଇ ମୃତ ଯୁବକଙ୍କ ପରିବାର ଲୋକେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦିଗ୍‌ବିଜୟ ଡିପ୍ଲୋମା ପାଠପଢ଼ା ସାରିବା ପରେ ଘରେ ରହୁଥିଲେ। ସେ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ହେଲେ କିଛିଦିନ ହେବ ଉକ୍ତ ଯୁବତୀ ଦିଗ୍‌ବିଜୟଙ୍କ ଜଣେ ଘନିଷ୍ଠ ବନ୍ଧୁଙ୍କୁ ଭଲ ପାଉଥିବା ଜଣାପଡ଼ିଥିଲା। ଏଥିରେ ଦିଗ୍‌ବିଜୟ ଭାଙ୍ଗିପଡ଼ି ମାନସିକ ଚାପରେ ରହୁଥିଲେ। ଶୁକ୍ରବାର ରାତିରେ ସେ ଚରମ ନିଷ୍ପତ୍ତି ନେବା ସହ ଏକ ସୁଇସାଇଡାଲ୍ ନୋଟ ଲେଖି ଏହାକୁ ମୋବାଇଲ ଦ୍ୱାରା ବନ୍ଧୁଙ୍କ ନିକଟକୁ ପଠାଇଥିଲେ। ଏହା ଦେଖି ବନ୍ଧୁ ଜଣଙ୍କ ଦିଗ୍‌ବିଜୟଙ୍କ ବଡ଼ବାପାଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ଏହାପରେ ତାଙ୍କ ପରିବାର ଲୋକେ ଦିଗ୍‌ବିଜୟଙ୍କ ରୁମ୍‌କୁ ଯିବାରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖିବାକୁ ପାଇଥିଲେ। ଅନ୍ୟପକ୍ଷେ ଦିଗ୍‌ବିଜୟ ଆତ୍ମହତ୍ୟା ପୂର୍ବରୁ ମୋବାଇଲକୁ ଭାଙ୍ଗି ଦେଇଥିବାରୁ ଏଥିରୁ କିଛି ତଥ୍ୟ ମିଳିପାରି ନାହିଁ। ପରିବାର ଲୋକେ ଏହି ଘଟଣାର ତଦନ୍ତ ଦାବି କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

କୁଚିଣ୍ଡା,୧୬।୪(ଡି.ଏନ.ଏ.)-ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲି ଥାନା ଅଞ୍ଚଳରେ ଏକ ୫ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁରେନ୍ଦ୍ର ବାଘ(୩୪)। ସୂଚନା ଅନୁଯାୟୀ ଗତ ୭ତାରିଖରେ ସୁରେନ୍ଦ୍ର ଶିଶୁକନ୍ୟା ଏକୁଟିଆ ଥିବା ଦେଖି ତାଙ୍କ ଘରକୁ ଯାଇଥିଲେ। ସେଠାରେ ସେ ମୋବାଇଲରେ ଆପତ୍ତିଜନକ ଭିଡିଓ ଦେଖାଇ ଶିଶୁକନ୍ୟାକୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରି ଆଗରେ ପ୍ରକାଶ ନ କରିବାକୁ ମଧ୍ୟ ଧମକ ଦେଇଥିଲେ। ଘଟଣାର କିଛିଦିନ ପରେ ପୀଡିତାଙ୍କ ସମସ୍ୟା ହେବାରୁ ତାଙ୍କ ମାତାପିତା ଡାକ୍ତରଙ୍କ ପାଖକୁ ନେଇ ଚିକିତ୍ସା କରାଇଥିଲେ। ଶନିବାର ପରିବାର ଲୋକେ ଏ ନେଇ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୭୬(ଏବି), ୫୦୬ରେ ମାମଲା (ନଂ୬୯/୨୨) ରୁଜୁକରି ସୁରେନ୍ଦ୍ରଙ୍କୁ ପୋକ୍ସୋ ଆକ୍ଟରେ ଗିରଫ କରିଛି। ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତଙ୍କୁ ସମ୍ବଲପୁର ଜିଲା ଦୌରାଜଜ୍ କୋର୍ଟକୁ ଚାଲାଣ କରାଯାଇଛି।

୨୦ ସୁଦ୍ଧା ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଯାଜପୁର ଅଫିସ,୧୬।୪

ନକଲି ପ୍ରମାଣପତ୍ର ବଳରେ ଚାକିରି କରୁଥିବା ପ୍ରାଥମିକ ଶିକ୍ଷକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ହେଉଛି। ଏପରି କି ତଦନ୍ତରେ ଶିଥିଳତା, କାର୍ଯ୍ୟରେ ଅବହେଳା, ଉପଯୁକ୍ତ ତଦନ୍ତ କରୁ ନ ଥିବା ଅଧିକାରୀଙ୍କୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ପରିସରଭୁକ୍ତ କରାଯିବ ବୋଲି ଚେତାବନୀ ଦିଆଯାଉଛି। ଏହିସବୁ ପ୍ରକ୍ରିୟା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବାକୁ ପରାମର୍ଶ ଦିଆଯାଉଥିଲେ ହେଁ ଅଧିକାଂଶ ଜିଲା ଶିକ୍ଷାଧିକାରୀ(ଡିଇଓ) ଏବଂ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ସୂଚନା ଦେବାରେ ଅବହେଳା କରୁଛନ୍ତି। କେତେଜଣ ଡିଇଓ ବ୍ଲକ ଶିକ୍ଷାଧିକାରୀ(ବିଇଓ)ମାନଙ୍କୁ ନକଲି ଶିକ୍ଷକମାନଙ୍କ ବିଷୟରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇ ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି। ତେଣୁ ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ପର୍ଯ୍ୟାୟଭୁକ୍ତ ଶିକ୍ଷକମାନଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଉଚ୍ଚ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ନିର୍ଦ୍ଦେଶ ଜାରି କରିଛନ୍ତି।

ନକଲି ଶିକ୍ଷାଗତ ଏବଂ ଜାତିଗତ ପ୍ରମାଣପତ୍ର ଦାଖଲ କରି ଅନେକେ ଶିକ୍ଷା ବିଭାଗରେ ଚାକିରି କରୁଛନ୍ତି। ଶିକ୍ଷା ବିଭାଗ ପକ୍ଷରୁ ୩୮୦ଜଣଙ୍କ ତାଲିକା ପ୍ରସ୍ତୁତ ହୋଇଛି। ହେଲେ ବାସ୍ତବରେ ଏହି ସଂଖ୍ୟାର ୧୦ ଗୁଣରୁ ଅଧିକ ନକଲି ପ୍ରମାଣପତ୍ର ବଳରେ ନିଯୁକ୍ତି ପାଇଥିବା ଚର୍ଚ୍ଚା ହେଉଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ତଦନ୍ତରୁ ଏହାର ବାସ୍ତବତା ବହୁ ଦୂରରେ ରହିଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଗତ ୬ ବର୍ଷ ହେଲା କେବଳ ତଦନ୍ତ ନିର୍ଦ୍ଦେଶରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ନ ମାନି ଏହି ନକଲି ଡିଗ୍ରୀଧାରୀ

ନକଲି ଶିକ୍ଷକ ଗାଗଲା

ଶିକ୍ଷକଙ୍କୁ ପୋଲିସ ମାମଲାରୁ ଦୂରେଇ ରଖାଯାଉଥିବା ସନ୍ଦେହ କରାଯାଉଛି।

ସୂଚନାଥାଉ କି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟସ୍ତରରେ କେତେକ ବରିଷ୍ଠ ଅଧିକାରୀଙ୍କୁ ନେଇ ୨୦୧୯ ଜୁଲାଇରେ ଏକ ସ୍ୱତନ୍ତ୍ର ଦଳ ଗଠନ ହୋଇଥିଲା। ଶିକ୍ଷକମାନଙ୍କ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଯାଞ୍ଚ କରି କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ସେ ନେଇ ବୃତ୍ତାନ୍ତ ରିପୋର୍ଟ ଦାଖଲ କରିବାକୁ ସେତେବେଳେ ବିଭାଗୀୟ ନିର୍ଦ୍ଦେଶ ହୋଇଥିଲା। ହେଲେ ଏହି ସ୍ୱତନ୍ତ୍ର ଦଳ କୁଆଡେ ଗଲେ ଓ କ'ଣ କରୁଛନ୍ତି ତାହା ଏଯାଏ ସ୍ପଷ୍ଟ ହୋଇ ପାରିନାହିଁ। ଏହିକ୍ରମରେ ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼ ଓ ପୁରୀ ଜିଲାର ନକଲି ପ୍ରମାଣପତ୍ରଧାରୀ ନକଲି ଶିକ୍ଷକଙ୍କ ସଂକ୍ରାନ୍ତରେ ତଦନ୍ତ କରିବାକୁ ଭୁବନେଶ୍ୱର ଆଞ୍ଚଳିକ ଉଚ୍ଚ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏଥିରେ ବିଭିନ୍ନ ପର୍ଯ୍ୟାୟଭୁକ୍ତ ନିଯୁକ୍ତ ଶିକ୍ଷକଙ୍କ ସଂଖ୍ୟା, ରାଜ୍ୟ ବାହାରର ବୋର୍ଡ/ବିଶ୍ୱବିଦ୍ୟାଳୟରୁ ହାସଲ କରିଥିବା ପ୍ରମାଣପତ୍ର ସଂଖ୍ୟା, ଠିକ ଥିବା ପ୍ରମାଣପତ୍ର ସଂଖ୍ୟା, ନକଲି ପ୍ରମାଣପତ୍ର ଚିହ୍ନଟ, କାର୍ଯ୍ୟାନୁଷ୍ଠାନ ଆଦି ବିଷୟ ରହିଛି। ମିଳିଥିବା ସୂଚନା ଅନୁଯାୟୀ କେତେଜଣ ଶିକ୍ଷକ କିଛି ଜମି କିଣି ସେଥିରେ ଆଦିବାସୀ ଓ ହରିଜନ ବର୍ଗ ଜାତି ଦର୍ଶାଇ ନକଲି ଜାତିଗତ ପ୍ରମାଣପତ୍ର ହାସଲ କରି ନିଯୁକ୍ତି ପାଉଛନ୍ତି। ଏହିସବୁ ନକଲି ପ୍ରମାଣପତ୍ର ଯାଞ୍ଚ ନିର୍ଦ୍ଦେଶ ୨୦୧୫ରୁ ହୋଇଆସୁଛି। ହେଲେ ଏପର୍ଯ୍ୟନ୍ତ ସମସ୍ତ ନକଲି ପ୍ରମାଣପତ୍ରଧାରୀ ଚିହ୍ନଟ ହୋଇ ପାରିନାହାନ୍ତି।

ସରିଲା ରିମାଣ୍ଡ, ଆଜି କୋର୍ଟରେ ହାଜର

ବାଲିଚନ୍ଦ୍ରପୁର ହାଟ କମାରଶାଳରେ ସିନ୍ ରିକ୍ରିଏଟ କରାଯାଉଛି।

ମାହାଙ୍ଗା ଗଣହତ୍ୟା ମାମଲା
ବାଲିଚନ୍ଦ୍ରପୁର ହାଟ କମାର ଶାଳକୁ ନେଇ ସିନ୍ ରିକ୍ରିଏଶନ

ନିଶ୍ଚିନ୍ତକୋଇଲି/ମାହାଙ୍ଗା, ୧୬।୪(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା କୁସୁପୁର ଗ୍ରାମରେ ସମ୍ପତ୍ତି ବିବାଦରୁ ବଡ଼ଭାଇଙ୍କ ପରିବାରର ସମସ୍ତ ୫ ଜଣଙ୍କୁ ହତ୍ୟା କରିବା ଘଟଣାର ଅଭିଯୁକ୍ତ ତଥା ସାନ ଭାଇ ଶିବ ପ୍ରସାଦ ସାହୁଙ୍କ ୩ଦିନିଆ ରିମାଣ୍ଡ ଅବଧି ଶନିବାର ଶେଷ ହୋଇଛି। ରବିବାର ତାଙ୍କୁ କୋର୍ଟରେ ହାଜର କରାଯିବାସହ ଆବଶ୍ୟକ ପଡ଼ିଲେ ଆଉଥରେ ରିମାଣ୍ଡରେ ଆଣିବାକୁ ଆବେଦନ କରାଯାଇପାରେ ବୋଲି ପୋଲିସ କହିଛି। ତେବେ ରିମାଣ୍ଡର ତୃତୀୟ ତଥା ଅନ୍ତିମ ଦିନରେ ପୋଲିସ ସିନ୍ ରିକ୍ରିଏଶନ ପାଇଁ ମାହାଙ୍ଗା ଥାନାରୁ ବାଲିଚନ୍ଦ୍ରପୁର ହାଟକୁ ନେଇଥିଲା। ହତ୍ୟାକାଣ୍ଡରେ ଶିବ ଯେଉଁ କଟୁରି ବ୍ୟବହାର କରିଥିଲେ ତାକୁ ଘଟଣା ପୂର୍ବରୁ ପଜାଇ ଥିବା କମାର ଶାଳକୁ ନେଇ ସିନ୍ ରିକ୍ରିଏଶନ କରାଯାଇଥିଲା। କଟୁରି ପଜାଇବା ପରେ ତାକୁ କିଭଳି ସତର୍କତାର ସହ ଆଣି ଘରେ ରଖିଥିଲେ ସେନେଇ ଶିବ ପୋଲିସକୁ କହିଥିଲେ। ଶନିବାର ରିମାଣ୍ଡ ସରିବାକୁ ଥିବାରୁ ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସମ୍ପର୍କରେ ପୋଲିସ ବାରମ୍ବାର ପ୍ରଶ୍ନ କରିଥିଲେ ସୁଦ୍ଧା ସେ ଏକମାତ୍ର ହତ୍ୟାକାରୀ ବୋଲି ଶିବ କହିଥିବା ଜଣାପଡ଼ିଛି।

ଘଟଣା ସମ୍ପର୍କରେ ମାହାଙ୍ଗା ଥାନା ଅଧିକାରୀ ନୀହାର ମହାନ୍ତିଙ୍କୁ ପ୍ରଶ୍ନ କରିବାରୁ ସେ ତଦନ୍ତ ଚାଲିଛି ବୋଲି କହି କଥାକୁ ଏଡ଼ାଇ ଦେଇଛନ୍ତି। ଅପରପକ୍ଷରେ ଶିବଙ୍କ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକଙ୍କ ଘଟଣାରେ ସମ୍ପୃକ୍ତି ଅଛିକି ନାହିଁ ସେନେଇ ପୁଙ୍ଖାନୁପୁଙ୍ଖ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନା ଥାଉକି ସମ୍ପତ୍ତି ବିବାଦକୁ ନେଇ ଗତ ସୋମବାର ରାତିରେ କୁସୁପୁର ଗ୍ରାମର ଶିବ ପ୍ରସାଦ ସାହୁ ତାଙ୍କ ବଡ଼ ଭାଇ, ଭାଉଜ, ଝିଆରୀ ଓ ୨ ପୁଅରାଙ୍କୁ କଟୁରିରେ ହାଣି ହତ୍ୟା କରିଥିଲେ। ପରେ ମଙ୍ଗଳବାର ଘଟଣା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରିବା ସହ ବାଲିଚନ୍ଦ୍ରପୁର ଥାନାରେ ଆତ୍ମସମର୍ପଣ କରିଥିଲେ।

ଗୋପବନ୍ଧୁଙ୍କ ଜନ୍ମପୀଠ ବିକାଶ କାର୍ଯ୍ୟ ଦେଖିଲେ ୫-ଟି ସଚିବ

ଭୁବନେଶ୍ୱର(ବ୍ୟୁରୋ)/ସାକ୍ଷୀଗୋପାଳ (ଡି.ଏନ୍.ଏ./ସ୍ୱ.ପ୍ର.), ୧୬।୪

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପୁରୀ ଜିଲା ସୁଆଣ୍ଡୋ ଗ୍ରାମରେ ଚାଲିଥିବା ଐତିହ୍ୟ ପ୍ରକଳ୍ପର ଅଗ୍ରଗତି ନେଇ ଶନିବାର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କାର୍ତ୍ତିକେୟ ପାଣ୍ଡିଆନ ସକାଳ ୭ଟାରେ ପରିଦର୍ଶନରେ ଯାଇ ବିକାଶ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ପ୍ରଥମେ ପାଣ୍ଡିଆନ ଗୋପବନ୍ଧୁଙ୍କ ଷଠିଘରକୁ ଯାଇ ଉତ୍କଳମଣିଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଗୋପବନ୍ଧୁଙ୍କ ଦାୟାଦମାନଙ୍କୁ ଭେଟି ସ୍ମୃତିପୀଠ ବିଷୟରେ ଆଲୋଚନା କରିଥିଲେ। ଉତ୍କଳମଣିଙ୍କ ଜନ୍ମପୀଠର ବିକାଶ ପାଇଁ ସରକାରଙ୍କ ପଦକ୍ଷେପର ସେମାନେ ଉଚ୍ଚ ପ୍ରଶଂସା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯିବା ସହ ଦ୍ରୁତ ଗତିରେ ନିର୍ମାଣ କାର୍ଯ୍ୟ ଜାରି ରହିଛି।

ଶିବ ମନ୍ଦିର, ଦୁଇଟି ପୋଖରୀ, ପୈତୃକ ବାସଗୃହ, ଗ୍ରାମକୁ ଉନ୍ନତ ରାସ୍ତା, ଭୂତଳ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପଙ୍କଜାଇକିଆ ଛକ ଠାରୁ ଗୋପବନ୍ଧୁଙ୍କ ଷଠିଘର ପର୍ଯ୍ୟନ୍ତ ରାସ୍ତାକୁ ଖଣ୍ଡଲାଇଟ ପଥରରେ ଦୋହରି କରଣ କରାଯିବ, ଭାର୍ଗବୀ ନଦୀରେ ବୋଟିଂ, ଅତ୍ୟାଧୁନିକ ଲୋକ ବ୍ୟବସ୍ଥା ଓ ୱାଟର ପାର୍କ, ମ୍ୟୁଜିୟମର ନିର୍ମାଣ କାର୍ଯ୍ୟକୁ ୫-ଟି ସଚିବ ବୁଲି ଦେଖିଥିବା ବେଳେ ୨ରୁ ୩ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୁଆଣ୍ଡୋ ଗ୍ରାମର ବିକାଶ କାର୍ଯ୍ୟକୁ ୫-ଟି ସଚିବ ଭି.କେ.ପାଣ୍ଡିଆନ ଓ ଅନ୍ୟ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି।

ସୁଆଣ୍ଡୋରେ ନିର୍ମାଣ ହେଉଥିବା ପାର୍କିଂ ପ୍ଲେସ, ରିସେପ୍‌ଶନ ସେଣ୍ଟର ତଥା ମନ୍ଦିରର ନିର୍ମାଣ କାର୍ଯ୍ୟକୁ ପାଣ୍ଡିଆନ ବୁଲି ଦେଖିବା ସହ ଗୋପବନ୍ଧୁଙ୍କ ସ୍ମୃତିବହନ କରୁଥିବା ବଭନ୍ନ ସାମଗ୍ରୀକୁ ନେଇ ମ୍ୟୁଜିୟମ ଏବଂ ପୋଖରୀ ଆଦିରେ ଚାଲିଥିବା ବିକାଶ କାମ ଅନୁଧ୍ୟାନ କରିଛନ୍ତି। ବିଶେଷ କରି ସୁଆଣ୍ଡୋରେ ଗୋପବନ୍ଧୁଙ୍କ ୧୫ଫୁଟ ଉଚ୍ଚର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ନେଇ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରାୟ ୨୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ଏବଂ ସୁଚାରୁରୂପେ ଶେଷ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଏ ଦିଗରେ ଗ୍ରାମବାସୀଙ୍କ ସହଯୋଗ ମଧ୍ୟ କାମନା କରାଯାଇଛି। ତେବେ ଦୀର୍ଘ ୫୦ ବର୍ଷ ପରେ ସୁଆଣ୍ଡୋ ଗ୍ରାମର ଏଭଳି ଉନ୍ନତୀକରଣ କାର୍ଯ୍ୟ କରାଯାଉଥିବା ନେଇ ସୁଆଣ୍ଡୋବାସୀ ବେଶ୍ ଗୌରାବାନ୍ୱିତ ମନେକରିଥିବା ବେଳେ ସରକାରଙ୍କ ଏଭଳି ପ୍ରଚେଷ୍ଟାକୁ ସାଧୁବାଦ ଜଣାଇଛନ୍ତି। ଏହି ଗସ୍ତ ଅବସରରେ ପୁରୀ ଜିଲାପାଳ ସମର୍ଥ ବର୍ମା, ଉପ ଜଲାପାଳ ଭବତାରଣ ସାହୁ, ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟ ସିଂ, ଅତିରିକ୍ତ ତହସିଲଦାର ମୌସୁମୀ ମିଶ୍ର, ଓଡିଶା ସେତୁ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସ, ମୁଖ୍ୟ ସାଧାରଣ ପରିଚାଳକ ପୂର୍ଣଚନ୍ଦ୍ର ମହାପାତ୍ର, ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ଟିସିଇ ଟିମ ଲିଡର ସୁଧୀର ରଞ୍ଜନ ସ୍ୱାଇଁ, ସରପଞ୍ଚ ଦୁଃଶାସନ ପ୍ରଧାନ, ଗୋପବନ୍ଧୁଙ୍କ ବଂଶଜ ଧୀରେନ୍ଦ୍ର ନାଥ ଦାସ, ରବୀନ୍ଦ୍ର ନାଥ ଦାସ, ବୁଦ୍ଧିଜୀବୀ ହେମନ୍ତ ଦାସ, ସବ୍ୟସାଚୀ ଦାସ, ବସନ୍ତ ଦାସ, ସୁଶାନ୍ତ ଦାସ ଓ ତାରାକାନ୍ତ ଦାସ ପ୍ରମୁଖ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୁଦର୍ଶନ ସାହୁ ପାଇବେ କଳିଙ୍ଗ ରତ୍ନ ସମ୍ମାନ

କଟକ ଅଫିସ, ୧୬।୪

ପ୍ରସିଦ୍ଧ ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ ଚଳିତବର୍ଷ 'କଳିଙ୍ଗ ରତ୍ନ' ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୨୩ ତାରିଖରେ କଟକ ସାରଳା ଭବନରେ ସଂସଦର ୪୧ତମ ବାର୍ଷିକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ସାହୁଙ୍କୁ ଏହି ସମ୍ମାନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁ ଶନିବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ୧୯୩୯ ମାର୍ଚ୍ଚ ୧୧ ତାରିଖରେ ପୁରୀରେ ଜନ୍ମଗ୍ରହଣ କରିଥିବା ସାହୁ କାରୁକଳା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରସିଦ୍ଧ ଲାଭ କରିଛନ୍ତି।



ସୁଦର୍ଶନ ସାହୁ।

ମାଓବାଦୀ ଦମନ ପାଇଁ ଏୟାର ଷ୍ଟ୍ରାଇକ
ଆକାଶମାର୍ଗରୁ ହେଲା ବୋମା ବର୍ଷଣ

ମାଲକାନଗିରି,୧୬।୪(ଡି.ଏନ୍.ଏ.)

ଗତ ଏପ୍ରିଲ ୧୪-୧୫ରେ ଛତିଶଗଡ଼ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆକାଶମାର୍ଗରୁ ମାଓବାଦୀଙ୍କ ଶିବିର ଉପରେ ଟାର୍ଗେଟ୍ କରାଯାଇଥିବା ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ମାଓବାଦୀ ଜୋନାଲ କମିଟି ଅଧ୍ୟକ୍ଷ ବିକଳ୍ପ ଅଭିଯୋଗ ଆଣିଛନ୍ତି। ଶନିବାର ସେ ଏକ ପ୍ରେସ୍ ବିବୃତିରେ କହିଛନ୍ତି, କିଟମ୍, ରାସମ, ଏରାମ, ସକିଲେର, ମାଡପା, ଦୁଲେଡ, କୋଟାମାର୍କା, କଟମନଗୁମ୍ ଆଦି ଅଞ୍ଚଳରେ ଏହି ୨ଦିନରେ ଆକାଶମାର୍ଗରୁ ରାତି ଗୋଟାଏରୁ ୨ଟା ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ବୋମା ଫିଙ୍ଗାଯାଇଛି। ତେବେ ଏହି ବୋମାମାଡ଼ ଦ୍ୱାରା ମାଓବାଦୀ ସଙ୍ଗଠନର କୌଣସି କ୍ଷତି ହୋଇ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ ଭୟଭୀତ ହୋଇ ରହିଥିବା ବିକଳ୍ପ ପ୍ରକାଶ କରି ଆଗାମୀ ଦିନରେ ସଙ୍ଗଠନ ପକ୍

ସ୍ମାର୍ଟ ୱାଚ୍

ଫ୍ୟାଶନ୍ ସହ ଫିଟ୍‌ନେସ୍

ଦିନଥିଲା ହାତରେ ଘଣ୍ଟା ପିନ୍ଧାଯାଉଥିଲା ସମୟ ଦେଖିବା ପାଇଁ। ଧୀରେ ଧୀରେ ଡ୍ରେସ୍ ସହ ମ୍ୟାଚ୍ କରି କେବେ ଚେନ୍ ତ କେବେ ଲେଦର ପୁଣି କେବେ ଭଳିକି ଭଳି କଲରଫୁଲ୍ ପ୍ଲାଷ୍ଟିକ୍ ବ୍ୟାଣ୍ଡ୍ ଥିବା ଘଣ୍ଟା ପାଲଟିଲା ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ। ତେବେ ଏବେର ଘଣ୍ଟା ଆଉ କେବଳ ସମୟ ଦେଖିବା ଅବା ଫ୍ୟାଶନ୍‌ରେ ସୀମିତ ନାହିଁ ବରଂ ଏହାର ସ୍ଥାନ ନେଇଛି ସ୍ମାର୍ଟ ୱାଚ୍। ମୋବାଇଲ୍‌ରେ ଆସୁଥିବା ନୋଟିଫିକେଶନ୍‌ରୁ ଆରମ୍ଭ କରି ଫିଟ୍‌ନେସ୍ ଟ୍ରାକ୍ କରିବା ପର୍ଯ୍ୟନ୍ତ ବିଭିନ୍ନ ଫ୍ୟାସିଲିଟି ପାଇଁ ଏହା ପାଲଟିଛି ଅଧିକାଂଶ ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ...

ଘଣ୍ଟା ପିନ୍ଧିବା ଅଧିକାଂଶଙ୍କର ଆବଶ୍ୟକତା ହୋଇଥିବା ବେଳେ ଆଉ କେତେକଙ୍କ ପାଇଁ ସଉକ। ତେବେ ଏବେର ସ୍ମାର୍ଟ ୱାଚ୍ କିନ୍ତୁ ବଦଳାଇ ଦେଇଛି ଘଣ୍ଟାପିନ୍ଧାର ପରିଭାଷା। ସମୟ ଦେଖିବା, ସ୍ମାର୍ଟ ଏବଂ ଷ୍ଟାଇଲିଶ୍ ଲୁକ୍ ପାଇବା ସହ ଆହୁରି ଅନେକ ଉପଯୋଗିତା ଏହାକୁ କରାଇପାରିଛି ଅଧିକ ଲୋକପ୍ରିୟ...

ନାହିଁ ବ୍ୟାଟେରି କିଣିବା ଟେନ୍‌ସନ୍: କେବଳ ଯେ ଏହାକୁ ଅପରେଟ୍ କରିବା ବେଶ୍ ସହଜ ତା' ନୁହେଁ, ବରଂ ଏହା ଚାର୍ଜେବଲ୍ ହୋଇଥିବାରୁ ବାରମ୍ବାର ବ୍ୟାଟେରି କିଣିବାର ଟେନ୍‌ସନ୍ ବି ନାହିଁ। ଏଣୁ ଏହାକୁ ବ୍ୟବହାର କରିବାକୁ ଅନେକେ ଭଲ ପାଉଛନ୍ତି।

ସାଜିଛି ହେଲ୍‌ଥ ଟ୍ରାକର: ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ପ୍ରତ୍ୟେକଙ୍କ ପାଇଁ ସ୍ମାର୍ଟ ୱାଚ୍ ଏକ ବରଦାନ ସଦୃଶ। କାରଣ ଦିନକୁ ଆପଣ କେତେ ଷ୍ଟେପ୍ ଚାଲିଲେ, କେତେ କ୍ୟାଲୋରି ବର୍ନ କଲେ, ହାର୍ଟ ରେଟ୍‌ଠାରୁ ଆରମ୍ଭ କରି ବ୍ଲଡ୍‌ପ୍ରେସର ପର୍ଯ୍ୟନ୍ତ ସବୁକିଛି ଏଥିରୁ ଜାଣି ହେଉଛି ଖୁବ୍ ସହଜରେ। ତେଣୁ ଜିମ୍ ଯାଉଥିବା ଯୁବପିଢ଼ିଙ୍କର ଏହା ପ୍ରତି କ୍ରେଜ୍ ଖୁବ୍ ଅଧିକ। ଏଥିରେ ଥିବା ଡିଜିଟାଲ୍ ହେଲ୍‌ଥ ସେନ୍‌ସର ଦ୍ୱାରା ହୃଦ୍‌ରୋଗର ପୂର୍ବ ସୂଚନା ମଧ୍ୟ ଜାଣି ହୋଇ ପାରୁଥିବାରୁ ଯଥା ସମୟରେ ଚିକିତ୍ସା ସହଜ ହୋଇପାରୁଛି ଏବଂ ରୋଗୀର ଜୀବନ ରକ୍ଷା ହୋଇପାରୁଛି। ଏଥିରେ ରୋଗୀକୁ ମେଡିସିନ୍ ଖାଇବାର ସମୟ ସୂଚନା ଦେବାର ମଧ୍ୟ ସୁବିଧା ରହିଛି। କେତେକ ସ୍ମାର୍ଟୱାଚ୍‌ରେ ପଡ଼ିଯିବା କ୍ଷଣି ଆମ୍ବୁଲାନ୍ସ ସହ ପରିବାର ଲୋକଙ୍କୁ ସୂଚନା ପହଞ୍ଚାଇବାର ସୁବିଧା ମଧ୍ୟ ଉପଲବ୍ଧ। କେବଳ ଏତିକି ନୁହେଁ, ଏଥିରେ ଯୁବତୀମାନଙ୍କୁ ମାସିକ ଋତୁସ୍ରାବ ସୂଚନା ବା ମେନ୍‌ଷ୍ଟ୍ରୁଆଲ୍ ପିରିୟଡ୍ ରିମାଇଣ୍ଡର ଦେବା ପାଇଁ ମଧ୍ୟ ସୁବିଧା ରହିଛି।

ଫୋନ୍‌ର ଛୋଟ ରୂପ: ଏଥିରେ ଆପଣ ୧୨ କିମ୍ବା ୨୪ ଘଣ୍ଟିଆ ଟାଇମ୍ ସେଟ୍ କରିପାରିବେ। ଆଲାର୍ମ ମଧ୍ୟ ସେଟ୍ କରିପାରିବେ। ମୋବାଇଲ୍‌ରେ ଆସୁଥିବା କଲ୍ ରିସିଭ୍ କରିପାରିବେ, ମେସେଜ୍, ସୋସିଆଲ୍ ମିଡିଆର ବିଭିନ୍ନ ନୋଟିଫିକେଶନ୍ ପାଇପାରିବେ ଏବଂ ଇନ୍‌ଷ୍ଟାଣ୍ଟ ରିପ୍ଲାଏ କରିପାରିବେ। ଏଥିରେ ବିଭିନ୍ନ ଆପ୍ ମଧ୍ୟ ବ୍ୟବହାର କରିପାରିବେ। କେବଳ ଏତିକି ନୁହେଁ, କେତେକ ସ୍ମାର୍ଟ ୱାଚ୍‌ରେ ସ୍ମାର୍ଟ ଆପ୍ ବେସ୍ତ ଇ-ପେମେଣ୍ଟ ସିଷ୍ଟମ ମଧ୍ୟ ଉପଲବ୍ଧ। ତେଣୁ ଆପଣ ଏହା ସାହାଯ୍ୟରେ କ୍ୟାଶଲେସ୍ ଶପିଂର ବି ଫାଇଦା ଉଠେଇ ପାରିବେ।

ଅନ୍ୟାନ୍ୟ ସୁବିଧା: ହଠାତ୍ ଫୋନ୍ ନ ମିଳିଲେ ଅବା ହଜିଗଲେ ଆପଣ 'ଫାଇଣ୍ଡ ଫୋନ୍' ଆପ୍ଲିକେଶନ୍ ଦ୍ୱାରା ନିଜ ଫୋନ୍‌କୁ ସହଜରେ ଖୋଜିପାରିବେ। ଏହାଛଡ଼ା ବର୍ତ୍ତମାନ ଆସୁଥିବା ବିଭିନ୍ନ ଲାଟେଷ୍ଟ ସ୍ମାର୍ଟୱାଚ୍‌ରେ ଏସି, ଫ୍ୟାନ୍, ଲାଇଟ୍, ଡୋର୍, ମାଇକ୍ରୋୱେଭ୍ ଓଭନ୍, ଟିଭି, ଫ୍ରିଜ୍ ଭଳି ସ୍ମାର୍ଟ ହୋମ୍ ଆପ୍ଲାଏନ୍‌ସେସ୍‌ଗୁଡିକୁ କଣ୍ଟ୍ରୋଲ୍ କରିବାର ଅପ୍ସନ ମଧ୍ୟ ଉପଲବ୍ଧ।

ଟପ୍ ବ୍ରାଣ୍ଡ: ଗ୍ଲୋବାଲ ସ୍ମାର୍ଟୱାଚ୍ ମାର୍କେଟ ତରଫରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ୨୦୨୧ରେ ବିକ୍ରି ହୋଇଥିବା ସମୁଦାୟ ହାତ ଘଣ୍ଟାର ପ୍ରାୟ ୪୦%ରୁ ଊର୍ଦ୍ଧ୍ୱ ହେଉଛି କେବଳ ସ୍ମାର୍ଟ ୱାଚ୍। ତେବେ ଗ୍ଲୋବାଲ୍ ମାର୍କେଟରେ ସବୁଠୁ ଅଧିକ ବିକ୍ରି ହେଉଥିବା ଟପ୍ ୯ ସ୍ମାର୍ଟ ୱାଚ୍ ବ୍ରାଣ୍ଡ ହେଉଛି ଆପଲ୍, ସାମ୍‌ସଙ୍ଗ୍, ହୁଆଇ, ଇମୁ, ଆମାଜ୍‌ଫିଟ୍, ଗାର୍ମିନ୍, ଫିଟ୍‌ବିଟ୍, ଜାଓମି, ନଏଜ୍; ଯାହାମଧ୍ୟରୁ ଆମ ଦେଶରେ ସବୁଠୁ ଅଧିକ ବିକ୍ରି ଏବଂ ଲୋକପ୍ରିୟତା ହାସଲ କରିଛି ନଏଜ୍ କମ୍ପାନୀର ସ୍ମାର୍ଟୱାଚ୍।

କ'ଣ କୁହନ୍ତି ଏମାନେ...

ବିଜୟ କୁମାର ସ୍ୱାଇଁ *(କର୍ମଜୀବୀ, ଭୁବନେଶ୍ୱର)*– ମୋର ନିତିଦିନିଆ ଜୀବନରେ ସ୍ମାର୍ଟ ୱାଚ୍ ବହୁତ ଜରୁରୀ ହୋଇପଡ଼ିଛି। ଜିମ୍‌ରେ ଏକ୍ସରସାଇଜ୍ କରିବାବେଳେ ଏହା ମୋର କେତେ କ୍ୟାଲୋରି ବର୍ନ ହେଲା ତାହା ଦର୍ଶାଇଥାଏ। ଏଥିସହ ଦିନ ଭିତରେ କେତେ ଷ୍ଟେପ୍ ଚାଲିଲି ତାହା ମଧ୍ୟ ଜଣାଇଥାଏ। ଯେଉଁ କାମ ଫୋନ୍ ଦ୍ୱାରା କରିପାରୁଛି, ତାହା ୱାଚ୍‌ରେ ମଧ୍ୟ କରିପାରେ। କୌଣସି ସ୍ଥାନରେ ଟଙ୍କା ଅନ୍‌ଲାଇନ୍‌ରେ ପେ' କରିବାର ଥିଲେ ମଧ୍ୟ ଏଥିରେ ଫିଟର୍ସ ଅଛି। କୌଣସି ମିଟିଂରେ ଥିଲେ ଯଦି ମୁଁ ଫୋନ୍ ରିସିଭ୍ କରିପାରେ ନାହିଁ, ତେବେ ଏହି ୱାଚ୍ ଦ୍ୱାରା କଲ୍ ରିସିଭ୍ କରିପାରେ, ଟେକ୍ସଟ୍ କରିପାରେ ଏବଂ ହ୍ୱାଟସ୍‌ଆପ୍‌ରେ ଫାଇଲ୍ ମଧ୍ୟ ପଠାଇପାରେ।

ରାକେଶ କୁମାର ସାହୁ *(କମ୍ପ୍ୟୁଟର ଛାତ୍ର, ଯାଜପୁର)*– ବର୍ତ୍ତମାନ ସ୍ମାର୍ଟ ୱାଚ୍ ମୋ ପାଇଁ ଅତି ଦରକାରୀ ହୋଇପଡ଼ିଛି। ପ୍ରାୟ ସବୁବେଳେ ଏହାକୁ ପିନ୍ଧିଥାଏ, ହେଲେ ଖାସ୍ କରି ମର୍ନିଂ ୱାକ୍ ଏବଂ ବାହାରକୁ ଗଲାବେଳେ ବେଶି ବ୍ୟବହାର କରେ । କେତେ ବାଟ କିମ୍ବା କେତେ ଷ୍ଟେପ୍ ଚାଲିଲି, ତାହା ମୋତେ ଏହି ସ୍ମାର୍ଟ ୱାଚ୍‌ରୁ ଜଣାପଡ଼େ। ଏହା ସହ ଏଥିରେ ମୋର ହ୍ୱାଟ୍ସ ଆପ୍ ସେଟିଂ ବି ରହିଛି, ଯାହା ଫଳରେ କେତେବେଳେ କୌଣସି କଲ୍ କି ମେସେଜ୍ ଆସିଲେ ତାକୁ ମୁଁ ତୁରନ୍ତ ଜାଣିପାରୁଛି। କମ୍ପ୍ୟୁଟର ବିଭାଗ ଛାତ୍ର ହୋଇଥିବାରୁ ଏହା ମୋତେ ଅନେକ କ୍ଷେତ୍ରରେ ସାହାଯ୍ୟ କରୁଛି।

– ପୌର୍ଣ୍ଣମାସୀ

ରାକେଶ

ବିଜୟ

ଯୁବପିଢ଼ିଙ୍କ ମଧ୍ୟରେ କ୍ରେଜ୍ ଅଧିକ

ଦୀର୍ଘ ବର୍ଷ ହେବ ଘଣ୍ଟା ବ୍ୟବସାୟ କରିଆସୁଛି। ଇତିମଧ୍ୟରେ ଘଣ୍ଟା ବ୍ୟବହାରକାରୀଙ୍କ ପସନ୍ଦକୁ ନେଇ ନୂଆ ନୂଆ ଘଣ୍ଟା କଲେକ୍ସନ ରଖୁଛି। ଯେପରି ପୂର୍ବରୁ କେବଳ ଚେନ୍ କିମ୍ବା ଲେଦର ବ୍ୟାଣ୍ଡ ଘଣ୍ଟା ଅଧିକ ବିକ୍ରି ହେଉଥିବା ବେଳେ ଧୀରେ ଧୀରେ ଭଳିକି ଭଳି ଡିଜାଇନ୍ ଏବଂ କଲରଫୁଲ୍ ଘଣ୍ଟାର ଚାହିଦା ବଢ଼ିବାକୁ ଲାଗିଲା। ଯଦିଓ ପ୍ରତ୍ୟେକ ବର୍ଗର ଲୋକେ ଏହାକୁ ପସନ୍ଦ କରୁଛନ୍ତି, ହେଲେ କଲେଜ ପଢୁଆ ହୁଅନ୍ତୁ କି ଜବ୍ ହୋଲ୍ଡର ଫ୍ୟାଶନ୍‌ପ୍ରିୟ ଯୁବତୀଯୁବକ ଏହାକୁ ବେଶୀ ପସନ୍ଦ କରୁଛନ୍ତି। ବିଶେଷ କରି ଜିମ୍ ଯାଉଥିବା ଯୁବପିଢ଼ି ଏହାକୁ ଅଧିକ କିଣିଥାଆନ୍ତି। ତେବେ ବର୍ତ୍ତମାନ ସ୍ମାର୍ଟୱାଚ୍ ଟ୍ରେଣ୍ଡରେ ଅଛି। ଯୁବପିଢ଼ିଙ୍କ ମଧ୍ୟରେ ଫ୍ୟାଶନ୍ ସହିତ ଫିଟ୍‌ନେସ୍ ତଥା ଅନ୍ୟାନ୍ୟ ସୁବିଧାକୁ ଆଖିଆଗରେ ରଖି ଏହାର ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି। ତେଣୁ ଆମେ କେତେକ ନାମୀଦାମୀ ବ୍ରାଣ୍ଡର ବିଭିନ୍ନ କଲେକ୍ସନ ରଖୁଛୁ, ଯାହାର ଦାମ୍ ପ୍ରାୟ ୨ ହଜାରରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି। – ***ଗୌରୀଶଙ୍କର ମହାପାତ୍ର*** *(ସମୟ ଭବନ, ବାପୁଜୀନଗର)*

ଦୂରାନ୍ତୁ ଫଙ୍ଗାଲ୍ ଇନ୍‌ଫେକ୍ସନ...

ଖରାଦିନେ ଝାଳ ଲାଗି ଶରୀରର ବିଭିନ୍ନ ସ୍ଥାନରେ ବିଶେଷକରି ଜଙ୍ଘ ଏବଂ କାଖ ଆଦି ସ୍ଥାନରେ କୁଣ୍ଡାଇ ହେବା ସମସ୍ୟା ଅନେକଙ୍କଠାରେ ଦେଖାଦେଇଥାଏ। ଏହାକୁ ଅନେକେ ଅଣଦେଖା କରନ୍ତି ଅବା ପାଉଡର ପକାଇ କମାଇବାକୁ ଚେଷ୍ଟା କରନ୍ତି। ହେଲେ କେବେକେବେ ଏହା ଫଙ୍ଗାଲ୍ ଇନ୍‌ଫେକ୍ସନ୍ କାରଣରୁ ମଧ୍ୟ ହୋଇପାରେ, ଯଥାଶୀଘ୍ର ଏହାର ପ୍ରତିକାର ନ କଲେ ତାହା ଜଟିଳ ସମସ୍ୟାର କାରଣ ବି ସାଜିପାରେ...

- ଅଧିକ ଟାଇଟ୍ ପୋଷାକ ପିନ୍ଧିବା, ଝାଳ ଲାଗି ଅଧିକ ସମୟ ରହିବା, ଗାଧୋଇବା ପରେ ଭଲ ଭାବେ ପାଣି ପୋଛି ନ ହୋଇ ପୋଷାକ ପିନ୍ଧିବା ଭଳି ବିଭିନ୍ନ କାରଣରୁ ଫଙ୍ଗାଲ୍ ଇନ୍‌ଫେକ୍ସନ ଦେଖାଦେଇଥାଏ। ଏହାକୁ ଆଦୌ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେଇ ଆବଶ୍ୟକସ୍ଥଳେ ଔଷଧ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରିବା ଆବଶ୍ୟକ।

ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ଦ୍ୱାରା ମଧ୍ୟ ଫଙ୍ଗାଲ୍ ଇନ୍‌ଫେକ୍ସନ ଦୂର କରିପାରିବେ...

- ଘିକୁଆଁରୀରେ ଭରି ରହିଛି ଆଣ୍ଟିଫଙ୍ଗାଲ୍ ଗୁଣ। ତେଣୁ କୁଣ୍ଡେଇ ହେଉଥିବା ସ୍ଥାନରେ ଏହାକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଘଷିବା ପରେ ପାଣିରେ ଧୋଇଦିଅନ୍ତୁ, ଦେଖିବେ ଧୀରେ ଧୀରେ ଉପଶମ ମିଳିବ।
- ସେହିପରି ଲିମ୍ବପତ୍ର ମଧ୍ୟ ଏଥିପାଇଁ ବେଶ୍ ଉପକାରୀ। ପାଣିରେ ଲିମ୍ବପତ୍ର ପକାଇ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗାଧୋଇବା ଦ୍ୱାରା ଫଙ୍ଗାଲ୍ ଇନ୍‌ଫେକ୍ସନ ଦୂର ହେବା ସହ କୁଣ୍ଡେଇହେବା ସମସ୍ୟାରୁ ମୁକ୍ତି ମିଳିବ।
- ଏକ ସଫା କପଡ଼ାରେ ବରଫ ଖଣ୍ଡ ନେଇ କୁଣ୍ଡାଇ ହେଉଥିବା ଭାଗରେ ଧୀରେ ଧୀରେ ଘଷିବା ଦ୍ୱାରା କୁଣ୍ଡାଇହେବା ଏବଂ ପୋଡ଼ିବା କମିଥାଏ।
- ପାଣିରେ ହଳଦୀ ମିଶାଇ ଗାଧୋଇବା କିମ୍ବା ଉକ୍ତ ସ୍ଥାନରେ ଅଳ୍ପ ବଟା ହଳଦୀ ଲଗାଇବା ଦ୍ୱାରା ମଧ୍ୟ ଫଙ୍ଗାଲ୍ ଇନ୍‌ଫେକ୍ସନ୍ ଦୂର ହୋଇଥାଏ।
- ପାଣିରେ ଅଳ୍ପ ଖାଇବାସୋଡ଼ା ମିଶାଇ କୁଣ୍ଡାଇ ହେଉଥିବା ସ୍ଥାନକୁ ଧୋଇଦେଲେ ମଧ୍ୟ ଆରାମ ମିଳିଥାଏ।
- ମରା ନଡ଼ିଆ ତେଲ କିମ୍ବା ଅଲିଭ୍ ତେଲ ଲଗାଇଲେ ଆପଣ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

ଏ ସପ୍ତାହର ପ୍ରଶ୍ନ

୧– ମାଧବପୁର ମେଳା..... ରାଜ୍ୟରେ ଆୟୋଜିତ ହୋଇଥାଏ ?
୨– ପୃଥିବୀର ସର୍ବାଧିକ ସୁନା ବ୍ୟବହାର କରୁଥିବା ଦେଶ..... ?
୩– ..... ସରକାରଙ୍କ ପକ୍ଷରୁ ସର୍ବପ୍ରଥମେ ଇଲେକ୍‌ଟ୍ରିକ୍ ଭେଇକିଲ୍ ପଲିସିରେ ଇ-ସାଇକେଲ୍‌କୁ ସାମିଲ କରାଯାଇଛି ?
୪– ଚଳିତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଥିମ୍ ..... ?
୫– ନିକଟରେ ଗ୍ରାମୀ ପୁରସ୍କାର ପାଇଥିବା ଦୁଇ ଭାରତୀୟଙ୍କ ନାମ ..... ?

ଗତ ଥରର ଉତ୍ତର

୧ – ତ୍ରିପୁରା
୨ – ରୋବେର୍ଟୋ ବେନିନି
୩ – ଅଗଷ୍ଟ ୩୦
୪ – ମୌନା ଲୋଆ
୫ – ନୀଳ ନଦୀ

ଉତ୍ତରଦାତା

ଶେଖ୍ ୟାକୁବ୍ ଗୋପ

ଆରାଧନା ଭଦ୍ରକ

ଏମ୍. କାମରାଜୁ ରାଜୁ ଗଞ୍ଜାମ

ସୂଚନା: ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

ଟପ୍ ୧୦

ସବୁଠୁ ଡେଙ୍ଗା ମହିଳା ମଡେଲ୍

୧– ଆନା ହିକ୍‌ମ୍ୟାନ୍..... ୬ ଫୁଟ୍ ୧ ଇଞ୍ଚ
୨– ହାନା ସୁକୁପୋଭା..... ୬ ଫୁଟ୍ ୧ ଇଞ୍ଚ
୩– ଓଲୁଚି ଅନ୍‌ୱିବା..... ୬ ଫୁଟ୍
୪– ଜୁଲିଆ ଷ୍ଟେଞ୍ଜର.....୬ ଫୁଟ୍
୫– ଆନା ବିଟ୍ରିଜ୍ ବ୍ୟାରସ୍..... ୫ ଫୁଟ୍ ୧୧ ଇଞ୍ଚ
୬– ଜିସେଲେ ବଣ୍ଡଚେନ୍..... ୫ ଫୁଟ୍ ୧୧ ଇଞ୍ଚ
୭– ଡାରିଆ ଓ୍ୱେରାବର..... ୫ ଫୁଟ୍ ୧୧ ଇଞ୍ଚ
୮– କେଟ୍ ଗ୍ରିଗୋରିଭା..... ୫ ଫୁଟ୍ ୧୧ ଇଞ୍ଚ
୯– ବାରବାରା ଫିଆଲୋ..... ୫ ଫୁଟ୍ ୧୧ ଇଞ୍ଚ
୧୦– ଭାନେସା ମୁଡି..... ୫ ଫୁଟ୍ ୧୧ ଇଞ୍ଚ

ଯୁବ ପ୍ରତିଭା

ନୃତ୍ୟ ଦେଇଛି ପରିଚୟ

ତନିଶା

ପିଲାଟି ଦିନରୁ ତାଙ୍କର ନୃତ୍ୟ କ୍ଷେତ୍ରରେ ବେଶ୍ ରୁଚି। ଯେଉଁଥିପାଇଁ ସେ ନିଜ ଜିଲା ସମେତ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ହାସଲ କରି ଜଣେ ନୃତ୍ୟଶିଳ୍ପୀ ଭାବେ ନିଜର ଏକ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଉଛି ବ୍ରହ୍ମପୁର ସହରର ବଡ଼ଖେମୁଣ୍ଡି ସାହିରେ ରହୁଥିବା ନମିତା ରାଣୀ ଏବଂ ନିରଞ୍ଜନ ପାତ୍ରଙ୍କ ଝିଅ ତନିଶା। ବର୍ତ୍ତମାନ ଦଶମ ଶ୍ରେଣୀର ଛାତ୍ରୀ। ମାତ୍ର ୨ୟ ଶ୍ରେଣୀରେ ପଢୁଥିବା ବେଳେ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଏଥିରେ ତାଙ୍କ ମା' ପ୍ରେରଣା ଦେଇଥିଲେ। ବୟସ ବଢିବା ସହ ନୃତ୍ୟ ସାଙ୍ଗକୁ ସେ ମଡେଲିଂରେ ମଧ୍ୟ ସଫଳତା ହାସଲ କରିବାରେ ଲାଗିଲେ। ନିକଟରେ ଏକ ଘରୋଇ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଥିବା ରିଆଲିଟି ଶୋ'ରେ ସେ ୨ୟ ରନର୍ସ ଅପ୍ ରହିଛନ୍ତି। ଏଥିସହ ତନିଶା ରାଜ୍ୟସ୍ତରୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଛନ୍ତି। ସେ ମଡେଲିଂରେ ସିକ୍ସ ସିଟି ୨୦୨୧ ପ୍ରତିଯୋଗିତାରେ ଭାଗ ନେଇ ମିସ୍ ଫ୍ୟାଶନ ଆଇକନ୍ ଭାବେ ବିଜୟୀ ହୋଇଛନ୍ତି। ଏଥିସହ ଜାତୀୟ ସ୍ତରୀୟ ପ୍ରତିଯୋଗିତା 'ଜଜୱା ସାହସ କି'ରେ ୩ୟ ସ୍ଥାନ, ୨୦୨୧ ମସିହାରେ ନୃତ୍ୟ ପ୍ରତିଯୋଗିତାରେ ୨ୟ ରନର୍ସ ଅପ, ୨୦୨୧ ମସିହା ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ୨ୟ, ୨୦୧୯ ମସିହା ଜିଲାସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଆୱାର୍ଡ, ୨୦୧୯ ମସିହା ଗୋପାଳପୁର ବେଳାଭୂମି ମହୋତ୍ସବରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଆୱାର୍ଡ, ୨୦୨୧ ମସିହାରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଓ ୨୦୧୮ ମସିହା ପୁସ୍ତକ ମେଳାରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଆୱାର୍ଡ ହାସଲ କରିଛନ୍ତି। କେବଳ ଏତିକି ନୁହେଁ ସେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପ୍ରଦର୍ଶନ କରି ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି। ତେବେ ନିଜ ସଫଳତାର ଶ୍ରେୟ ଅଭିଭାବକଙ୍କୁ ଦେଉଥିବା ତନିଶା ଭବିଷ୍ୟତରେ ଜଣେ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି।

–***ସ୍ମୃତି ରଞ୍ଜନ ମହାଲିକ୍***

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୭ ଏପ୍ରିଲ, ୨୦୨୨ Bhubaneswar, Sunday, April 17/2022

ରାହୁଲଙ୍କ ଶତକ: ପୁଣି ହାରିଲା ମୁମ୍ବାଇ

ମୁମ୍ବାଇ,୧୭।୪

ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ପରାଜୟ ଧାରା ଜାରି ରହିଛି। ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ୍ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇକୁ ୧୮ ରନ୍‌ରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ହରାଇ ଦେଇଛି। ସର୍ବାଧିକ ୫ ଥର ଚାମ୍ପିୟନ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ପାଇଁ ଏହା କ୍ରମାଗତ ୬ଷ୍ଠ ପରାଜୟ। ଏହି ବିଜୟ ଯୋଗୁ ଲକ୍ଷ୍ନୌ ୮ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନକୁ ଉଠିଛି। ଅଧିନାୟକ

ଶତକ ହାସଲ ପରେ ଲୋକେଶ ରାହୁଲ।

ଲୋକେଶ ରାହୁଲ(୧୦୩*)ଙ୍କ ଅପରାଜିତ ଶତକ ବଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୮୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଶତକୀୟ ପାଳି ପାଇଁ ରାହୁଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ବିସ୍ଫୋରକ ଆରମ୍ଭ ଦେଇଥିଲେ ଅଧିନାୟକ ରାହୁଲ ଏବଂ କ୍ୱିଣ୍ଟନ ଡି'କକ୍ (୨୪)। ଦୁହେଁ ମାତ୍ର ୫.୨ ଓଭରରେ ଦଳୀୟ ସ୍କୋରକୁ ୫୦ ପାର କରାଇଥିଲେ। ତା'ପରେ ମନୀଷ ପାଣ୍ଡେ (୩୮)ଙ୍କ ସହ ମିଶି ରାହୁଲ ଦ୍ୱିତୀୟ ଉଇକେଟ ଲାଗି ୭୨ ରନ୍ ଯୋଡ଼ିଥିଲେ। ମଧ୍ୟକ୍ରମରେ ମାର୍କସ ଷ୍ଟୋଇନିସ୍ (୧୦) ଓ ଦୀପକ ହୁଡା (୧୫) ଫେଲ୍ ମାରିଥିଲେ। ହେଲେ ରାହୁଲଙ୍କ ୧୦୩ (୯ ଚୌକା ଓ ୫ ଛକା) ରନ୍‌ର ଅପରାଜିତ ଶତକ ଯୋଗୁ ଲକ୍ଷ୍ନୌ ୪ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ମୁମ୍ବାଇ ପାଇଁ ବୋଲିଂରେ ଜୟଦେବ ଉନାଡକଟ୍ ୨ ଉଇକେଟ ନେଇଥିବା ବେଳେ ମୁରୁଗାନ ଅଶ୍ୱିନ ଏବଂ ଫାବିଆନ ଆଲେନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

ଜବାବରେ ମୁମ୍ବାଇର କୌଣସି ବ୍ୟାଟର ଲକ୍ଷ୍ନୌ ବୋଲିଂ ଲାଇନ୍ ଆଗରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ଦୁଇ ଓପ୍‌ନର ଅଧିନାୟକ ରୋହିତ (୬) ଓ ଇଶାନ କିଷନ(୧୩) ଖୁବ୍ ଶସ୍ତାରେ ଆଉଟ୍ ହୋଇଥିଲେ। ପରେ ଡେୱାଲ୍ଡ ବ୍ରେଭିସ(୩୧), ସୂର୍ଯ୍ୟକୁମାର ଯାଦବ(୩୭), ତିଲକ ବର୍ମା (୨୬) ଏବଂ କିରନ ପୋଲାର୍ଡ(୨୫)ଙ୍କୁ ଭଲ ଆରମ୍ଭ ମିଳିଥିଲା। ହେଲେ କେହି ବଡ଼ ଇନିଂସ ଖେଳିପାରି ନ ଥିଲେ, ଯାହାଫଳରେ ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୮୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ସ୍ଲୋ ଓଭର ରେଟ୍ ପାଇଁ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଅଧିନାୟକ ରାହୁଲଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି।

ସଂକ୍ଷିପ୍ତ ସ୍କୋର

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୯୯/୪(ଲୋକେଶ ରାହୁଲ ୧୦୩*, ମନୀଷ ପାଣ୍ଡେ ୩୮, କ୍ୱିଣ୍ଟନ ଡି'କକ୍ ୨୪, ଜୟଦେବ ଉନାଡକଟ୍ ୨/୩୨, ମୁରୁଗାନ ଅଶ୍ୱିନ ୧/୩୩)।

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୧/୯ (ସୂର୍ଯ୍ୟକୁମାର ଯାଦବ ୩୭, ଡେୱାଲ୍ଡ ବ୍ରେଭିସ୍ ୩୧, ତିଲକ ବର୍ମା ୨୬, କିରନ ପୋଲାର୍ଡ ୨୫, ଅଭେଶ ଖାନ୍ ୩/୩୦, ମାର୍କସ ଷ୍ଟୋଇନିସ ୧/୧୩, ଜାସନ ହୋଲ୍ଡର ୧/୩୪, ରବି ବିଷ୍ଣୋଇ ୧/୩୪)।

MONTE BIANCO
Smart Everyday
FORMAL | CASUAL | MENSWEAR

ବେତନ ଦାନ କରିବେ ହରଭଜନ

ନୂଆଦିଲ୍ଲୀ,୧୭।୪(ପିଟି)

କ୍ରିକେଟରରୁ ରାଜନେତା ପାଲଟିଥିବା ହରଭଜନ ସିଂ ଶନିବାର କହିଛନ୍ତି, ଚାଷୀମାନଙ୍କ ଝିଅଙ୍କ ଶିକ୍ଷା ଓ କଲ୍ୟାଣ ପାଇଁ ତାଙ୍କ ରାଜ୍ୟ ସଭା ଦରମା ଦାନ କରିବେ। ଭାରତର ଅନ୍ୟତମ ଶ୍ରେଷ୍ଠ ସ୍ପିନର ହରଭଜନ ଗତ ମାସରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ପଞ୍ଜାବରୁ ରାଜ୍ୟ

ସଭା କୁନିର୍ବାଚିତ ହୋଇଥିଲେ। ''ଜଣେ ରାଜ୍ୟ ସଭା ସଦସ୍ୟ ଭାବେ ମୁଁ ଚାଷୀମାନଙ୍କ ଝିଅଙ୍କ ଲାଗି ଶିକ୍ଷା ଓ କଲ୍ୟାଣ ପାଇଁ ମୋ ଦରମାକୁ ଦାନ କରିବାକୁ ଚାହୁଁଛି। ଆମ ଦେଶର ଉନ୍ନତି କରିବା ଲାଗି ମୁଁ ରାଜନୀତିରେ ଯୋଗ ଦେଇଛି। ଏଥିଲାଗି ମୁଁ ସବୁକିଛି କରିବି। ଜୟ ହିନ୍ଦ୍'' ବୋଲି ପୂର୍ବତନ ଭାରତୀୟ ସ୍ପିନର ଟୁଇଟ୍ କରିଛନ୍ତି। ୪୧ ବର୍ଷୀୟ ହରଭଜନ ଗତ ବର୍ଷ ଡିସେମ୍ବରରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଚଳିତ ବର୍ଷ ମାର୍ଚ୍ଚରେ ହରଭଜନଙ୍କ ସମେତ ୫ ଜଣଙ୍କୁ ଉପର ସଦନ ଲାଗି ଆମ୍ ଆଦମୀ ପାର୍ଟି (ଏଏପି) ମନୋନୀତ କରିଥିଲା।

ସଜନଙ୍କୁ ସ୍ୱର୍ଣ୍ଣ, ବେଦାନ୍ତଙ୍କୁ ରୌପ୍ୟ

ସଜନ ପ୍ରକାଶ ବେଦାନ୍ତ ମାଧବନ

ନୂଆଦିଲ୍ଲୀ, ୧୭।୪ (ପି.ଟି.)

ଭାରତର ଟପ୍ ସନ୍ତରଣକାରୀ ସଜନ ପ୍ରକାଶ ବିଜୟ ସହ ତାଙ୍କ ସିଜନ ଆରମ୍ଭ କରିଛନ୍ତି। ଡେନମାର୍କର କୋନେହାଗେନଠାରେ ଅନୁଷ୍ଠିତ ଡାନିଶ ଓପନ ସୁଇମିଂ ମିଟ୍‌ରେ ସେ ପୁରୁଷ ୨୦୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଭାରତର ଆଉ ଜଣେ ସନ୍ତରଣକାରୀ ବେଦାନ୍ତ ମାଧବନ ରୌପ୍ୟ ପଦକ ଲାଭ କରିଛନ୍ତି। ଚଳିତ ବର୍ଷରେ ସଜନଙ୍କର ଏହାଥିଲା ପ୍ରଥମ ଅନ୍ତର୍ଜାତୀୟ ମିଟ୍। ଶୁକ୍ରବାର ରାତିରେ ସେ ୧.୫୯.୨୭ ଟାଇମିଂରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦୁବାଇରେ କୋଚ୍ ପ୍ରଦୀପ କୁମାରଙ୍କ ଅଧୀନରେ ଟ୍ରେନିଂ ନେଉଥିବା କେରଳର ଏହି ସନ୍ତରଣକାରୀ ପୂର୍ବରୁ ୨.୦୩.୬୭ ଟାଇମିଂରେ ଏ' ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ।

ଡାନିଶ ଓପନ ସୁଇମିଂ

ଏଠାରେ ସ୍ୱର୍ଣ୍ଣ ଜିତିଥିଲେ ମଧ୍ୟ ସଜନ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂକୁ ସେ ଅତିକ୍ରମ କରିପାରି ନ ଥିଲେ। ଗତବର୍ଷ ରୋମ୍‌ରେ ଅନୁଷ୍ଠିତ ଏକ ରେସ୍‌ରେ ତାଙ୍କର ଟାଇମିଂ ୧:୫୬:୩୮ ରହିଥିଲା। ସଜନ ପ୍ରଥମ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ ଏ' ଷ୍ଟାଣ୍ଡାର୍ଡ ଟାଇମିଂ ହାସଲ କରିପାରିଛନ୍ତି। ଅନ୍ୟପକ୍ଷରେ ସ୍ୱଳ୍ପ ବୟସ୍କ ବେଦାନ୍ତ ମାଧବନ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହ ପୁରୁଷ ଫ୍ରିଷ୍ଟାଇଲ ୧୫୦୦ ମିଟର ଇଭେଣ୍ଟରେ ରୌପ୍ୟ ଜିତିଛନ୍ତି। ବେଦାନ୍ତ ହେଉଛନ୍ତି ଭାରତୀୟ ଅଭିନେତା ଆର. ମାଧବନଙ୍କ ପୁତ୍ର। ୧୦ଜଣ ସନ୍ତରଣକାରୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ସେ ୧୫.୫୭.୮୬ ଟାଇମିଂ ସହ ଦ୍ୱିତୀୟ ହୋଇଥିଲେ।

ଆଇପିଏଲ୍-୧୫

ଆଜିର ମ୍ୟାଚ

ପଞ୍ଜାବ କିଙ୍ଗ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ନ ୩ଟା ୩୦

ଗୁଜରାଟ ଟାଇଟନ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଦିଲ୍ଲୀକୁ ହରାଇଲା ଆର୍‌ସିବି

ମୁମ୍ବାଇ,୧୭।୪

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଶନିବାର ରାତିରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୧୬ ରନ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ହରାଇ ଦେଇଛି। ଏହି ବିଜୟ ସହ ବାଙ୍ଗାଲୋର ପଏଣ୍ଟ ଟେବୁଲରେ ୮ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉଠିଛି। ମ୍ୟାଚ୍‌ରେ ଆରସିବି ଏକଦା ମାତ୍ର ୯୨ ରନ୍‌ରେ ପ୍ରମୁଖ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। କିନ୍ତୁ ଦୀନେଶ କାର୍ତ୍ତିକଙ୍କ ୬୬ ରନ୍‌ର ବିସ୍ଫୋରକ ପାଳି ଯୋଗୁ ଦିଲ୍ଲୀ ଆଗରେ ଆର୍‌ସିବି ଧାର୍ଯ୍ୟ କରିଥିଲା ୧୯୦ ରନ୍‌ର ବିଜୟ ଲକ୍ଷ୍ୟ। ଜବାବରେ ଦିଲ୍ଲୀ ୭ ଉଇକେଟ ହରାଇ ୧୭୩ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଦୀନେଶ କାର୍ତ୍ତିକ

ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ଶୀଘ୍ର ୩ ଉଇକେଟ ହରାଇଥିଲା। ଗ୍ଲେନ ମ୍ୟାକ୍ସୱେଲ (୫୫ ରନ୍, ୭ ଚୌକା ଓ ୨ ଛକା) ସ୍ଥିତି ସମ୍ଭାଳବାକୁ ଚେଷ୍ଟା କରିଥିଲେ। କିନ୍ତୁ କାର୍ତ୍ତିକ (୬୬* ରନ୍, ୫ ଲେଖାଏ ଚୌକା ଓ ଛକା) ଏବଂ ଶେହବାଦ ଅହମ୍ମଦ (୩୨) ୬ଷ୍ଠ ଉଇକେଟ ପାଇଁ ଅନ୍ତିମ ୫୨ ବଲରେ ଯୋଡ଼ିଥିଲେ ୯୭ ରନ୍। ଫଳରେ ଆର୍‌ସିବି ୨୦ ଓଭରରେ ୫ ଉଇକେଟ ହରାଇ ୧୮୯ ରନ୍ କରିପାରିଥିଲା। ଜବାବରେ ପୃଥ୍ୱୀ ଶ' (୧୬) ଓ ଡେଭିଡ୍ ୱାର୍ନର (୬୬ ରନ୍, ୪ ଚୌକା ଓ ୫ ଛକା)ଙ୍କ ଓପନିଂ ଯୋଡ଼ି ୫୦ ରନ୍‌ର ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ଅଧିନାୟକ ପନ୍ତ (୩୪)ଙ୍କୁ ଛାଡ଼ି ଦେଲେ ଅନ୍ୟ ବ୍ୟାଟର ତିଷ୍ଠି ପାରି ନ ଥିଲେ।

ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୮୯/୫ (କାର୍ତ୍ତିକ ୬୬*, ମ୍ୟାକ୍ସୱେଲ ୫୫, ଶେହବାଦ ୩୨*, ଶାର୍ଦ୍ଦୁଳ ୧/୨୭, ଅକ୍ଷର ୧/୨୯)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୭୩/୭ (ୱାର୍ନର ୬୬, ପନ୍ତ ୩୪, ହାଜେଲଉଡ୍ ୩/୨୮, ସିରାଜ ୨/୩୧)।

ଉଦ୍‌ଘାଟନୀ ଜିତିଲା ପଶ୍ଚିମବଙ୍ଗ

ସନ୍ତୋଷ ଟ୍ରଫି ଫୁଟ୍‌ବଲ

ମାଲାପୁରମ(କେରଳ), ୧୭।୪(ପି.ଟି.)

ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ଉଦ୍‌ଘାଟନୀ ମ୍ୟାଚରେ ପଶ୍ଚିମବଙ୍ଗ ବିଜୟ ଲାଭ କରିଛି। ଶନିବାର ଖେଳାଯାଇଥିବା ଗ୍ରୁପ୍ ଏ'ର ଏହି ମ୍ୟାଚରେ ଦଳ ପଞ୍ଜାବକୁ ୧-୦ ଗୋଲରେ ପରାସ୍ତ କରି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଛି। ଟୁର୍ନାମେଣ୍ଟର ଏହି ଶ୍ରେଷ୍ଠ ଦୁଇ ଦଳ ଆରମ୍ଭରୁ ୩ ପଏଣ୍ଟ ଅର୍ଜନ କରିବା ଲକ୍ଷ୍ୟ ନେଇ ଖେଳିଥିଲେ। ଉଭୟ ଦଳ ଆକ୍ରମଣାତ୍ମକ ରଣନୀତି ଆପଣେଇ ଥିଲେ। ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟଭାବେ ଶେଷ ହୋଇଥିଲା। ଖେଳର ୬୧ତମ ମିନିଟ୍‌ରେ ଶୁଭମ ଭୌମିକ ପେନାଲ୍ଟି ସ୍ପଟ ନିକଟରୁ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଏହାର ୪ ମିନିଟ ପରେ ପଶ୍ଚିମବଙ୍ଗ ଦଳ ଆଉ ଏକ ଗୋଲ କରିବାର ସୁଯୋଗ ପାଇଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା।

ୟୁନିଟି କପ୍ ଦିବାରାତ୍ର କ୍ରିକେଟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୭।୪ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ସହିଦ ସ୍ପୋର୍ଟିଂ କ୍ଲବ ପରିସରରେ ୟୁନିଟି କପ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୮ଟି ଦଳ ଭାଗ ନେଇଛନ୍ତି। ସେଗୁଡିକ ହେଲା କ୍ଲାରିଅନ ଲାୟନ୍ସ, ଜେବ୍ରୋନିକ୍ ଟାଇଗର୍ସ, ଏକ୍ସେସ୍ ୱାରିୟର୍ସ, ଆର୍‌ଭେକ୍ସ ଆଭେଞ୍ଜର୍ସ, ଫ୍ରଣ୍ଟେକ୍ ଆଟିଭର୍ସ, ମୋଲେକ୍ସ ରେଡ୍ ରାପ୍ଟର୍ସ, ଏଡିଅସ୍ ପିକ୍ସେଲ ପ୍ରୋ ୮'କେ ଓ ଡାଇଚି ଡେଭିଲ। ଉଦ୍‌ଘାଟନୀ ଦିବସରେ କର୍ପୋରେଟର ରାଜକିଶୋର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁନିଟି କପ୍‌ର ଉପଦେଷ୍ଟା ରଞ୍ଜିତ ପଣ୍ଡା, ଅବିନାଶ ପଟ୍ଟନାୟକ, ରାଧାକାନ୍ତ ଭଟରାୟ, ସମ୍ପାଦକ ପ୍ରମୋଦ ମହାନ୍ତି, କୋଷାଧ୍ୟକ୍ଷ ସୁବୋଧ ନାୟକ, ଆଥଲେଟିକ୍ ସେକ୍ରେଟାରି ପ୍ରକାଶ ତରାଇଙ୍କ ସମେତ ଅନ୍ୟ ଅଫିସିଆଲମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ୬ଟି ମ୍ୟାଚ ଖେଳାଯାଇଛି।

କିଟ୍‌ର ନେତୃତ୍ୱ ନେବେ ଦୂତୀ

ଭୁବନେଶ୍ୱର, ୧୭।୪ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ବାଙ୍ଗାଲୋରସ୍ଥିତ ଜୈନ ୟୁନିଭର୍ସିଟି ପରିସରରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହେବ। ଏହା ଏପ୍ରିଲ ୨୪ରୁ ମେ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ କିଟ୍‌ର

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ

୨୧ ଆଥଲେଟ ଓ ୬ ସପୋର୍ଟ ଷ୍ଟାଫ୍ ଭାଗ ନେବେ। ଅଲିମ୍ପିଆନ ଦୂତୀ ଚାନ୍ଦ କିଟ୍ ଦଳର ନେତୃତ୍ୱ ନେବେ। କିଟ୍ ଦଳ ଆଥଲେଟିକ୍ସ (ମହିଳା), ଟେନିସ (ପୁରୁଷ), ଯୋଗାସନ (ମହିଳା) ଏବଂ ଭାରୋତ୍ତଳନ (ଉଭୟ ପୁରୁଷ ଓ ମହିଳା) ପ୍ରତିଯୋଗିତାରେ ଭାଗ ନେବେ।

ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ

ପ୍ରଥମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

ଭୁବନେଶ୍ୱର,୧୭।୪(ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାର ନେତାଜୀ ସୁବାଷ ବୋଷ ଷ୍ଟାଡିୟମରେ ଶନିବାର ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସର୍ବଭାରତୀୟ ଦିବ୍ୟାଙ୍ଗ କ୍ରିକେଟ ଆସୋସିଏଶନ ଚୟନ କର୍ତ୍ତା ବ୍ରିଜେଶ ସୋଲେଙ୍କର ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଏବଂ ଝାଡ଼ଖଣ୍ଡ ପରସ୍ପରକୁ ଭେଟିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୭.୩ ଓଭରରେ ୧୨୧ ରନ କରିଥିଲା। ଦଳ ପକ୍ଷରୁ ରାଜେଶ ପ୍ରଧାନ ସର୍ବାଧିକ ୩୦ ଓ ବଳରାମ ବସ୍ତିଆ ୨୮ରନ୍ କରିଥିବା ବେଳେ ଝାଡ଼ଖଣ୍ଡ ତରଫରୁ ଆମ୍ରି କୁମାର ଓ ଶୋଇବ ଅନସାରୀ ୨ ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଝାଡ଼ଖଣ୍ଡ ୧୬.୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓଡ଼ିଶା ଦଳ ପକ୍ଷରୁ ପ୍ରଫୁଲ ତରାଇ, ବଳରାମ ପଣ୍ଡା, ମହମ୍ମଦ ଶୋଇଲ ୧ ଲେଖାଏ ଉଇକେଟ ହାତେଇଥିଲେ। ରବିବାର ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ବିହାରକୁ ଭେଟିବ।

ଓଡ଼ିଶା ପୋଲିସ ବିପକ୍ଷରେ କେରଳର ବିପୁଳ ବିଜୟ

ଇଣ୍ଡିଆନ ଓମେନ୍ସ ଲିଗ୍

ଭୁବନେଶ୍ୱର, ୧୭।୪ (ପି.ଟି.)

ଚଳିତ ଇଣ୍ଡିଆନ ଓମେନ୍ସ ଫୁଟ୍‌ବଲ ଲିଗ୍‌ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଗତଥରର ଚାମ୍ପିୟନ ଗୋକୁଲମ କେରଳ ୧୨-୦ ଗୋଲରେ ଓଡ଼ିଶା ପୋଲିସକୁ ହରାଇ ଦେଇଛି। ଭାରତୀୟ ଆଟାକିଂ ମିଡ୍‌ଫିଲ୍ଡର ମନୀଷା କଲ୍ୟାଣ ଏକାକୀ ୫ ଗୋଲ (୧୭ତମ, ୨୬ତମ, ୩୩ତମ, ୪୮ତମ ଓ ୭୩ତମ) ସ୍କୋର କରିଥିଲେ। ଅଦିତି ଚୌହାନଙ୍କ ନେତୃତ୍ୱାଧୀନ ଦଳ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ୬ଟି ଲେଖାଏ ଗୋଲ ସ୍କୋର କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ବଦଳ ଖେଳାଳି ଏଲ୍‌ସାଦାଇ (୬୨ତମ ଓ ୮୬ତମ) ଡବଲ ଗୋଲ ଦେଇଥିବା

ଓଡ଼ିଶା ପୋଲିସ ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ବେଳେ ଓ୍ୱିନ ଥେଙ୍ଗି ଡୁନ୍ (୨୫ତମ), ଡାଙ୍ଗମେଇ ଗ୍ରେସ୍ (୩୭ତମ), ରଞ୍ଜନା ଚାନୁ (୭୦ତମ) ଓ କରିସ୍ମା ଶିରଭୋଲ୍‌କାର (୭୭ତମ ମିନିଟ) ପ୍ରମୁଖ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କେରଳ ଦଳ ଆସ୍ରୁରି ମଧ୍ୟ ସେମାନଙ୍କ ବିପକ୍ଷ ଦଳର ଆତ୍ମଘାତୀ ଗୋଲରୁ ଫାଇଦା ପାଇଥିଲା। ଖେଳର ୪୭ତମ ମିନିଟ୍‌ରେ ମନୀଷାଙ୍କ କ୍ରସ୍‌କୁ ଗ୍ରେସ୍ ହାତଛଡ଼ା କରିଥିଲେ। ମଧ୍ୟସ୍ଥିତାଙ୍କ ତ୍ରୁଟି ଯୋଗୁ ବଲ୍‌ଟି ନିଜ ନେଟ ଭିତରକୁ ଚାଲିଯାଇଥିଲା। ସ୍ଥାନୀୟ ସପ୍ତମ ବାଟାଲିୟନ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ପୂର୍ବତନ ଚାମ୍ପିୟନ ସେଥୁ ଏଫ୍‌ସି ନବାଗତ ମାତା ରୁକ୍ମିଣୀ ଏଫ୍‌ସି ବିପକ୍ଷରେ ୬-୧ ଗୋଲରେ ବିଜୟ ହାସଲ କରିଛି। ମଦୁରାଇଭିତ୍ତିକ ଦଳ ପ୍ରଥମ ୭ ମିନିଟ୍ ଖେଳରେ ଏଲିଜାବେଥ୍ କାରୁଙ୍ଗା ଓ ଭାରତୀୟ ଅନ୍ତର୍ଜାତୀୟ ଖେଳାଳି ଅଞ୍ଜୁ ତମାଙ୍ଗ ଦୁଇଟି ଗୋଲ ସ୍କୋର କରିଥିଲେ। ପରେ ମାରିୟାମାଲଙ୍କ ଗୋଲ ଯୋଗୁ ୧୫ ମିନିଟ ଖେଳ ସୁଦ୍ଧା ଏହି ଦଳ ୩-୦ରେ ଅଗ୍ରଣୀ ଲାଭ କରିଥିଲା। ସେଥୁ ଏଫ୍‌ସି ପକ୍ଷରୁ ଚତୁର୍ଥ ଓ ପଞ୍ଚମ ଗୋଲ ୨୨ତମ ଓ ୨୪ତମ ମିନିଟ୍‌ରେ ଯଥାକ୍ରମେ ସଞ୍ଜୁ ଓ ଲାଲରାମପରୀ ସ୍କୋର କରିଥିଲେ। ଦଳ ପକ୍ଷରୁ ୬ଷ୍ଠ ଗୋଲ ୭୦ତମ ମିନିଟ୍‌ରେ ରେଣୁ ସ୍କୋର କରିଥିଲେ। ମାତା ରୁକ୍ମିଣୀ ଏଫ୍‌ସି ପକ୍ଷରୁ ରୀତ କାଶ୍ୟପ ୭୯ତମ ମିନିଟ୍‌ରେ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ।

କଠିନ ସମସ୍ୟା
ଏବେ ହେବ ନାହିଁ
ସଙ୍ଗୀ ସହେଲୀ
ହେଉଛି ଉତ୍ତମ ସ୍ୱାସ୍ଥ୍ୟ
ପାଇଁ ସବୁଠାରୁ
ଭରସାଯୋଗ୍ୟ
ଔଷଧ ଓ ଟନିକ
INDIA'S MOST TRUSTED BRAND
WORLD'S GREATEST BRANDS 2015-16 IUA
ଟନିକ ସହ

ସଂକ୍ଷେପରେ

୨୦ରେ ମେଗା ସ୍ୱାସ୍ଥ୍ୟମେଳା

ଖଣ୍ଡପଡ଼ା,୧୬।୪(ସ୍ୱ.ପ୍ର.): ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟ ପରିସରରେ ଆସନ୍ତା ୨୦ରେ ଏକ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବ । ପ୍ରଶାସନ ପକ୍ଷରୁ ଏ ନେଇ ପ୍ରସ୍ତୁତି ଶେଷ ହୋଇଛି । ସରକାରଙ୍କ ପକ୍ଷରୁ ଆଜାଦ୍ କି ଅମୃତ ମହୋତ୍ସବ ପାଳନ ଅବସରରେ ଆୟୋଜିତ ମେଗା ସ୍ୱାସ୍ଥ୍ୟମେଳା ପୂର୍ବାହ୍ନ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହେବ ବୋଲି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟଚିକିତ୍ସା ଅଧିକାରୀ ଡା. ଅଭିସାର ପଣ୍ଡା ସୂଚନା ଦେଇଛନ୍ତି । ମେଗାସ୍ୱାସ୍ଥ୍ୟମେଳାରେ ଅଭିଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରିବେ । ଜନସାଧାରଣ ଏହାର ସୁଯୋଗ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

ମା' ହିଙ୍ଗୁଳା ଠାକୁରାଣୀଙ୍କ ଜନ୍ମୋତ୍ସବ

ଖଣ୍ଡପଡ଼ା,୧୬।୪(ସ୍ୱ.ପ୍ର.): କଣ୍ଟିଲୋ ହାଟମୁଣ୍ଡପାଟଣାସ୍ଥିତ ମା' ହିଙ୍ଗୁଳା ଦେବୀଙ୍କ ଜନ୍ମୋତ୍ସବ ପବିତ୍ର ଚୈତ୍ର ପୂର୍ଣ୍ଣିମାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଶନିବାର ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା।। ସନ୍ଧ୍ୟାରେ ଭାଗବତ ମଣ୍ଡଳୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ସ୍ଥାନୀୟ ଜନସାଧାରଣ ତଥା ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

୧୫ କୁଇଣ୍ଟାଲ ମହୁଲ ଜବତ, ଜଣେ ଗିରଫ

ବାଲିଗୁଡ଼ା,୧୬।୪(ଡି.ଏନ.ଏ.): ବାଲିଗୁଡ଼ା ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ଶନିବାର ଏକ ମହୁଲ ବୋଝେଇ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ଆଶା ଦୀପ ପରିଛା। ବୁଡ଼ାଗୁଡାରୁ ବାଲିଗୁଡ଼ାକୁ ଆସୁଥିବା ଏକ ମହୁଲ ବୋଝେଇ ଗାଡ଼ିକୁ ବାଦକେତାଠାରେ ଅଟକାଇ ତନଖି କରାଯାଇଥିଲା। ସେଥିରୁ ୫୨ ବସ୍ତା ତଥା ୧୫ କୁଇଣ୍ଟାଲ ୬୦ କେଜି ମହୁଲ ଜବତ କରାଯାଇଥିଲା। ଏ ନେଇ ନଂ. ୩/୨୨ରେ ଏକ ମାମଲା ରୁଜ କରାଯାଇ ଡ୍ରାଇଭରକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରି ବିଭାଗର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି।

ବିପ୍ଳବୀ ଗୋବିନ୍ଦ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ଦଶପଲ୍ଲା,୧୬।୪(ଡି.ଏନ.ଏ.): ବିପ୍ଳବୀ ଗୋବିନ୍ଦ ମିଶ୍ର ସ୍ମୃତି ପରିଷଦ ଓ ସାହିତ୍ୟ ଅନୁଷ୍ଠାନ 'ଗଠନ ପରିବାର' ମିଳିତ ଆନୁକୂଲ୍ୟରେ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ୫୬ତମ ଶ୍ରାଦ୍ଧ ବାର୍ଷିକୀ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ମନୋରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ ଗୋବିନ୍ଦ ମିଶ୍ର ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ରହି କିଭଳି ମୁଖ୍ୟ ଅନୁଗାମୀ ଭାବେ ସ୍ୱାଧନତା ସଂଗ୍ରାମ ପାଇଁ କାମ କରିଥିଲେ ତାହା ବର୍ଣ୍ଣନା କରିଥିଲେ । ଡାକ୍ତର ଅନ୍ତର୍ଯ୍ୟାମୀ ଲୁୟାଁଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ ରଘୁନାଥ ସାହୁ ଓ ବିଶ୍ୱେଶ୍ୱର ବେହେରା ସଂଯୋଜନା କରିଥିବା ବେଳେ କବି କଳାଚାନ୍ଦଙ୍କ 'ବ୍ୟଙ୍ଗ ବଟିକା' ଓ ଦିନେଶ ଦାସଙ୍କ ପ୍ରାମାଣିକ ଚିତ୍ର 'ବିପ୍ଳବୀ ଗୋବିନ୍ଦ' ପୁସ୍ତକ ଉନ୍ମୋଚନ କରାଯାଇଥିଲା । ପରେ ଆୟୋଜିତ ବିଜ୍ଞାନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପଦ୍ମଚରଣ ମିଶ୍ରଙ୍କ ସ୍ମୃତିରେ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ସମ୍ମାନିତ ଅତିଥି ଭାବେ ଦିନେଶ ଦାସ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ମୁଖ୍ୟବକ୍ତା ଭାବେ ନୀଳମାଧବ ମହାବିଦ୍ୟାଳୟ ଅଧକ୍ଷ ବି.ପବିତ୍ର ମୋହନ ସୁବୁଦ୍ଧି ଯୋଗ ଦେଇଥିଲେ । ଗଠନ ପରିବାର ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଶନିବାର କାଳବୈଶାଖୀରେ ଭାଙ୍ଗିପଡ଼ିଥିବା ଗଛ ଓ ବିଦ୍ୟୁତ୍‌ଖୁଣ୍ଟ ।

ଅପରାହ୍ନରେ କାଳବୈଶାଖୀ

- ୩ ଦିନ ଧରି ୪ ଗାଁରେ ବିଦ୍ୟୁତ୍ ବ୍ୟବସ୍ଥା ଅଚଳ
- ଗୁଳୁଗୁଳି ଯୋଗୁ ଲୋକମାନେ ଅତିଷ୍ଠ
- ବିଦ୍ୟୁତ୍ କାଟ୍ ଯୋଗୁ ଲୋକେ ଛଟପଟ

ନୟାଗଡ଼ ଅଫିସ,୧୬।୪

ଅପରାହ୍ନରେ ମାଡ଼ି ଆସୁଛି କାଳବୈଖାଖି । ଏହାର ପ୍ରଭାବରେ କେଉଁଠି ବଡ଼ବଡ଼ ଗଛ ଉପୁଡ଼ି ପଡୁଛି ତ ଆଉ କେଉଁଠି ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗି ଯାଉଛି। ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ସାଧାରଣ ଲୋକଙ୍କୁ ବ୍ୟତିବ୍ୟସ୍ତ କରି ପକାଉଛି । ଏଭଳିସ୍ଥଳେ ବିଦ୍ୟୁତ୍ କାଟରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଅନ୍ୟପକ୍ଷେ ବର୍ଷା ଓ ପବନ ଯୋଗୁ ଜିଲାର ବିଭିନ୍ନ ଗାଁରେ ବିଦ୍ୟୁତ୍ କାଟ ବହୁ ସମୟ ଧରି ହେଉଥିବା ଅଭିଯୋଗ ହେଉଛି । ବୁଧବାର କାଳବୈଖାଖିରେ ନୟାଗଡ଼ ବ୍ଲକର ଖୁଣ୍ଟୁବନ୍ଧ ପଞ୍ଚାୟତରେ ଷଠିଆପଲ୍ଲୀ ଓ ବେଗୁନିଆପାଟଣାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିଲା। ଏଣୁ ଷଠିଆପଲ୍ଲୀ, ଜାମୁସାହି, ଗୋଡିସାହି, ବେଗୁନିଆପାଟଣା ଆଦି ୪ଟି ଗାଁ ବୁଧବାରଠାରୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇ ରହିଛି । ସ୍ଥାନୀୟ ବାସିନ୍ଦା ଏନେଇ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅବଗତ କରାଉଥିଲେ ମଧ୍ୟ ସୁଫଳ ମିଳୁନି । ଷଠିଆପଲ୍ଲି ଲୋକଙ୍କ ବାରମ୍ବାର ପ୍ରତିବାଦ ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଗୁରୁବାର ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଛି । ତେବେ ତାର ଟଣା ଯାଉନି କି ବିଦ୍ୟୁତ୍ ସଂଯୋଗ ଦିଆଯାଉନି ।

ଦଶପଲ୍ଲାରେ କୁଆପଥର ବୃଷ୍ଟି

ଦଶପଲ୍ଲା ସହର ଓ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର କୁଆପଥର ବର୍ଷା ହୋଇଥିଲା । ପ୍ରାୟ ୧୦ ମିନିଟ୍ ଧରି ବର୍ଷାରେ କୁଆପଥର ପଡ଼ିଥିଲା । ସନ୍ଧ୍ୟା ପର୍ଯ୍ୟନ୍ତ ସେଠାରେ ବିଦ୍ୟୁତ୍ ନ ଥିଲା । ସେହିପରି କଳାବୈଶାଖୀ ପ୍ରଭାବରେ ଖମାରସାହି ପଞ୍ଚାୟତ ଡମାହାଣ୍ଡିଠାରେ ବହୁ ବଡ଼ଗଛ ଭାଙ୍ଗି ପଡିଛି । ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଉପରେ ଡମାହାଣ୍ଡିଠାରେ ବିରାଟ ଗଛ ଉପୁଡି ପଡିଥିଲା ।

ଭାଙ୍ଗିପଡ଼ିଥିବା ଗଛକୁ ଜଣେ ଅଗ୍ନିଶମ କର୍ମଚାରୀ କାଟୁଛନ୍ତି ।

ଏଣୁ ଯାନବାହାନ ଚଳାଚଳ ବନ୍ଦ ଥିଲା । ସନ୍ଧ୍ୟାପରେ ଦଶପଲ୍ଲା ଓ ନୂଆଗାଁ ଦମକଳକେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ଗଛ କାଟିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଛି । ତେବେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସଂପୃକ୍ତ ଅଞ୍ଚଳ ରାତିରେ ଅନ୍ଧାରରେ ରହିଛି ।

ଓଡ଼ଗାଁରେ ତୁହାକୁ ତୁହା ବର୍ଷା

ଓଡ଼ଗାଁ,୧୬।୪(ସ୍ୱ.ପ୍ର.): ଶନିବାର ଅପରାହ୍ନ ୩ଟାରୁ ଓଡ଼ଗାଁ ଓ ତାର ଆଖିପାଖ ଅଞ୍ଚଳରେ କାଳ ବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘଡଘଡି ଓ ବଜ୍ରପାତ ସହିତ ତୁହାକୁ ତୁହା ମୂଷଳ ଧାରାରେ ବର୍ଷା ଚାଲିଛି । ବର୍ଷା ଆରମ୍ଭରୁ ହିଁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ସନ୍ଧ୍ୟା ପରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପ୍ରବଳ ବେଗରେ ପବନ ଯୋଗୁ ବହୁ ଚାଳ ଘରର ଛପର ଉଡିଯାଇଥିବା ବେଳେ ଏନେଇ କ୍ଷୟକ୍ଷତିର କୌଣସି ସୂଚନା ହସ୍ତଗତ ହୋଇନାହିଁ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବସ୍ଥାରେ ସୁଧାର ଆସିନାହିଁ ।

ଚାନ୍ଦା ପାଇଁ ଡ୍ରାଇଭରଙ୍କୁ ପିଟିଲେ

- ପଥର ମାରି ଫଟାଇ ଦେଲେ ଟ୍ରକ ତେଲ ଟାଙ୍କି
- ପ୍ରତିବାଦରେ ଗଣିଆ ଥାନା ସମ୍ମୁଖରେ ବିକ୍ଷୋଭ

ନୟାଗଡ଼ ଅଫିସ/ଗଣିଆ, ୧୬।୪(ଡି.ଏନ୍.ଏ.)

ଚାନ୍ଦା ପାଇଁ ନୟାଗଡ଼ ଜିଲା ଗଣିଆ ଥାନା ଅଧୀନ ଗଣିଆ ବଜାରରେ ଜଣେ ଟ୍ରକ ଡ୍ରାଇଭରକୁ ଗାଳିଗୁଲଜ ସହ ମାରପିଟ୍ ହୋଇଛି । ଏନେଇ ଟ୍ରକ ଡ୍ରାଇଭର ସଂଘ ପକ୍ଷରୁ ଗଣିଆ ଥାନା ସମ୍ମୁଖରେ ଶୁକ୍ରବାର ରାତିରୁ ଶନିବାର ପୂର୍ବାହ୍ନ ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା । ତେବେ ପୋଲିସ ଉଭୟଙ୍କୁ ବୁଝାଶୁଝା କରି ଧାରଣା ପ୍ରତ୍ୟାହୃତ କରିଥିଲା । ଅଭିଯୋଗ ଅନୁସାରେ ତାଳଚେରରୁ ଓଡି୨୫ ଜେ ୧୫୦୪ ନଂର ଟ୍ରକ ଗଣିଆ ଦେଇ ଦଶପଲ୍ଲା ଯାଉଥିଲା। ଗଣିଆ ବଜାରରେ ଟ୍ରକକୁ ଅଟକାଇ ଚାନ୍ଦା ଆଦାୟ କରାଯାଉଥିଲା। ଚାନ୍ଦା ଆଦାୟ କରୁଥିବା ଯୁବକମାନେ ପିଛା କରି ଟ୍ରକର ତେଲ ଟାଙ୍କିକୁ ପଥର ମାରି ଫଟେଇ ଦେଇଥିଲେ। ଡ୍ରାଇଭରକୁ ମାଡ ମାରିଥିଲେ। ଏନେଇ ଡ୍ରାଇଭର ଫକୀର ବେହେରା ଗଣିଆ ଥାନାରେ ଅଭିଯୋଗ କରିଥିଲେ ।

ଥାନା ସମ୍ମୁଖରେ ଡ୍ରାଇଭରଙ୍କ ଧାରଣା ।

କୈବର୍ତ୍ତ ସମ୍ପ୍ରଦାୟର ଚଇତିଘୋଡ଼ା ନାଚ

ଖଣ୍ଡପଡା,୧୬।୪(ସ୍ୱ.ପ୍ର.)

ଶନିବାର ଚୈତ୍ର ପୂର୍ଣ୍ଣମୀ ତିଥିରେ କଣ୍ଟିଲୋ ଫକୀରଅତବୁଦ୍ଧିପାଟଣା ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ଗାଁ ମଧ୍ୟରେ ଥିବା ବରୁଣଦେବ ମନ୍ଦିରକୁ ଯାଇ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ । ସେହିପରି ସିଧାମୂଳା ତଳ କେଉଟ ସାହି ଓ କଣ୍ଟିଲୋ କଂସାରୀ ସାହି ପାଟଣା ଗ୍ରାମର କୈବର୍ତ୍ତମାନେ ଦାଣ୍ଡ ଦୁଆରେ ଏକ ଘୋଡ଼ା ମୁଣ୍ଡକୁ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । ଶକ୍ତି ରୁପିଣୀ ବାସୁଳୀଙ୍କ ପୂଜା ସହ ପାଳିତ ହୋଇଥିଲା ଏହି ସମ୍ପ୍ରଦାୟର କୌଳିକ ପର୍ବ ଚଇତି। ଏହି ଅବସରରେ ମା'ବାସୁଳୀଙ୍କୁ ଏକପାଟ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲା । ପ୍ରଥମେ ବାସୁଳୀ ରହୁଥିବା ମାନସ ଖଟୁଆଙ୍କ ଦୁଆରେ ପୂଜାର୍ଚ୍ଚନା କରାଯାଇ ଚାଚେରୀ ଖାଇଥିଲେ । ପରେ ବାସୁଳୀଙ୍କୁ

ଗାଁ କୋଠ ଘରକୁ ବିଜେ କରା ଯାଇଥିଲା। ସନ୍ଧ୍ୟାରେ ବାସେଳୀଙ୍କୁ ନୀଳମାଧବ ମନ୍ଦିର ସିଂହ ଦ୍ୱାରକୁ ବିଜେ କରାଯାଇ ପୂଜା କରାଯାଇଥିଲା । ସେହିପରି କଂସାରୀ ସାହି ପାଟଣା ନିଆଳୀ କୈବର୍ତ୍ତ ସଂପ୍ରଦାୟର ଲୋକମାନେ ପାଟ ପଟୁଆରରେ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରିବା ପରେ ମା'ବାସୁଳୀଙ୍କ ନିଜ କୋଠିକୁ ଆଣି ସ୍ଥାପନା କରାଯାଇଥିଲା। ସୂଚନା ଯୋଗ୍ୟ ଯେ,ଏହି ପର୍ବରେ ଅଶ୍ୱକୁ ବେଶ କରାଯାଇ ଦ୍ୱାର ଦ୍ୱାର ବୁଲି ଭୋଗ ଖାଇଥାନ୍ତି। ଘୋଡା ସବାର ହୋଇଥିବା ବ୍ୟକ୍ତିଙ୍କୁ ରାଉତ କୁହାଯାଏ। କଂସାରୀ ସାହି ପାଟଣା ଗ୍ରାମର କଳାକାର ଭୀମସେନ ମହାପାତ୍ର, ସନ୍ତୋଷ କୁମାର ବେହେରା, ଫକୀର ଅତବୁଦ୍ଧି ପାଟଣା ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ଦଳାଇ. ସମ୍ପାଦକ ଶ୍ରୀଘ୍ନ ବେହେରା ପୂର୍ବତନ ସଭାପତି ଦୟାନିଧି ବେହେରା, ସଭ୍ୟ ହରିହର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ନରମିଲା ନିଶାମୁକ୍ତି ଅଭିଯାନ

ଓଡ଼ଗାଁ,୧୬।୪(ସ୍ୱ.ପ୍ର.)

ନିଜ ଗାଁ ସମେତ ନୟାଗଡ଼ ଜିଲାକୁ ନିଶାମୁକ୍ତ କରିବାକୁ ସଂକଳ୍ପ ନେଇଥିବା ସଂଗଠକ ରଘୁନାଥ ପ୍ରଧାନଙ୍କ ବିୟୋଗରେ ତାଙ୍କ ଅଭିଯାନ ନରମୀ ଯାଇଛି। ନିଜ କୋମଣ୍ଡ ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ଉଦ୍ୟମ କରିଥିବା ଅବସରପ୍ରାପ୍ତ ଶିକ୍ଷକ ରଘୁନାଥଙ୍କ ଅକାଳ ବିୟୋଗରେ କୋମଣ୍ଡ ଗ୍ରାମପଞ୍ଚାୟତରେ ଶୋକ ଛାୟା ଖେଳି ଯାଇଛି। ତାଙ୍କ ଉଦ୍ୟମରେ ମାର୍ଚ୍ଚ ୧୬ରେ କୋମଣ୍ଡଠାରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଅନୁଷ୍ଠିତ ହୋଇଥିଲା। ସଚେତନତା ସଭାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ନିଶାନବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ, ମହିଳା ମଦମୁକ୍ତ ଅଭିଯାନର ଆବାହିକା ଅପନ୍ନା ନାୟକ, ଗୀତାଞ୍ଜଳି ଦଳେଇ, କୋମଣ୍ଡ ସମିତି ସଭ୍ୟ ତଥା ବର୍ତମାନ ଓଡ଼ଗାଁ ବ୍ଲକ ଉପାଧକ୍ଷା ମୀରା ନାୟକ, ସରପଞ୍ଚ ଦିପିକା ସେଠୀ ପ୍ରମୁଖ ମଦମୁକ୍ତ କୋମଣ୍ଡ ପାଇଁ ସଙ୍କଳ୍ପ ନେଇଥିଲେ । ହେଲେ ରଘୁ ସାରଙ୍କ ନିଶାମୁକ୍ତ ସମାଜ ଗଠନ ସ୍ୱପ୍ନ ଅଧୁରା ରହିଗଲା ବୋଲି ଆଲୋଚନା ହେଉଛି ।

୧୦ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

ଦାନା ବାନ୍ଧୁଛି ଆନ୍ଦୋଳନ

ଖଣ୍ଡପଡ଼ା,୧୬।୪(ସ୍ୱ.ପ୍ର.)

ଗତ କିଛି ମାସ ହେବ କ୍ରମାଗତ ଭାବେ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ କାଟ୍ ସହିତ ଲୋଭୋଲ୍‌ଟେଜ ସମସ୍ୟା ଲାଗି ରହିଛି । ଏହାକୁ ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିବାଦ ତଥା ଉପରୋକ୍ତ ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଥିବା ଖଣ୍ଡପଡ଼ା ଓ ଭାପୁର ବ୍ଲକ୍ ଉପଭୋକ୍ତାମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଜନପ୍ରତିନିଧିମାନେ ଏହି ଆନ୍ଦୋଳନକୁ ସମର୍ଥକ କରିବେ ବୋଲି କହିଛନ୍ତି । ଅଧିକାଂଶ ସମୟରେ ଦୈନିକ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ ସରବରାହ ବ୍ୟାହତ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କୁ ଅତିଷ୍ଠ କରିଛି । ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଛି । ସକାଳ ୯ଟାରୁ ଗୁଳୁଗୁଳି ଆରମ୍ଭ ହୋଇଯାଉଛି। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି । ଏପରି ସ୍ଥିତିରେ ଗତ କିଛି ଦିନ ହେବ ବିଦ୍ୟୁତ୍ କାଟ ଚିନ୍ତାର ବିଷୟ ହୋଇଛି । ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଓ ମନମାନି ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନାହିଁ । ଏ ସମ୍ପର୍କରେ ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଅନିଲ କୁମାର ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ରାଜପାଟଣା ଗ୍ରୀଡରୁ ଖଣ୍ଡପଡ଼ାକୁ ଆସିଥିବା ୩୩ କେଭି ବିଦ୍ୟୁତ୍ ଲାଇନ ଅଧିକାଂଶ ସମୟରେ ଖରାପ ରହୁଛି। ଏଥିପାଇଁ ରାଜପାଟଣାରୁ ଦଶପଲ୍ଲା ଯାଇଥିବା ୩୩ କେଭି ଲାଇନରୁ କଣ୍ଟିଲୋ ଓ ଖଣ୍ଡପଡ଼ାକୁ ଫିଡ୍‌ବ୍ୟାକ୍ ଦିଆଯାଇ ବିଦ୍ୟୁତ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଦଶପଲ୍ଲା – ଗଣିଆ ଅଞ୍ଚଳରେ ଅଧିକ ଲୋଡ୍ ନେଉ ଥିବାରୁ ଲୋଭୋଲଟେଜ୍ ସମସ୍ୟା ସୃଷ୍ଟି ହେଉଛି । ନୟାଗଡ଼–ଖଣ୍ଡପଡ଼ା–କଣ୍ଟିଲୋ ଲାଇନକୁ ନବୀକରଣ ପରେ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହେବ ବୋଲି ଏସ୍‌ଡିଓ ସାହୁ ସୂଚନା ଦେଇଛନ୍ତି ।

ମୁଖ୍ୟ ଅଭିଯୁକ୍ତଙ୍କ ସହ ଏଏନ୍‌ଏମ୍ ଟିଚର ଜେଲ ଗଲେ

ନୟାଗଡ଼ ଅଫିସ,୧୬।୪

ଦଣ୍ଡ ଶୋଭାଯାତ୍ରାକୁ ନେଇ ନବୀର ପରିଡ଼ା ନାମକ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ନୟାଗଡ଼ ଟାଉନ ଥାନା ପୋଲିସ ଦେଉଳପଲ୍ଲୀ ଗାଁର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରବୀନ୍ଦ୍ର ନାଥ ପ୍ରଧାନ(୬୦)ଙ୍କୁ ଗିରଫ କରିଛି। ସେହିପରି ରବୀନ୍ଦ୍ରଙ୍କୁ ନିଜ ଦଶପଲ୍ଲା ଘରେ ସୁରକ୍ଷା ଦେଇଥିବା ଅଭିଯୋଗରେ ପୋଲିସ ଜଣେ ଏଏନ୍‌ଏମ୍ ଟିଚର ରଶ୍ମିତା ଜେନା(୪୨)ଙ୍କୁ ଗିରଫ କରିଛି । ରଶ୍ମିତାଙ୍କ ଘର ଖୋର୍ଦ୍ଧା ଜିଲା ବୋଲଗଡ଼ରେ । ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପୋଲିସ ଦଶପଲ୍ଲାରୁ ସଂପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଥିଲା । ବୁଧବାର ରାତିରେ ଦଣ୍ଡପର୍ବ ଶୋଭାଯାତ୍ରାକୁ ନେଇ ସୃଷ୍ଟ ବିବାଦ ଯୋଗୁ ନୟାଗଡ଼ ଟାଉନ ଥାନା ଦୁର୍ଗାପ୍ରସାଦ ଗାଁର ଯୁବ ଇଞ୍ଜିନିୟର ନବୀନ(୨୬)ଙ୍କୁ

କନିଷ୍ଠ ଯନ୍ତ୍ରୀଙ୍କୁ ଅପହରଣ, ହତ୍ୟା ଘଟଣା

ହତ୍ୟା କରାଯାଇଥିଲା । ଦେଉଳପଲ୍ଲୀ ଗାଁଲୋକ ନବୀନଙ୍କୁ ହତ୍ୟା କରି ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି । ସେହିପରି ସିନ୍ଦୁରିଆ ଲୋକନାଥ ମନ୍ଦିରରେ ଦୁର୍ଗାପ୍ରସାଦର ଦଣ୍ଡୁଆମାନଙ୍କୁ ତାଲା ପକାଇ ପ୍ରାୟ ଅଧ ଘଣ୍ଟାଏ ଧରି

ସଂକ୍ଷେପରେ

ଦୁର୍ଘଟଣାରେ ଯୁବକ ମୃତ

ଫୁଲବାଣୀ ଅଫିସ, ୧୬।୪: ଫିରିଙ୍ଗିଆ ବ୍ଲକ ସଖିପଡା ଗାଁର ଯୁବକ ଶିଶିର ବିଷୋୟୀ(୨୪) ଦୁର୍ଘଟଣାର ଶୀକାର ହୋଇ ଚିକିତ୍ସିତ ହେଉଥିଲେ । ଶନିବାର ତାଙ୍କର ମୃତ୍ୟୁ ଘଟିଛି । ଗତ ୧୪ରେ ଶିଶିର କେଳାପଡାଠାରୁ ନିଜ ଗାଁ ସଖିପଡାକୁ ଏକ ବାଇକ୍‌ରେ ଫେରୁଥିଲେ । ଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ପିଜୁଳି ଗଛରେ ଗାଡିକୁ ପିଟି ଦେଇଥିଲେ । ଏଥିରେ ଶିଶିରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ପରିବାର ଲୋକେ ତାଙ୍କୁ ପ୍ରଥମେ ଫିରିଙ୍ଗିଆ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ ଭୁବନେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

୧୨୧ ୟୁନିଟ୍ ରକ୍ତ ସଂଗୃହୀତ

ଧରାକୋଟ ୧୬।୪(ଡି.ଏନ୍.ଏ.): ଧରାକୋଟ ଥାନା ପରିସରରେ ଶନିବାର ଆମ ପୋଲିସ ସମିତି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଧରାକୋଟ ଥାନାଧିକାରୀ ଉମାକାନ୍ତ ସାହୁ ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ପରିଷଦ ସଭାପତି ଅଞ୍ଜଳି ସ୍ୱାଇଁ ଏହାର ଉଦ୍‌ଘାଟନ କରିଥିଲେ। ଅତିଥି ରୂପେ ଆଇପିଏସ୍ ଅଧିକାରୀ ନାଚିକେତା ସାଲକେ, ଆସିକା ଉପଖଣ୍ଡ ଥାନା ଅଧିକାରୀ ଉମାଶଙ୍କର ସିଂ, ବିଡିଓ ଡେନିଷ ବେହେରା, ତହସିଲଦାର କବିରାଜ ପ୍ରଧାନ, ସୋରଦା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଅଧକ୍ଷ ଅକ୍ଷୟ ପଟ୍ଟନାୟକ, ଏବିଇଓ ପ୍ରଦୀପ କୁମାର ହୋତା, ଉମାଚରଣ ପାଣିଗ୍ରାହୀ, ବୁଚିରାଓ ଦୋରା, ଶିକ୍ଷାବିତ୍ ବିମଳ ପ୍ରସାଦ ପଟ୍ଟନାୟକ, ଡ. ସଚ୍ଚିଦାନନ୍ଦ ବିଶୋଇ, ବିପିସି ନୀଳାଚଳ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିରରୁ ମୋଟ ୧୨୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

ସାହିତ୍ୟିକଙ୍କ ପରଲୋକ

ଦିଗପହଣ୍ଡି,୧୬।୪(ଡି.ଏନ୍.ଏ.): ଦିଗପହଣ୍ଡି ବଡ଼ ବ୍ରାହ୍ମଣ ସାହିରେ ରହୁଥିବା ସାହିତ୍ୟିକ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ଶ୍ୟାମସୁନ୍ଦର ଦାଶ(୯୨)ଙ୍କ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଗତ କିଛି ଦିନ ଧରି ଅସୁସ୍ଥ ଥିବା ବେଳେ ଗୁରୁବାର ତାଙ୍କ ଶ୍ୱାସକ୍ରିୟା ବନ୍ଦ ହୋଇ ଯାଇଥିଲା। ସାହିତ୍ୟ ରଚନା କରିବାରେ ତାଙ୍କର ଯଥେଷ୍ଟ ଆଗ୍ରହ ରହିଥିଲା। ତାଙ୍କ ପରଲୋକ ଖବର ପାଇ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା। ସାହିତ୍ୟିକ ଦାଶଙ୍କ ବିୟୋଗରେ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା, ଉପାଧକ୍ଷା କାପୁଲୁ ପୂଜା, ଜଗବନ୍ଧୁ ମିଶ୍ର, ଅଶ୍ୱିନୀ କୁମାର ଦାଶ, କୁରେଶୁ ପଣ୍ଡା, ହରପ୍ରସାଦ ରଥ, ଅଶେଷ ନାଥ ମିଶ୍ର, ଯୁଧିଷ୍ଠିର ସ୍ୱାଇଁ, ରାଜେନ୍ଦ୍ର ମହାପାତ୍ର, କାଳୁ ଚରଣ ପାଣିଗ୍ରାହୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ

ହିଞ୍ଜିଳିକାଟୁ,୧୬।୪(ଡି.ଏନ୍.ଏ.): ହିଞ୍ଜିଳିକାଟୁ ସରକାରୀ ବୃନ୍ଦାବନ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ଦ୍ୱାରା ଶନିବାର ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ବିପର୍ଯ୍ୟୟ ବେଳେ ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟକୁ ବିପଦରୁ ରକ୍ଷା କରିବା କଳା କୌଶଳକୁ ଅଗ୍ନିଶମ କର୍ମଚାରୀମାନେ ପ୍ରଦର୍ଶନ କରିଥିଲେ। ଅଗ୍ନିଶମ ବାହିନୀର ଅଧିକାରୀ ଗୌତମ ସାହୁଙ୍କ ନେତୃତ୍ୱରେ ବିଭାଗର କର୍ମଚାରୀ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନି ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୩୪ ଶୈକ୍ଷିକ ଶିକ୍ଷଣ ପ୍ରକଳ୍ପ ପ୍ରଦର୍ଶନୀ

କବିସୂର୍ଯ୍ୟନଗର,୧୬।୪(ଡି.ଏନ.ଏ.)- କବିସୂର୍ଯ୍ୟନଗର ଏନ୍‌ଏସି ବୃନ୍ଦାବତୀ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପାଣିଙ୍କ ସଭାପତିତ୍ୱରେ ଏକ ଶୈକ୍ଷିକ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ଆରତୀବାଳା ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଏବିଇଓ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖର ହାଇସ୍କୁଲ ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀ, ମର୍ଦ୍ଧରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇଥିଲେ। ୧୧ କ୍ଲଷ୍ଟରରୁ ୩୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉକ୍ତ ବ୍ଲକ ସ୍ତରୀୟ ଶିକ୍ଷଣ ପ୍ରଦର୍ଶନୀର ପ୍ରଥମ, ଦ୍ୱିତୀୟ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

ଏନ୍‌ଏଚ୍-୧୬ରେ ବେଆଇନ ପାର୍କିଂ

ଗୋପାଳପୁର,୧୬।୪ (ଡି.ଏନ.ଏ.)

ଜନସାଧାରଣଙ୍କ ଗମନାଗମନ ସୁବିଧା ଓ ଦୁର୍ଘଟଣା ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସଡ଼କ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେଉଁଠି ଠିକା ସଂସ୍ଥାର ମନମାନୀ ତ କେଉଁଠି ପରିବହନ ବିଭାଗର ଅବହେଳାରୁ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଥିବା ଦେଖିବାକୁ

ପରିବହନ ଅଧିକାରୀଙ୍କ ପଡୁନି ନଜର

ମିଳୁଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାକୁ ସଂଯୋଗ କରୁଥିବା ୧୬ ନଂ ଜାତୀୟ ରାଜପଥରେ। କନିଷି ଢାବା ସାମ୍ନା ଓ ପାର୍ଶ୍ୱ ପାଲଟିଛି ଏକ ପ୍ରକାର ପାର୍କିଂ ଜୋନ। ଜାତୀୟ ରାଜପଥରେ ମାଳମାଳ ଟ୍ରକ୍ ବେଆଇନ ପାର୍କିଂ କରିବା ସହ କନିଷି ହାଟରୁ ହଳଦିଆପଦର ଓଭର ବ୍ରିଜ୍‌କୁ ସଂଯୋଗ କରୁଥିବା ସର୍ଭିସ ରୋଡ୍‌କୁ ଏକ ନିର୍ଦ୍ଦିଷ୍ଟ ଟ୍ରକ୍ ସଂଘ ଅବରୋଧ କରି ୧୬ ଚକିଆ ଟ୍ରକ୍ ପାର୍କିଂ କରିବା ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ବେଆଇନ ପାର୍କିଂ ଯୋଗୁ ଧୂଳିଧୂସର ଉଡି ପରିବେଶ ପ୍ରଦୂଷଣ ହେବା ସହ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପଥଚାରୀ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ରାଜପଥ ଦେଇ ରାଜନେତାଠାରୁ ଆରମ୍ଭ କରି ଆରଡିସି, ଜିଲାପାଳ, ପୋଲିସ, ପରିବହନ ବିଭାଗର ଅଧିକାରୀ ଯାତାୟାତ କରୁଥିବା ବେଳେ ଏଥିପ୍ରତି କାହାର ଦୃଷ୍ଟି ନ ପଡିବା ଏକ ପ୍ରକାର ସନ୍ଦେହ ସୃଷ୍ଟି କରିଛି। ପ୍ରତିଦିନ ଶହଶହ ଭାରୀଯାନ ଯିବା ଆସିବା କରୁଥିବା ବେଳେ ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ କହିଛନ୍ତି। ପରିବହନ ବିଭାଗର ଅଧିକାରୀମାନେ ପ୍ରତିଦିନ ରାଜପଥ ଉପରେ ବିଭିନ୍ନ ସମ୍ବେଦନଶୀଳ ବା ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଭାରିଯାନ ଗୁଡିକୁ ରୋଡ୍‌ରେ ଦୀର୍ଘ ସମୟ ଧରି ଅଟକାଇବା ସହ ଓଭର ଲୋଡିଂ ଓ କାଗଜପତ୍ର ଯାଞ୍ଚ କରୁଥିବା ବେଳେ ବେଆଇନ ପାର୍କିଂ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ଗ୍ରହଣ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଅନ୍ୟପଟେ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ହଳଦିଆପଦର ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଜାରୀ ରହିଥିବା ଯୋଗୁ ରାସ୍ତାର ଦୁଇପାର୍ଶ୍ୱ ସଙ୍କୁଚିତ କରାଯାଇଛି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ପୁଣି ରାଜପଥରେ ବେଆଇନ ପାର୍କିଂ ଯାହାକି ପଥଚାରୀଙ୍କ ପାଇଁ ଏକ ପ୍ରକାର କାଳ ହୋଇଛି। ଏ ନେଇ ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ବିଭାଗୀୟ ଅଧିକାରୀ ଶୀଘ୍ର ଘଟଣାସ୍ଥଳକୁ ଯାଇ ଦେଖିବେ ଯଦି ରାଜପଥରେ ବେଆଇନ ଭାବେ ପାର୍କିଂ କରିଥିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବ୍ରହ୍ମପୁର ସଦର ଏସ୍‌ଡିପିଓ ଶିବଶଙ୍କର ମହାପାତ୍ର ତାଙ୍କୁ ପଚାରିବାରୁ ରାଜପଥ ଅବରୋଧ କରି ପାର୍କିଂ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ତୁରନ୍ତ ରାଜପଥରୁ ବେଆଇନ ପାର୍କିଂ ହଟେଇବାକୁ ସାଧାରଣରେ ଦାବି ହୋଇଛି।

ଏନ୍‌ଏଚ୍-୧୬ରେ ବେଆଇନ ଭାବେ ପାର୍କିଂ ହୋଇଥିବା ଟ୍ରକ୍ ।

ରାସ୍ତା ନାହିଁ, ଦୋଳାରେ ବୁହା ହେଲେ ରୋଗୀ

ଜଣେ ରୋଗୀଙ୍କୁ ଗ୍ରାମବାସୀ ଦୋଳାରେ ନେଉଛନ୍ତି।

ପାରଳାଖେମୁଣ୍ଡି,୧୬।୪(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ବ୍ଲକର ଅନେକ ସ୍ଥାନରେ ଏବେ ମଧ୍ୟ ରାସ୍ତା ଅପହଞ୍ଚ। ଫଳରେ ରୋଗୀଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍ଚ୍ଚବା ପଞ୍ଚାୟତର ଟାକୁରୁମା ଗ୍ରାମକୁ ରାସ୍ତା ନ ଥିବାରୁ ଏଶୋର ମାଝୀ (୪୫) ନାମକ ବ୍ୟକ୍ତି ପଡିଯାଇ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ମୋହନା ମେଡିକାଲକୁ ଆଣିବା ପାଇଁ ଗ୍ରାମବାସୀ ୧ କି.ମି. ଦୋଳାରେ ବୋହି ଆଣିଥିଲେ। କୁଟିଗୁଡା ଗ୍ରାମ ପର୍ଯ୍ୟନ୍ତ ସେଠାରୁ ଏକ ଅଟୋ ଯୋଗେ ମୋହନା ମେଡିକାଲକୁ ଆଣି ପହଞ୍ଚାଇଲେ। ସେହିପରି ଅନେକ ବାର ରାସ୍ତା ନ ଥିବାରୁ ଗର୍ଭବତୀ ମହିଳାଙ୍କୁ ଆଣିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ।

କାଳ ବୈଶାଖୀରେ ଭାଙ୍ଗିଲା ଗଛ

ଭାଙ୍ଗି ଯାଇଥିବା ଗଛ।

ପୋଲସରା,୧୬।୪(ଡି.ଏନ.ଏ.)

ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଶନିବାର ହଠାତ କାଳ ବୈଶାଖୀ ବର୍ଷା ପବନ ସାଙ୍ଗକୁ ବିଜୁଳି ଘଡ଼ଘଡି ହୋଇଥିଲା। ପ୍ରବଳ ବର୍ଷା ପବନ ଯୋଗୁ ପୋଲସରା ଉଭୟ ପାର୍ଶ୍ୱରେ ଥିବା ଦୋକାନ ଗୃହ ଗୁଡ଼ିକର ଟିଣ ଚାଦର ଓ ତମ୍ବୁ ଉଡିବାରେ ଲାଗିଲା। ମୁଖ୍ୟ ସଡ଼କର ଡିଭାଇଡ଼ର ମଝିରେ ଥିବା ବହୁ ମୂଲ୍ୟବାନ ଗଛ ଗୁଡ଼ିକ କାଳ ବୈଶାଖୀର ପବନ ମାଡ଼ରେ ତଳେ ପଡିଯାଇଥିଲା। ଫଳରେ କିଛି ସମୟ ପାଇଁ ଯାତାୟାତ ପ୍ରଭାବିତ ହୋଇଥିଲା।

ସ୍କୁଲ ପିଲାଙ୍କ ଲାଗି ନଳକୂପ ସଜାଡ଼ିଲେ ସରପଞ୍ଚ

ଫୁଲବାଣୀ ଅଫିସ, ୧୬।୪

ସ୍କୁଲରେ ପାଣି ସମସ୍ୟା ଦୀର୍ଘ ଦୁଇ ବର୍ଷ ଧରି ଲାଗି ରହିଥିଲା। ଏବେ ଖରାଦିନ। ପାଣି ପାଇଁ ପିଲାମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ। ଖବର ପାଇ ସ୍ଥାନୀୟ ସରପଞ୍ଚ ଗାଁର କେତେଜଣ ଲୋକଙ୍କୁ ନେଇ ସ୍କୁଲରେ ଖରାପ ହୋଇ ପଡିଥିବା ନଳକୂପ ପାଖରେ ପହଞ୍ଚି ସଜାଡି ଥିଲେ। ଶେଷରେ ପାଣି ବାହାରିଲା ଏବଂ ପିଲାଙ୍କ ମୁହଁରେ ହସ ଫୁଟିଲା। କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତର ଲାମପଦର ଗାଁରେ ଏଭଳି ଦେଖିବାକୁ ମିଳିଛି । ସରପଞ୍ଚ ଲାଲମୋହନ କହଁରଙ୍କୁ ଏହି ପ୍ରଚେଷ୍ଟାକୁ ନେଇ ସବୁଠି ପ୍ରସଂଶା କରାଯାଉଛି ।

ଲାମପଦର ଉନ୍ନତ ଉଚ୍ଚବିଦ୍ୟାଳୟ ପରିସରରେ ଦୁଇଟି ନଳକୂପ ରହିଛି । ଦୀର୍ଘ ଦୁଇବର୍ଷ ହେବ ଏହି ନଳକୂପ ଅଚଳ ହୋଇ ପଡିଥିଲା। ବହୁବାର ଅଭିଯୋଗ ପରେ ମଧ୍ୟ ଏହା ମରାମତି ହୋଇପାରୁ ନ ଥିଲା । ସରପଞ୍ଚ ହେବା ପୂର୍ବରୁ ଲାଲମୋହନ ଜଣେ ସାମାଜିକ କର୍ମୀ ଭାବରେ ଅଭିଯୋଗ କରି ଆସୁଥିଲେ । ଚଳିତ ଥର ସରପଞ୍ଚ ହେବା ନିଜେ ମରାମତି ପାଇଁ ଅଣ୍ଟା ଭିଡିଲେ । ଗାଁର ଯୁବକ ରଞ୍ଜିତ କହଁର, ଚୁଣିଆଁ କହଁର, ରାମବିଳାଶ କହଁର, ଇନ୍ଦ୍ରମଣି କହଁର ଏହି ନଳକୂପ ମରାମତି କାମରେ ସରପଞ୍ଚଙ୍କୁ ସାହାଯ୍ୟ କରିଥିଲେ। ଶେଷରେ ମରାମତି କାର୍ଯ୍ୟ ଶେଷ ହେଲା ଏବଂ ପିଲା ପାଣି ପିଇଲେ । ୧୯୧୪ରୁ ସ୍ଥାପିତ ଏହି ପୁରାତନ ବିଦ୍ୟାଳୟରେ ପ୍ରଥମରୁ ଦଶମ ଯାଏ ଶ୍ରେଣୀ ରହିଛି । ମୋଟ ୧୩୮ ଛାତ୍ରୀଛାତ୍ର ଏଠାରେ ପାଠ ପଢୁଛନ୍ତି ।

ସରପଞ୍ଚ ଅନ୍ୟମାନଙ୍କ ସହ ନଳକୂପ ମରାମତି କରୁଛନ୍ତି।

ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କ ତିନିଦିନିଆ କର୍ମଶାଳା

ପାରଳାଖେମୁଣ୍ଡି,୧୬।୪(ଡି.ଏନ୍.ଏ.)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ଭୁବନି, ଅଜୟଗଡ ଓ କୁଜାସିଂ ପଞ୍ଚାୟତରେ ଭିନ୍ନ ଭିନ୍ନ ଭାବେ ସେଠାକାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓପିଇଏଲ୍‌ଆଇପି ପ୍ରକଳ୍ପ ସହାୟତାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜନକଲ୍ୟାଣ ପ୍ରତିଷ୍ଠାନ' ପକ୍ଷରୁ ଗ୍ରାମପଞ୍ଚାୟତ ସ୍ତରୀୟ ନବ-ନିର୍ବାଚିତ ଜନପ୍ରତିନିଧିମାନଙ୍କ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା କାର୍ଯ୍ୟକ୍ରମ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନବ ନିର୍ବାଚିତ ସରପଞ୍ଚ ପ୍ରଦୀପ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ନାଏବ ସରପଞ୍ଚ ଜ୍ୟୋତି ଗମାଙ୍ଗଙ୍କ ସମେତ ୧୧ ଜଣ ସମିତି ଓ ୱାର୍ଡ ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ଭୁବନି ପଞ୍ଚାୟତ ଅଞ୍ଚଳରେ ରହିଥିବା ବିଭିନ୍ନ ପ୍ରକାରର ସାମଗ୍ରିକ ବିକାଶ କାର୍ଯ୍ୟକ୍ରମର ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ ୨୦୨୨-୨୩ରେ କାର୍ଯ୍ୟକାରୀ ହେବାକୁ ଥିବା ବାର୍ଷିକ ଯୋଜନାଗୁଡ଼ିକ ଉପରେ ଉପସ୍ଥାପନା କରାଯାଇଥିଲା। ଓପିଇଏଲ୍‌ଆଇପି ପ୍ରକଳ୍ପର ପି. ଜୀବନ ଦାସ ଆଗାମୀ ଆର୍ଥିକବର୍ଷରେ ଜନକଲ୍ୟାଣ ପ୍ରତିଷ୍ଠାନ ଓ ଗ୍ରାମପଞ୍ଚାୟତ ସହ ଓପିଇଏଲ୍‌ଆଇପି ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ବୁଝାଇଥିଲେ।

ଗଞ୍ଜାମରେ ପୁଣି ସର୍ବସାଧାରଣଙ୍କ ଅଭିଯୋଗ ଶୁଣାଣି

ଛତ୍ରପୁର,୧୬।୪(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ପୁଣି ଆରମ୍ଭ ହେବ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି। ଏହା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ପ୍ରେସ ବିଜ୍ଞପ୍ତିରେ ଶନିବାର ଜଣାଇଛନ୍ତି। ଜିଲାରେ ପୂର୍ବରୁ ଚାଲିଥିବା ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା। ଏହି ଅଭିଯୋଗ ଚଳିତ ଏପ୍ରିଲ ୧୮ ରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଛତ୍ରପୁର ଜଉଗଡ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ ଟାରୁ ୧୧ ଟା ପର୍ଯ୍ୟନ୍ତ ଦିବ୍ୟାଙ୍ଗମାନଙ୍କ ସମାଧାନ ଶୁଣାଣି ହେବ। ୧୧ଟାରୁ ସର୍ବସାଧାରଣଙ୍କ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, କରୋନା ଲାଗି ଅନଲାଇନ୍‌ରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ହୋଇଆସୁଥିଲେ ମଧ୍ୟ ପ୍ରତ୍ୟକ୍ଷ ଭାବେ ଜନସାଧାରଣ ଛତ୍ରପୁର ଆସି ଜିଲ୍ଲାପାଳଙ୍କୁ ଭେଟି ନିଜ ଅଭିଯୋଗ ଜଣାଇପାରୁ ନ ଥିଲେ। ଗତ ଦୁଇ ସପ୍ତାହ ହେଲା ଦିବ୍ୟାଙ୍ଗମାନଙ୍କ ପାଇଁ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଥିଲା ଏବେ ଦିବ୍ୟାଙ୍ଗ ଓ ପରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଛି।

ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଗଞ୍ଜାମ/ଚିକିଟି,୧୬।୪(ଡି.ଏନ୍.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ସଲଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠ ଦିନ ବ୍ୟାପୀ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧକ୍ଷ ନିରଞ୍ଜନ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ହୁମ୍ମା ଫାଣ୍ଡି ଓଆଇସି ଦେବଦତ୍ତ ପ୍ରିୟଦର୍ଶୀ ଏବଂ ଅଧ୍ୟାପକ ଡ. ସୁଧୀରକାନ୍ତ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଆତ୍ମରକ୍ଷା ତାଲିମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ତାଲିମ ଦେଇଥିଲେ ପ୍ରଶିକ୍ଷିକା ରୀତା ଦାସ ଏବଂ ପରିଚାଳନା କରିଥିଲେ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ବନିତା ଶତପଥୀ। ଅଧ୍ୟାପକ ଗୌରହରି ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଭରତ ନାହାକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବାବୁନି ନାୟକ, ଜଗଦିଶ ବିଶ୍ୱାଳ, ଶର୍ମିଷ୍ଠା ସାମନ୍ତରାୟ ଏବଂ ଅନ୍ୟାନ୍ୟ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଚିକିଟି

ସଂକ୍ଷେପରେ

ବାଇକ୍ ଦୁର୍ଘଟଣାରେ ଗଞ୍ଜାମଶ୍ରୀଙ୍କ ବିୟୋଗ

ବୁଗୁଡ଼ା,୧୬।୪(ଡି.ଏନ.ଏ): ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଳବାଡ଼ି ନିକଟସ୍ଥ ପଙ୍କଜପଲ୍ଲୀଠାରେ ବାଇକ୍ ଦୁର୍ଘଟଣାରେ ସ୍ଥାନୀୟ ନୂଆଁ ବସଷ୍ଟାଣ୍ଡ ସମ୍ମୁଖ ଜଷ୍ଟ ଫିଟ ଜିମର ମାଲିକ ଜ୍ୟୋତି ରଞ୍ଜନ ପ୍ରଧାନ(୨୮)ଙ୍କ ଶନିବାର ଅକାଳ ବିୟୋଗ ଘଟିଛି । ଜ୍ୟୋତି ଜିମ ବନ୍ଦ କରି ବାଇକ ଯୋଗେ ନିଜ ଗ୍ରାମ ସୋରଡ଼ ଯାଉଥିବା ବେଳେ ପଙ୍କଜପଲ୍ଲୀଠାରେ ଏକ ବିଦ୍ୟୁତ୍ ଖୁଣ୍ଟରେ ବାଡେଇ ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ମେଡିକାଲ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ୧ରେ ଜିଲା ଆମେଚର୍ ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ବ୍ରହ୍ମପୁର ହିଲ ପାଟଣାସ୍ଥିତ ସଂସ୍କୃତି ଭବନଠାରେ ଆୟୋଜିତ ୪୬ ତମ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଜ୍ୟୋତି କୃତିତ୍ୱ ହାସଲ କରି ଗଞ୍ଜାମଶ୍ରୀ ଉପାଧିରେ ଭୂଷିତ ହୋଇଥିଲେ। ଏଥିସହ ସେ ୭୫ କେଜି ବର୍ଗରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ତାଙ୍କ ମୃତ୍ୟୁରେ କ୍ରୀଡ଼ାବିତଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି।

ଟାଙ୍ଗିରିପାହାଡ଼ ପାଦଦେଶରେ ଘର

ନୟାଗଡ଼ ଅଫିସ,୧୬।୪

ନୟାଗଡ଼ ମ୍ୟୁନସିପାଲିଟି ଖଣ୍ଡପଡ଼ାରୋଡର ଟାଙ୍ଗିରିପାହାଡ଼ ପାଦଦେଶରେ ଜବରଦଖଲ ବଢୁଛି। ପାଦଦେଶର ଗଛ ଓ ପାହାଡ କାଟି ବେଆଇନଭାବେ ଘର ନିର୍ମାଣ ଚାଲିଛି । କେତେଜଣ ପ୍ରଭାବଶାଳୀ ଲୋକ ଏହି ବେଆଇନ ନିର୍ମାଣ କରୁଛନ୍ତି । ବଲାଙ୍ଗୀବନ୍ଧ ସାହି ଅଞ୍ଚଳରେ ପାର୍କ ହେଉଥିବାରୁ ଧିରେ ଧିରେ ଏଠାର ଜମିର ମୂଲ୍ୟ ବଢୁଛି। ଏଣୁ ଟାଙ୍ଗିରି ପାହାଡ଼ ପାଦଦେଶକୁ ସମତୁଲ କରିବା ପରେ ପ୍ଲଟିଂ କରି ବିକ୍ରି କରିବାକୁ ମସୁଧା ଚାଲିଛି । ଏ ସଂକ୍ରାନ୍ତରେ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ବେଆଇନ ନିର୍ମାଣ ଉପରେ ଲଗାମ ଲାଗି ପାରୁନି ।

ବିଲଡର୍ ବିକୁଛନ୍ତି ପାହାଡିଆ ଜମି

ନୟାଗଡ଼ ସହରଠାରୁ ୩ କିମି ଦୂର ଶିଆଳିଖୋଲ ଡ୍ୟାମ୍ ପାଖରେ ବଳରାମ ପାହାଡ଼ ପାଦଦେଶ ବିଲଡର୍‌ଙ୍କ ଅକ୍ତିଆରରେ ରହିଛି । କେତେଜଣ ଦଲାଲ ଓ ରାଜନୈତିକ ନେତାଙ୍କ ସହାୟତାରେ ବିଲଡ୍‌ରମାନେ ଏହାକୁ ଅକ୍ତିଆର କରି ବହୁ କୋଟି ଟଙ୍କା ହଡପ୍ କରି ଚାଲିଛନ୍ତି । ପ୍ରଥମେ ରେଳପଥ ପାଇଁ ମୁଣ୍ଡିଆର ଜମିରୁ ମାଟି ଖୋଳି ମାଟି ବିକ୍ରି କରି ଭଲ ଲାଭବାନ ହୋଇଥିଲେ । ପରେ ପାହାଡ଼ ପାଦଦେଶର ଜମିକୁ ସମତୁଲ କରି ପ୍ଲଟିଂ କରି ବିକ୍ରି କରୁଛନ୍ତି । ଡିସିମିଲିକୁ ୧ରୁ ଅଢ଼େଇ ଲକ୍ଷ ଟଙ୍କାରେ ଜମି ଗୁଡିକ ବିକ୍ରି ହେଉଛି। ରେଜେଷ୍ଟ୍ରି ଜମିକୁ ଛାଡିଦେଲେ ଅବଶିଷ୍ଟ ଜମି ୧ରୁ ଦେଢ଼ ଲକ୍ଷ ଟଙ୍କାରେ ମିଳୁଛି।

ଜମି ବିକ୍ରିରେ ଚଞ୍ଚକତା

ନୟାଗଡ଼ ସହରର ଆଖପାଖ ଅଞ୍ଚଳରେ ଜମି କିଣିବାକୁ ଅଧିକାଂଶ ଲୋକ ଆଗ୍ରହୀ । ଏହାର ଫାଇଦା ନେଇଛନ୍ତି କେତେଜଣ ଦଲାଲ ଓ ବିଲଡ୍‌ର । ଜମି ବିକ୍ରିରେ ଚଞ୍ଚକତା କରି ସରକାରୀ ଜମିକୁ ଚାଲାକର ସହ ନୟାଗଡ ସହରରେ ବିକ୍ରି କରାଯାଉଛି । କାଗଜପତ୍ରରେ ଥିବା ଜମି ଭିନ୍ନ ସ୍ଥାନରେ ଥିବାବେଳେ ଦଖଲ ଦିଆଯାଉଛି ପାହାଡ ପାଦଦେଶରେ । ରେଜେଷ୍ଟ୍ରି ହେଉଥିବା ଜମିର ଡିସିମିଲି ଅଢ଼େଇ

ପାହାଡ଼ ପାଦଦେଶରେ ନିର୍ମାଣ ହୋଇଥିବା ଘର ।

- **ବେଆଇନ ନିର୍ମାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୁନ୍**
- **ସରକାରୀ ଜମି ବିକ୍ରି ପାଇଁ ଚାଲିଛି ମସୁଧା**

ଲକ୍ଷ ରହିଛି। ଜମି କ୍ରେତା ଏହି ଠକେଇ ଜାଣି ନପାରି ଜମି କିଣି ଚାଲିଛନ୍ତି। ଜମି କ୍ରେତା ଏହି ଠକେଇ ଜାଣିବାବେଳକୁ ଠକାମିରୁ ମୁକୁଳିବା କାଠିକର ପାଠ ହୋଇଯିବ । ଏହିପରି ଭାବେ ଶିଆଳିଖୋଲ ଗାଁର ଦକ୍ଷିଣ ପାର୍ଶ୍ୱ ରେ କୋଟିଏରୁ ଉର୍ଦ୍ଧ ଟଙ୍କାର ଜମି ବିକ୍ରି ଶେଷ ହେଲାଣି ।

ସୁହାଉଚି ଜବରଦଖଲ ସୁହାଉଛି

ବ୍ୟକ୍ତିଗତ ଜମି ମାଲି ଜବରଦଖଲକୁ ସୁହାଉଛି । ଏହି କାରଣରୁ ପାହାଡିଆ ଜମି ମଧ୍ୟ ସରକାରୀ ହୋଇ ବି ବିକ୍ରି ଚାଲିଛି । ବଳରାମ ପାହାଡ ପାଦ ଦେଶ ନିକଟରେ ଶିଆଳଖୋଲ ଗାଁକୁ ପଡିଥିବା ରାସ୍ତା ପାର୍ଶ୍ୱରେ ଜମି ବିକ୍ରିର କେଳେଙ୍କାରି ବହୁ ଦିନ ହେଲା ଚାଲି ଆସିଛି । ଶିଆଳିଖୋଲ ଗାଁକୁ ପଡି ଥିବା ରାସ୍ତା ନିକଟ ଦେଇ ଖୋର୍ଦ୍ଧା ବଲାଙ୍ଗୀର ରେଳପଥ ଅତିକ୍ରମ କରିଛି । ରେଳପଥ ଯୋଗୁ ବଳରାମ ପାହାଡ଼ ପାଦେଶର ଜମି ମୁଲ୍ୟବାନ ହୋଇଛି। ଏହି କାରଣରୁ କିଛି ବ୍ୟକ୍ତିଗତ ଜମି ମାଲିକ ଲାଭବାନ ହେଉଛନ୍ତି । ରେଳପଥ ଯାଇଥିବା ରାସ୍ତା ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ବ୍ୟକ୍ତିଗତ ଜମିର କିଛି ମାଲିକ ନିଜ ଜମିରୁ ସ୍ୱଳ୍ପ ବିକ୍ରି କରି ସରକାରୀ ଜମିକୁ ଅଧିକ ଦଖଲ କରି ବିକ୍ରି କରୁଛନ୍ତି। ଜମି କ୍ରେତା ସ୍ୱଳ୍ପ ଦାମରେ ଅଧିକ ଜମି ପାଉଛି । ବିକ୍ରେତା କମ ଜମି ବିକ୍ରି ଅଧିକ ଲାଭ ପାଉଛି । ଉଭୟ ଲାଭରେ ରହୁଥିବାରୁ ଅଭିଯୋଗ ଶୀତଳଭଣ୍ଡାରରେ ରହୁଛି। ଅପରପକ୍ଷେ ଶିଆଳିଖୋଲ ଡ୍ୟାମ ନିକଟରେ ଥିବା ଏହି ଅଞ୍ଚଳରେ ଏକ ମନ୍ଦିର ଗଢ଼ି ଉଠିଛି। ଏହି ମନ୍ଦିରର କିଛି ଅଂଶ ବ୍ୟକ୍ତିଗତ ଜମିରେ ଥିବାବେଳେ ଆଉ କିଛି ଅଂଶ ସରକାରୀ ଜମି ବୋଲି ଅଭିଯୋଗ ଉଠିଛି । ତଦନ୍ତ ପରେ ସବୁ ଜଣାପଡିବବୋଲି କୁହାଯାଉଛି ।

ଶ୍ରୀରାମଙ୍କ ବିଳାପ, ସୁଗ୍ରୀବଙ୍କ ଅଭିଷେକ

ବାଳୀ ସୁଗ୍ରୀବ ଲଢ଼େଇ ।

ବନବାସରେ ଶ୍ରୀରାମ,ଲକ୍ଷ୍ମଣ ।

ଶବରୀ ଶ୍ରୀରାମଙ୍କୁ ଫଳ ଖାଇବାକୁ ଦେଉଛନ୍ତି ।

ଦଶପଲ୍ଲା,୧୬।୪(ଡି.ଏନ୍.ଏ.)

ମହାବୀର କ୍ଷେତ୍ର ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଉତ୍ସବ ଥିଲା ଶ୍ରୀରାମବିଳାପ, ସବରୀ ମୋକ୍ଷ, ବାଳୀ ବଧ ଏବଂ ସୁଗ୍ରୀବ ଅଭିଷେକ ଉତ୍ସବ । ପୂର୍ବାହ୍ନରେ ଶ୍ରୀ ରଘୁନାଥ ଜୀଉ ଏବଂ ମହାବୀର ଦେଙ୍କ ମନ୍ଦିର ପରିସରରେ ଠାକୁରଙ୍କ ନୀତି ଅନୁଯାୟୀ ପୂଜା ସରିବା ପରେ ରାତିରେ ମନ୍ଦିର ସମ୍ମୁଖରେ ରଙ୍ଗମଞ୍ଚରେ ରାମଲୀଳା ମଞ୍ଚସ୍ଥ ହୋଇଥିଲା । ଶୁକ୍ରବାର ରାତିରେ ସୀତା ହରଣ ଦୃଶ୍ୟ ଦର୍ଶକ ଆଖିରେ ଲୁହ ଭରି ଦେଇଥିଲା। ଶନିବାର ଶ୍ରୀରାମ ବିଳାପ ଦୃଶ୍ୟ ମଧ୍ୟ ଦର୍ଶକମାନଙ୍କୁ ଦୁଃଖ ଦେଇଥିଲା । ମାରିଚଙ୍କୁ ବଧ କରି ଫେରିବା ପରେ ଶ୍ରୀ ରାମ ସୀତାଙ୍କୁ ନ ଦେଖି ବିକଳ ହୋଇ ଯାଇଥିଲେ ,ଏହି ଦୃଶ୍ୟ ଏପରି ଥିଲା ଯେ, ଦର୍ଶକଙ୍କ ଆଖିରେ ଲୁହ ଭରି ଦେଇଥିଲା । ବାଟରେ ଜଟାୟୁ ସୀତା ହରଣ ବିଷୟରେ ଶ୍ରୀରାମଙ୍କୁ କହିବା ପରେ ପ୍ରାଣତ୍ୟାଗ କରିଥିଲେ । ରାମ ଲକ୍ଷଣ ତାଙ୍କର ମୃତଦେହ ସତ୍କାର କରି ସୀତାଙ୍କୁ ଖୋଜିବାକୁ ବାହାରିଥିଲେ । ବାଟରେ ଶବରୀ ଆଶ୍ରମ ନିକଟରେ ପହଞ୍ଚି ଥିଲେ ଦୁଇ ଭାଇ । ଶବରୀ ଦୁହିଁଙ୍କୁ ଚିହ୍ନି ପାରି ସୁଆଦିଆ ଫଳ ଖୁଆଇ ଦେଇଥିଲେ । ଏହାପରେ ବାଳୀ ସୁଗ୍ରୀବ ଯୁଦ୍ଧ ହେଇଥିଲା ,ବାଳୀଙ୍କୁ ବଧ କରିବା ପରେ ରଙ୍ଗମଞ୍ଚରେ ସୁଗ୍ରୀବ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ODISHA COOPERATIVE TASAR & SILK FEDERATION LTD. (SERIFED)
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in
Letter No. VII - 1(21)/SERIFED/2021-22-459 Date: 11.04.2022
EXPRESSION OF INTEREST
SELECTION OF ADVERTISING FOR PUBLICITY & BRANDING ACTIVITIES OF SERIFED LTD.
Odisha Co-Operative Tasar & Silk Federation (SERIFED) Ltd., under the control of Handlooms, Textiles & Handicrafts Dept., Govt. of Odisha invites quotations from advertising agencies having experience in Advertising, Branding, Publicity & Events for selection in SERIFED for a period of two years (2022-23 & 2023-24). The detailed EOI can be seen / downloaded from Govt. website **www.tendersodisha.gov.in** during the period of **Dt.18.04.2022 to Dt.27.04.2022 up to 05:00 PM** Online bid shall be received up to 05:00 P.M. dt. 27.04.2022. **The Authority reserves the right to accept or reject any or all quotations at any time without assigning any reason thereof.** Sd/-
MANAGING DIRECTOR

OFFICE OF THE SUPERINTENDING ENGINEER, RWS & S DIVISION, BARGARH
Email: eerwss_bgh@nic.in, Ph. (O): 06646 233220, FAX: 06646 234626
No.1717 / Dt.13.4.2022
CANCELATION OF BID ID NO. 19 OF 2021-22 & TENDER CALL NOTICE NO. 1613 DT.05.04.2022
No.O-73:- The bid identification 19 of 2021-22 & tender call notice No.1613 dated 05.04.2022 of the Executive Engineer, RWS&S Division, Bargarh is hereby cancelled.
Sd./- Executive Engineer, RWSS
OIPR-25157/11/0002/2223

idco Your power to grow | ODISHA NEW OPPORTUNITIES
No.CAD-198
File No.- HO/Civil/T&E-E-4522/04/2021/9124 Dt.13.04.22
OFFICE OF THE CHIEF GENERAL MANAGER (CIVIL)
IDCO, IDCO TOWER, BHUBANESWAR
Bid Identification No. Civil/EST-08/2021-22
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1. **Name of the Work :** Supply of Non Modular Fixed Items and Modular Furniture (Loose Items) for Accommodation Building (Hostel) for players & support staffs in BPUT Campus, Rourkela.
2. **Value of the Work:** Rs.1450.00 Lakhs (Approx.)
3. **Period of Completion:** 04 (Four) Calendar Months
4. **Availability of tender online for Bidding:**
   I. **Start Date** : 18.00 Hours of dt.25.04.2022.
   II. **End Date** : 17.00 Hours of dt.09.05.2022.
   III. **Opening Date** : 11.30 Hours of dt.10.05.2022.
   IV. **Prebid Meeting** : 12.00 Noon of dt. 30.04.2022.

Tender details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Chief General Manager (Civil), IDCO, Bhubaneswar
OIPR-14003/11/0026/2223

OFFICE OF THE DISTRICT MAGISTRATE & COLLECTOR, SAMBALPUR
EOI No. 904/SS **Dtd.16.04.2022**
Notice Inviting Expression of Interest for Selection of Agency/Agencies for running of Old Age Home, Destitute Home, Special Schools for VI/HI & ID in IIC, Sambalpur
District Administration, Sambalpur invites proposals from reputed agency/agencies for running of Old Age Home, Destitute Home, Special Schools fo VI/HI & ID in IIC, Sambalpur under as specified in this EOI document. The detailed EOI document can be downloaded from **www.sambalpur.nic.in** w.e.f. 16.04.2022 onwards. The last date & time for submission of EOI document by Speed Post/Registered Post/Courier etc. in all working days at the District Social Security Office, Sambalpur shall be 18.05.2022 till 1 P.M. Based on eligibility criteria as mentioned in the EOI, the applicant agency will be selected. The undersigned reserves the right to accept or reject any application without assigning any reason thereof.
Sd./- Collector, Sambalpur

idco Your power to grow | ODISHA NEW OPPORTUNITIES
No. CAD-195
OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No. BBSR/ELECT/E-4243/21-22/876 Date: 11.04.22
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work :- Supply and installation of Fire Pump, Jockey Pump & Diesel engine with accessories for OAT Building, Cuttack. (Balance work).

Procurement Officer	Bid Identification No.	Availability of Tender on-Line for Bidding	
		From	To
1	2	3	4
D.H. (Elect.), IDCO, IDCO Tower-2000, 4th Floor, Mancheswar I/E, Bhubaneswar	Bid ID No. BBSR/ ELECT/e-02/ 22-23	20.04.2022 at 17.00 hrs.	27.04.2022 at 17.00 hrs.

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can only be seen in the e-**procurement portal as well as as in IDCO website.**
Sd./- Divisional Head (Elect.)
IDCO, Bhubaneswar
OIPR-14003/11/0024/2223

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
AT/PO- NAYABAZAR, CUTTACK-753004, Tel.No. 0671-2444488, Email-serw_kpd@yahoo.com
Letter No.853 Date: 11.04.2022
No.O-77:- **1st Corrigendum Notice**
1st Corrigendum to Bid Identification No Tender Online RCK-8/22 invited this office Letter No. - 781, Dt.- 04.04.2022
The changes as detailed below are hereby made in the above N.I.T.:-
1. Clause No.-06 of NIT modified below:

Procurement Officer	Bid Identification No.	Availability of tender online for bidding		Last date & time of seeking tender clarification	Date & time of opening of tender	
		From	To		Technical bid	Financial bid
1	2	3	4	5	6	7
Chief Construction Engineer, Rural Works Circle, Kendrapara-Jajpur	Tender Online RCK-8/22	18.04.22 at 11.00 A.M.	03.05.22 to 5.00 P.M.	02.05.22 upto 1.00 P.M.	04.05.22 at 11.30 A.M.	Will be intimated later

Sd./- Chief Construction Engineer, Rural Works Circle, Kendrapara-Jajpur
OIPR-25129/11/0006/2223

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨
ସଂଖ୍ୟା 6212/IND-II-PH-1006 ତାରିଖ: 13.04.2022
No.CAD-203
ବିଜ୍ଞାପନ
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ଶ୍ରୀ ଅମନ କୁମାର ଶର୍ମା ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା, ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଖେରୁଆଳ ଗ୍ରାମରେ ୬.୦୭୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଭେଡ଼େନ୍ ନଦୀ ଶଯ୍ୟାରେ ସ୍ଥିତ ତୁମ୍ବେକେଳା ବାଲୁକା ଖଣି** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।
ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।
ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୦.୦୫.୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଖେରୁଆଳ ଗ୍ରାମରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯.୦୬.୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।
ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଝାରସୁଗୁଡ଼ା** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଝାରସୁଗୁଡ଼ା** ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଝାରସୁଗୁଡ଼ା** ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଝାରସୁଗୁଡ଼ା** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।
ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।
ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଝାରସୁଗୁଡ଼ା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
ସ୍ୱା./- ସଦସ୍ୟ ସଚିବ
OIPR-08012/11/0025/2223

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
NATIONAL COMPETITIVE BIDDING THROUGH e-Procurement
No. O-79 **Bid Identification No. Online Tender / 06-2022-23/BPR**

Identification No.	Name of Work	No. of Works	Approx. Estimated Cost (in Lakh)	Class of Contractor	Period of Completion
Online Tender / 06-2022-23/BPR	Bridge Works (BSY)	03 Nos.	From Rs.257.14 lakhs to Rs.649.14 lakhs	"B" Class, "A" Class, "Special" & "Super" Class as applicable	11 (Eleven) & 18 (Eighteen) Calendar Months as provided

| Procurement Officer | Bid Identification No. | Availability of Tender Online for Bid